

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୯ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 OCTOBER 2021
Vol.No. 32 ■ No. 258 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଲଖିମପୁର ଚାଷୀ ମୃତ୍ୟୁ ମାମଲାରେ ଯୋଗୀ ସରକାରଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୦୮/୦୯: ସୁପ୍ରିମକୋର୍ଟରେ ଲଖିମପୁର ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଥିଲା । ମୁଖ୍ୟ ବିଚାରପତି ଏନଭି ରମନ୍ନା କହିଥିଲେ ଯେ- ଆପଣମାନେ କ'ଣ ବାର୍ତ୍ତା ଦେଉଛନ୍ତି । ସାଧାରଣ ସ୍ଥିତିରେ...କ'ଣ ପୁଲିସ୍ ତୁରନ୍ତ ଯାଇ ଅଭିଯୁକ୍ତକୁ ଗିରଫ କରି ନଥାଏ ? ଯେଉଁ ଉପାୟରେ ପ୍ରକ୍ରିୟା ଆଗକୁ ଯିବା କଥା ତାହା ଯାଇନାହିଁ । ଏବେ କେବଳ କଥା ହିଁ କୁହାଯାଉଛି, କାର୍ଯ୍ୟାନୁଷ୍ଠାନ ନୁହେଁ । ତେବେ ଏହାର ପ୍ରତିକ୍ରିୟାରେ ୟୁପି ସରକାରଙ୍କ ପକ୍ଷରୁ ଓକିଲ ହରିଶ ସାଲଭେ କୋର୍ଟଙ୍କୁ କହିଥିଲେ ଯେ, ମୁଁ ସହମତ ହେଉଛି ଯେ, ଯଥେଷ୍ଟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏହି ମାମଲାରେ ଆଶିଷ ମିଶ୍ରା ଅଭିଯୁକ୍ତ ଅଛନ୍ତି । ଚାଷୀମାନେ କହିଛନ୍ତି ଆଶିଷ ମିଶ୍ରା ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଚାଷୀଙ୍କ ଉପରେ ଗାଡ଼ି ଚଢ଼ାଇଦେଇଥିଲେ, ଯେଉଁଥିରେ ୮ ଜଣଙ୍କ ମୃତ୍ୟୁ ହୋଇଛି । ଏହି ସମୟରେ ମୁଖ୍ୟ ବିଚାରପତି କହିଥିଲେ ଆମେ ଦାୟିତ୍ୱବାନ ସରକାର ଓ ପୋଲିସ୍ ପାଇଁ ଆଶା ରଖୁ । ଗୁଳିଚାଳନା ପରି ଗୁରୁତର ଅଭିଯୋଗ ରହିଛି । ୟୁପି ପୋଲିସ୍ କେଉଁ ପ୍ରକାର ସନ୍ଦେଶ ଦେବାକୁ ଚାହୁଁଛି ? ଏହାର ପ୍ରତିକ୍ରିୟା ରଖି ସାଲଭେ କହିଥିଲେ ଯଦି ମାମଲାରେ ଯଥେଷ୍ଟ ଅଗ୍ରଗତି ନହୁଏ, ତେବେ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଇ ପାରିବ । ଏହାପରେ ମୁଖ୍ୟ ବିଚାରପତି କହିଥିଲେ, ଆପଣଙ୍କ ପ୍ରତି ଆମର ସମ୍ମାନ ରହିଛି, ଆପଣ ଜାଣିଛନ୍ତି ସିବିଆଇ ସମାଧାନ ନୁହେଁ, ଆଉ କ'ଣ ପାଇଁ ତାହା ବି ଜାଣିଛନ୍ତି । ପରେ ହରିଶ ସାଲଭେ କହିଥିଲେ ଗୁଳିର କ୍ଷତ ଥିବା ନେଇ ପୋଷ୍ଟମର୍ଟମ ରିପୋର୍ଟରେ ଉଲ୍ଲେଖ ନାହିଁ । ଯେଉଁଭଳି ଭାବରେ ଗାଡ଼ି ଚଢ଼ାଇ ଦିଆଯାଇଥିବା ଅଭିଯୋଗ ହୋଇଛି, ତାହା ସତ । ସମ୍ଭବତଃ ଏହା ଏକ ହତ୍ୟା ମାମଲା । ସେପଟେ ଅଭିଯୁକ୍ତ ଆଶିଷ ମିଶ୍ରା ଫେରାର ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ମିଶ୍ରାଙ୍କ ଘର ଆଗରେ ଦ୍ୱିତୀୟ ନୋଟିସ୍ ଲଗାଇଛି ୟୁପି ପୋଲିସ୍ । ସେପଟେ ଆଶିଷ ଫେରାର ଖବରକୁ ଖଣ୍ଡନ କରିଛନ୍ତି ତାଙ୍କ ବାପା ତଥା କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା । ସୂଚନାଯୋଗ୍ୟ ଯେ, ପୂଜା ଛୁଟି ପରେ ଅକ୍ଟୋବର ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି ।

## ପ୍ରକାଶ ପାଇଲା ଓଏଏସ୍ ରେଜଲ୍ଟ : ୧୫୩ କୃତକାର୍ଯ୍ୟ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ପ୍ରକାଶ ପାଇଲା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ। ଓଡିଶା ଲୋକସେବା ଆୟୋଗ (ଓପିଏସସି)ଦ୍ୱାରା ପରିଚାଳିତ ୨୦୧୯ ଓଏଏସ୍ ପରୀକ୍ଷାରେ ମୋଟ ୧୫୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୬ ଜଣ ମହିଳା ଅଛନ୍ତି । ପ୍ରଥମ ୧୦ ଜଣଙ୍କ ମଧରେ ୩ ଜଣ ମହିଳା ଅଛନ୍ତି । ସେମାନଙ୍କ ମଧ୍ୟରୁ ଟପ୍ପର ହୋଇଛନ୍ତି ଅଶ୍ୱିନୀ କୁମାର ପଣ୍ଡା। ଦ୍ୱିତୀୟରେ ଅଙ୍କୁର ଅଭିଳାଷ, ତୃତୀୟରେ ରଶ୍ମିରେଖା ପାତ୍ର ଥିବା ବେଳେ ଚତୁର୍ଥ ଓ ପଂଚମ ସ୍ଥାନରେ ସୌମ୍ୟରଞ୍ଜନ ପ୍ରଧାନ ଓ ସିଦ୍ଧେଶ୍ୱର ନାୟକ ରହିଛନ୍ତି । ସେହିପରି ଷଷ୍ଠ ସ୍ଥାନରେ କିରଣ କୁମାର ମହାନ୍ତି , ସପ୍ତମରେ ପ୍ରଦୋଶ ପ୍ରଧାନ , ଅଷ୍ଟମ ସ୍ଥାନରେ ଦେବଦତ ପ୍ରଧାନ, ନବମରେ ଆୟୁଷୀ ପତି ଓ ଦଶମ ସ୍ଥାନରେ ନିବେଦିତା ନାୟକ ରହିଛନ୍ତି। ଓପିଏସସିର ସୂଚନା ଅନୁଯାୟୀ ୧୫.୦୩.୨୦୨୦ରେ ୨୫ ହଜାର ୭୮୦ ଜଣ ପରିକ୍ଷାର୍ଥୀ ପ୍ରିଲିମନାରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୮୮୦ ଜଣ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୧୬୧୦ ଜଣ ଡିସେମ୍ବର ୨୦୨୦ରେ ଲିଖିତ ପରୀକ୍ଷାଦେଇଥିଲେ । ସେମାନଙ୍କ ମଧ୍ୟରୁ ୩୦୭ ଜଣଙ୍କୁ ୨୦୨୧ ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୫ ତାରିଖ ମଧ୍ୟରେ ସାକ୍ଷାତକାର ପାଇଁ ଡକାଯାଇଥିଲା। ଯେଉଁଥିରୁ ମୋଟ ୧୫୩ ଜଣ କୃତକାର୍ଯ୍ୟ ହୋଇଛନ୍ତି ।

## ଆରୟନଙ୍କ ଜାମିନ୍ ଆବେଦନ ଖାରଜ କଲେ କୋର୍ଟ



ନୂଆଦିଲ୍ଲୀ,୦୮/୦୯: ଡ୍ରଗ୍ସ ମାମଲାରେ ବଢ଼ିଲା ଶାହାରୁଖ ଖାନଙ୍କ ପୁଅ ଆରୟନ ଖାନଙ୍କ ଅଡୁଆ । ମୁମ୍ବାଇର କିଲ୍ଲା କୋର୍ଟ ଆଜି ଆରୟନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ଏହି ଜାମିନ୍ ଆବେଦନ ଗ୍ରହଣଯୋଗ୍ୟ ନୁହେଁ ବୋଲି କୋର୍ଟ କହିବା ସହିତ ଏହାକୁ ଖାରଜ କରିଦେଇଛନ୍ତି । ତେବେ ଜାମିନ୍ ଆବେଦନ ଖାରଜ ହେବା ପରେ ଆରୟନ ଖାନଙ୍କ ସହିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଏବେ ଜେଲରେ ରହିବାକୁ ପଡିବ । ମାଜିଷ୍ଟ୍ରେଟ୍ କୋର୍ଟରେ ଆରୟନଙ୍କ ଓକିଲ ସତୀଶ ମାନସିନ୍ଦେ ଜାମିନ୍ ପାଇଁ ଆବେଦନ କରିଥିଲେ । ହେଲେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ କହିବା ମୁତାବକ, ଏହି ମାମଲା ସେଶନ କୋର୍ଟରେ ବିଚାର ହେବ । ଏପରିସ୍ଥଳେ ତାଙ୍କୁ ସେଶନ କୋର୍ଟ ଯିବା ଉଚିତ୍ ବୋଲି କୋର୍ଟ କହିଛନ୍ତି । ଏଥିସହିତ ଆରୟନଙ୍କ ଜାମିନ୍ ଆବେଦନକୁ ମଧ କୋର୍ଟ ଖାରଜ କରିଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଏବେ ଆରୟନ ଖାନ ଓ ଅନ୍ୟ ଅଭିଯୁକ୍ତଙ୍କୁ ମୁମ୍ବାଇର ସବୁଠୁ ବଡ ଜେଲ ଆର୍ଥର ଜେଲରୁ ୧ ନମ୍ବର ବାରାକରେ ରଖାଯାଇଛି । ତେବେ ଜେଲର ଏକ ସ୍ପେଶାଲ କ୍ୱାରେଣ୍ଟିନ୍ ବାରାକରେ ତାଙ୍କୁ ରଖାଯିବ । କ୍ରୁଜ ଭିତରେ ଡ୍ରଗ୍ସ ପାର୍ଟି ନେଇ ଏବେ ଆରୟନ ଖାନଙ୍କ ବିରୋଧରେ ଏହି ମାମଲା ଚାଲିଛି । ଯାହାକୁ ଲଢୁଛନ୍ତି ଚର୍ଚ୍ଚିତ ଓକିଲ ସତୀଶ ମାନସିନ୍ଦେ । ହେଲେ ସତୀଶ ଆଜି କୋର୍ଟରେ ଆରୟନଙ୍କ ପାଇଁ ଜାମିନ୍ ଆଣିପାରିନାହାଁନ୍ତି ।

## ବଙ୍ଗୋପସାଗରରେ ଆସିପାରେ ବାତ୍ୟା, ଓଡ଼ିଶା ଆଡକୁ ମୁହାଁଇବା ଆଶଙ୍କା



ଭୁବନେଶ୍ୱର,୦୮/୦୯(ନି.ପ୍ର): ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ୧୦ ତାରିଖରେ ଆଣ୍ଡାମାନ ସାଗରରେ ଲଘୁଚାପ ସୃଷ୍ଟି ହେବ । କ୍ରମେ ଏହା ସୁଦୃଶ୍ୟ ଲଘୁଚାପରେ ପରିଣତ ହେବ । ୪-୫ ଦିନ ସମୁଦ୍ର ମଧରେ ରହି ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଏବଂ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଆଡକୁ ଅଗ୍ରସର ହେବ । ଆଇଏମଡି ପକ୍ଷରୁ ହୋଇଥିବା ଆକଳନ ଅନୁସାରେ ୧୪ ତାରିଖ ମଧରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ, ଅବପାତର ରୂପ ନେବ । ଏହି ସମୟ ମଧରେ ଅବପାତ ଅଧିକ ଘନିଭୂତ ହେବା ସମ୍ଭାବନା ପ୍ରାୟ ୭୦ ପ୍ରତିଶତ ରହିଛି । ତେବେ ୧୫ ତାରିଖ ପରେ ଏହି ସମ୍ଭାବନା ଶତ ପ୍ରତିଶତକୁ ବଢ଼ିଯିବ । ତେଣୁ ଅବପାତ ଅଧିକ ଘନିଭୂତ ହେବା ପ୍ରାୟ ନିଶ୍ଚିତ ବୋଲି ଆକଳନ କରାଯାଉଛି । ୧୦ ତାରିଖରେ ସୃଷ୍ଟି ହେବ ଲଘୁଚାପ, ୧୪ ତାରିଖରେ ଅବପାତର ରୂପ ନେବା ସମ୍ଭାବନା, ଅଧିକ ଘନୀଭୂତ ହୋଇ ନେଇପାରେ ବାତ୍ୟାର ରୂପ, ୧୬ କିମ୍ବା ୧୭ ତାରିଖରେ ସ୍ଥଳଭାଗକୁ ଅତିକ୍ରମ କରିବା ଆଶଙ୍କା, ଅବପାତ ହେବା ପରେ ନିର୍ଣ୍ଣୟ ହେବ ଗତିପଥ । ଏପଟେ ପାଣିପାଗ ସଂସ୍ଥା ସ୍କାଏମେଟ କହିଛି, ଗୁଲାବ ପରେ ବଙ୍ଗୋପସାଗରରେ ପୁଣି ଏକ ବାତ୍ୟା ଆସୁଛି । ଆଉ ବାତ୍ୟା ଓଡ଼ିଶା ଦେଇ ଗତିକରିପାରେ ବୋଲି ଆକଳନ କରିଛି ସ୍କାଏମେଟ । ଯଦି ବାତ୍ୟା ଆସେ, ତେବେ ଏହାର ନାଁ ରହିବ 'ଜୋୱାଦ' ।

## ଆଜିଠୁ ସ୍କୁଲରେ ଦଶହରା ଛୁଟି

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଆସନ୍ତାକାଲି (ଶନିବାର) ଠାରୁ ସ୍କୁଲରେ ଦଶହରା ଛୁଟି ଆରମ୍ଭ ହେବ। ଅକ୍ଟୋବର ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ରହିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ସୂଚନା ଅନୁଯାୟୀ ଆସନ୍ତା ଦଶହରା ଏବଂ କୁମାର ପୂର୍ଣ୍ଣିମା ପାଇଁ ଅକ୍ଟୋବର ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ସରକାରୀ ସ୍କୁଲଗୁଡ଼ିକ ଛୁଟି ଘୋଷଣା କରାଯାଇଛି। ଏହି ସମୟ ମଧରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ▶▶ପୃଷ୍ଠା ୭

## ଜେଲ୍ ଗଲେ ଚିଲିକା ବିଧାୟକ



ଖୋର୍ଦ୍ଧା,୦୮/୦୯ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଖୋର୍ଦ୍ଧା ଏଡିଜେ-୧ କୋର୍ଟ ଜାମିନ୍ ଆବେଦନ ଖାରଜ କରିଦେଇଛନ୍ତି। ଫଳରେ ସେ ଖୋର୍ଦ୍ଧା ଉପକାରାଗାରକୁ ପଠାଇ ଦିଆଯାଇଛି। ତେବେ ଗତ ୫ ତାରିଖରେ ଉଚ୍ଚ ନ୍ୟାୟାଳୟରେ ଜାମିନ ପାଇଁ ଆବେଦନ କରିଥିଲେ। ମାତ୍ର ପ୍ରଶାନ୍ତଙ୍କ ଜାମିନ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିବା ସହ ତଳ କୋର୍ଟକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଆଜି ଜାମିନ ଆବେଦନର ଶୁଣାଣୀ ପାଖାପାଖି ୧୧.୩୦ ମିନିଟ୍‌ରେ ସମାପ୍ତ ହୋଇଥିଲା। ହେଲେ ରାୟକୁ ବିଚାରପତି ସଂରକ୍ଷିତ ରଖିଥିଲେ। ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ମାସ ୮ ତାରିଖରେ ବାଲୁଗାଁ ମଣ୍ଡଳର ଜଣେ ବିଜେପି ନେତାଙ୍କୁ ଆକ୍ରମଣ ଓ ସାମ୍ବାଦିକଙ୍କ ମୋବାଇଲ୍ ଛଡ଼ାଇ ନେବା ଘଟଣାରେ ବିଧାୟକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ସଙ୍ଗୀନ ଦଫା ଲାଗିଥିଲା। ଶୁକ୍ରବାର ବିଧାୟକ ଶ୍ରୀ ଜଗଦେବ ଖୋର୍ଦ୍ଧା ଏଡିଜେ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

## କେନ୍ଦ୍ର ସଡ଼କ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୦୮/୦୯ (ନି.ପ୍ର): ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ-୪୨(୫୫) ନମ୍ବରର କଟକ-ଅନୁଗୋଳ ସେକ୍ସନ ଏବଂ ସମ୍ବଲପୁର-ଅନୁଗୋଳ ସେକ୍ସନ ସଡ଼କର ସମ୍ପ୍ରସାରଣ ଏବଂ ବିକାଶମୂଳକ କାମ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ସ୍ତରରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କେନ୍ଦ୍ର ସଡ଼କ ମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଏହି ଚିଠିକୁ ଦେବା ସହ ତୁରନ୍ତ ଏହାର ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ଅନୁଗୋଳ ଜିଲ୍ଲା ବଇଣ୍ଡା ଗ୍ରାମର ବାସୀନ୍ଦାଙ୍କ ଅଭିଯୋଗ ପତ୍ର ଆଧାରରେ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୨୦୧୮ ଡ଼ିସେମ୍ବରରେ ଏନଏଚ-୪୨(୫୫)ର ଶିଳାନ୍ୟାସ ହୋଇଥିବା ବେଳେ ୨୦୨୦ ସେପ୍ଟେମ୍ବର ସୁଦ୍ଧା ନିର୍ମାଣ କାମ ଶେଷ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଜାତୀୟ ରାଜପଥର ନିର୍ମାଣ କାମ ଶେଷ ହୋଇନାହିଁ । ସେହିପରି ପାଣିମହାର ଏବଂ ଚନ୍ଦନପୋଖରୀରେ ୨ଟି ପୋଲର କାମ ଶେଷ ହୋଇନଥିବା ବେଳେ ୭ଟି ହାତୀ ଚଲାପଥ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଛି। ଏହାବ୍ୟତିତ ସଡକ ନର୍ମାଣ ପାଇଁ ଜମି ହରାଇଥିବା ଲୋକଙ୍କୁ ସଂଶୋଧିତ ମୂଲ୍ୟରେ କ୍ଷତିପୂରଣ ପ୍ରଦାନ କରାଯାଇନଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତେଣୁ ସ୍ଥାନୀୟ ବାସିନ୍ଦାଙ୍କ କଲ୍ୟାଣ ଦୃଷ୍ଟିରୁ ବ୍ୟକ୍ତିଗତ ସ୍ତରରେ ଏହାକୁ ଅନୁଧ୍ୟାନ କରିବା ସହ ସେମାନଙ୍କ ଦାବୀ ପୂରଣ କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ନିକଟରେ ଗାନ୍ଧୀ ଜୟନ୍ତୀ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଢେଙ୍କାନାଳ ଜିଲ୍ଲା ଗସ୍ତ କରିଥିଲେ। ଏହି ଗସ୍ତ କାଳରେ ବଇଣ୍ଡାର ଗ୍ରାମବାସୀମାନେ ଜାତୀୟ ରାଜପଥ-୪୨(୫୫) ନମ୍ବର ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇବା ସହ ଏକ ଦାବି ପତ୍ର ପ୍ରଦାନ କରିଥିଲେ ।

## ୬୮ ବର୍ଷ ପରେ ଏୟାର ଇଣ୍ଡିଆକୁ କିଣିଲା ଟାଟା



ନୂଆଦିଲ୍ଲୀ,୦୮/୦୯: ଯାହା ଆଶା କରାଯାଉଥିଲା ସେଇଆ ହେଲା। ସରକାରୀ ବିମାନ ସେବା ପ୍ରଦାନ କରି ସଂସ୍ଥା ଏୟାର ଇଣ୍ଡିଆକୁ ଦୀର୍ଘ ୬୮ ବର୍ଷ ପରେ ଟାଟା ସନ୍ସ କିଣିବାକୁ ସକ୍ଷମ ହୋଇଛି। ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏହାପରେ ନିଲାମ ଡକା ଯାଇଥିଲା। ଟାଟା ସନ୍ସ ୧୮ ହଜାର କୋଟି ଟଙ୍କାର ନିଲାମ ଡାକି ଏୟାର ଇଣ୍ଡିଆକୁ ନିଜ ହାତକୁ ନେଇଛି। ଆଜି ସାମ୍ବାଦିକ ସମ୍ମିଳନୀରେ ଏକଥା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ନିବେଶ ସଚିବ ତୁହିନକାନ୍ତ ପାଣ୍ଡେ ଘୋଷଣା କରିଛନ୍ତି। ଡିସେମ୍ବର ସୁଦ୍ଧା ଏୟାର ଇଣ୍ଡିଆର ସମସ୍ତ ଅଧିଗ୍ରହଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଶ୍ରୀ ପାଣ୍ଡେ କହିଛନ୍ତି, ୨୦୨୧ ଅଗଷ୍ଟ ୩୧ ସୁଦ୍ଧା ଏୟାର ଇଣ୍ଡିଆ ଉପରେ ୬୧,୫୬୨ କୋଟି ଟଙ୍କାର ଋଣ ରହିଥିଲା। ଏହାର ୧୫,୩୦୦ କୋଟି ଟଙ୍କା ବିଡର ପ୍ରଦାନ କରିବେ। ▶▶ପୃଷ୍ଠା ୭

## ନୋବେଲ ଶାନ୍ତି ପୁରସ୍କାର ପାଇବେ ୨ ସାମ୍ବାଦିକ



ନୂଆଦିଲ୍ଲୀ,୦୮/୦୯ (ନି.ପ୍ର): ଫିଲିପାଇନ୍ସର ସାମ୍ବାଦିକା ମାରିଆ ରେସା ଏବଂ ଋଷର ସାମ୍ବାଦିକ ଦିମିତ୍ରି ମୁରାଟୋବଙ୍କୁ ଆଜି ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ନରୱେ ନୋବେଲ କମିଟିର ସଭାପତି ବେରିଟ୍ ରିସ୍-ଆଣ୍ଡର୍ସେନ୍ କହିଛନ୍ତି ଯେ, ବାକ୍ ସ୍ୱାଧୀନତାରକୁ ସୁରକ୍ଷା ଦେବାକୁ ଦୁହେଁ ଫିଲିପାଇନ୍ସ ଏବଂ ଋଷ ରେ କରିଥିବା ପ୍ରୟାସ ପାଇଁ ସେମାନଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି । ବେରିଟ୍ ରିସ୍-ଆଣ୍ଡର୍ସେନ୍ ଆହୁରି ମଧ କହିଛନ୍ତି ଯେ, ଗଣତନ୍ତ୍ର ଏବଂ ଗଣମାଧମର ସ୍ୱାଧୀନତା ଦିନକୁ ଦିନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବେଳେ ମାରିଆ ରେସା ଏବଂ ଦିମିତ୍ରି ମୁରାଟୋବ ବାକ୍ ସ୍ୱାଧୀନତାକୁ ସୁରକ୍ଷା ଦେଉଥିବା ସାମ୍ବାଦିକଙ୍କ ପ୍ରତିନିଧୀ ପାଲଟିଛନ୍ତି। ୨୦୧୨ରୁ ରେସା ଅନୁସନ୍ଧାନକାରୀ ସାମ୍ବାଦିକତା ପାଇଁ ଏକ ଡିଜିଟାଲ୍ ମିଡିଆ କମ୍ପାନି ରାପ୍ଲରର ସହ-ପ୍ରତିଷ୍ଠାତା ଭାବେ କାମ ଆରମ୍ଭ କରିଥିଲେ, ଯାହାକି ସେ ଏପର୍ଯ୍ୟନ୍ତ ଜାରି ରଖିଛନ୍ତି। ନିଜ ଡିଜିଟାଲ ମିଡିଆ କମ୍ପାନି ଦ୍ୱାରା ସେ ଅନେକ ଅପରାଧର ଅନୁସନ୍ଧାନ କରିଛନ୍ତି। ▶▶ପୃଷ୍ଠା ୭

## ପ୍ରକାଶ ପାଇଲା ପଂଚାୟତ ନିର୍ବାଚନର ସଂରକ୍ଷଣ ଚିଠା ପ୍ରସ୍ତାବ

ଭୁବନେଶ୍ୱର,୦୮/୦୯(ନି.ପ୍ର): ପଂଚାୟତ ନିର୍ବାଚନର ସଂରକ୍ଷଣ ବ୍ୟବସ୍ଥା ନେଇ ଆଜି ପ୍ରକାଶ ପାଇବ ଚିଠା ପ୍ରସ୍ତାବ । କେଉଁ ଆସନ କାହା ପାଇଁ ସଂରକ୍ଷଣ ହେବ ସେ ନେଇ ଜିଲ୍ଲା ସ୍ତରରେ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ରାଜ୍ୟ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୱାର୍ଡ ମେମ୍ବର ,ସରପଂଚ,ସମିତିସଭ୍ୟ,ବ୍ଲକ ଚେଆରମ୍ୟାନ,ଜିଲ୍ଲା ପରିଷଦ ସଦସ୍ୟଙ୍କ ସଂରକ୍ଷଣ ଲାଗି ଏହି ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ।ତେବେ ୱାର୍ଡ ମେମ୍ବର ,ସରପଂଚ,ସମିତିସଭ୍ୟ,ବ୍ଲକ ଚେଆରମ୍ୟାନ ପାଇଁ ଯଦି କିଏ ଚାହିଁବ ୧୬ ତାରିଖରେ ଆପତି କରିପାରିବେ।୨୧ ତାରିଖ ସୁଦ୍ଧା ଜିଲାପାଳଙ୍କ ଦ୍ୱାରା ଆପତି ଅଭିଯୋଗର ଶୁଣାଣି କରି ସମାଧାନ କରାଯିବ। ୨୬ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ସେହିପରି ଜିଲ୍ଲା ପରିଷଦ ସଦସ୍ୟ ସଂରକ୍ଷଣ ପାଇଁ ଆପତି ଥିଲେ ୧୮ ତାରିଖ ସୁଦ୍ଧା ଅଭିଯୋଗ କରିପାରିବେ। ୨୨ ତାରିଖରେ ଶୁଣାଣି କରାଯାଇ ଜିଲ୍ଲାପାଳଙ୍କ ଦ୍ୱାରା ସମାଧାନ କରାଯିବ। ୨୯ ତାରିଖରେ ସରକାରଙ୍କ ଅନୁମୋଦନ ନିଆଯାଇ ୩୦ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆସନ ପାଇଁ ୧୬ ତାରିଖରେ ଡ୍ରାଫ୍ଟ ପବ୍ଲିକେଶନ ହେବ। ୩୦ ତାରିଖ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରି ରାଜ୍ୟ ନିର୍ବାଚନ କମିଶନଙ୍କୁ ଦିଆଯିବ। ସଠିକ ସମୟରେ ନିର୍ବାଚନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଭେଂଟିଲେଟେଡ ଆମ୍ବୁଲାନ୍ସ ଲୋକାର୍ପଣ କଲେ ବିଧାୟକ

ଜୟପୁର,୮/୧୦ (ନି.ପ୍ର): ଜୟପୁର ଜିଲା ଚିକିତ୍ସାଳୟରେ ଆତ୍ୟାଧୁନିକ ଜୀବନ ରକ୍ଷାକାରି ଭେଂଟିଲେଟେଡ ଆମ୍ବୁଲାନ୍ସର ଲୋକାର୍ପଣ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର ଲୋକାର୍ପଣ କରିଛନ୍ତି । ବିଧାୟକଙ୍କ ପାଂଟିରୁ କ୍ରୟ କରାଯାଇ ଏହି ଆମ୍ବୁଲାନ୍ସ ଅଣାଯାଇଛି । ଜଣେ ରୋଗି ପାଇ ଯାହା ଆବଷ୍ୟକ ଏହି ଆମ୍ବୁଲାନ୍ସରେ ଅଛି । ଗତ ଦିନରେ ଗୁରୁତର ରୋଗିକୁ ରିକ୍ସନେଇ ବାହାରକୁ ଚିକିତ୍ସା ପାଇ ପଠାଯାଉଥିଲା । କିନ୍ତୁ ବର୍ତମାନ ଶୀତ କାଳିନ ଆତ୍ୟାଧୁନିକ ଜୀବନ ରକ୍ଷାକାରି ଭେଂଟିଲେଟେଡ ଆମ୍ବୁଲାନ୍ସରଆତ୍ୟାଧୁନିକ ଜୀବନ ରକ୍ଷାକାରି ଭେଂଟିଲେଟେଡ ଆମ୍ବୁଲାନ୍ସ ଥିବାରୁ ରୋଗିକୁ ଆଉ ବିପଦ ଜନକ ଅବସ୍ଥାରେ ଯିବାକୁ ପଡିବ ନାହିଁ । ଏହି କାଯ୍ୟକ୍ରମରେ ବିଧାୟକ ବାହିନିପତି ମୁଖ୍ୟ ଶାସନ ସଚିବ, ଜିଲାପାଳ ଙ୍କୁ ଧନ୍ୟବାଦ ଦେଇଥିଲେ । କୋରାପୁଟ ଜିଲାବାସୀଙ୍କ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ପାଇଁ ଜରୁରି ହୋଇଥିବା ବେଳେ ବିଧାୟକ ବାହିନିପତି ହୃଗ ବୋଧ କରି ବିଧାୟକ ପାଣ୍ଠିରୁ ରାଜ୍ୟ ସରକାରଙ୍କ ଅମୁମିତି ନେଇ କ୍ରୟ କରାଯାଇଥିଲା । ଖୁବ ଶୁଘ୍ର ବୋରିଗୁମ୍ମା ଚିକିତ୍ସାଳୟରେ ମଧ୍ୟ ଏପରି ଆମ୍ବୁଲାନ୍ସ ଆସୁଥିବା ବିଧାୟକ ବାହିନିପତି ସୁଚନା ଦେଇଥିଲେ । ରିବନ କାଟି ସବୁଜ ରତକା ଦେଖାଇ ବିଧାୟକ ଲୋକାର୍ପଣ କରିଛନ୍ତି । ଏହି କାଯ୍ୟକ୍ରମରେ ଉପ ଜିଲାପାଳ ହେମ କାନ୍ତ ସାୟ, ଜିଲା ଚିକିତ୍ସାଳୟର ସୁପରିଟେଂଣ୍ଟେଂଟ ରବିନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଗଡ଼ ଖୋର୍ଦ୍ଧା ଓ ବାଟ ମଙ୍ଗଳା ଛକରେ ଭେହିକିଲ୍ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି

ଖୋର୍ଦ୍ଧା,୮/୧୦ (ନି.ପ୍ର): ଗଡ଼ ଖୋରଧା ଛକ ଓ ବାଟମଙ୍ଗଳା ଛକଠାରେ ଭେହିକିଲ୍ ଅଣ୍ଡରପାସ୍ ନିର୍ମାଣ କରାଯିବା ପାଇଁ ଆଜି ସ୍ୱେଚ୍ଛସେବୀ ସଂଗଠନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ଏକ ଦାବୀପତ୍ର ସ୍ଥାନୀୟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ପ୍ରକାଶଥାଉକି ଚଳିତ ବର୍ଷ ଏପ୍ରିଲ ମାସ ୩ ତାରିଖ ଦିନ ଖୋର୍ଦ୍ଧା ଠାରେ ଏକ ଆନ୍ଦୋଳନ କରାଯାଇଥିଲା । ଏଥିରେ ଜିଲ୍ଲାପାଳ ଅଫିସ୍ ଛକରେ ଏକ ଫ୍ଲାଇଓଭର ବ୍ରିଜ୍ ଏବଂ ଗଡ଼ ଖୋରଧା ଓ ବାଟମଙ୍ଗଳା ଛକଠାରେ ଦୁଇଟି ଭେହିକିଲ୍ ଅଣ୍ଡରପାସ୍ ନିର୍ମାଣ କରାଯିବା ପାଇଁ ସରକାରଙ୍କ ପାଖରେ ଦାବୀ କରାଯାଇଥିଲା । କିନ୍ତୁ କେବଳ ଜିଲ୍ଲାପାଳଙ୍କ ଅଫିସ୍ ନିକଟସ୍ଥ ଛକ ଉପରେ ଏକ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ କରାଯିବା ପାଇଁ କେନ୍ଦ୍ର ସରକାର ମଂଜୁରୀ ଦେଲେ । ବର୍ତମାନ ଦେଖାଯାଇଛି ଗଡ଼ ଖୋରଧା ଛକଠାରେ ବାରମ୍ବାର ଦୁର୍ଘଟଣା ଘଟିଚାଲିଛି । ଅନେକ ଲୋକ ମଧ୍ୟ ଏଥିରେ ପ୍ରାଣ ହରାଇ ସାରିଲେଣି । ଦ୍ୱିତୀୟତଃ ଭୁବନେଶ୍ୱରରୁ ଆସୁଥିବା ଗାଡିଗୁଡିକ ଖୋରଧା ସହରକୁ ଆସିବାକୁ ହେଲେ ବାଟ ମଙ୍ଗଳା ଛକଠାରେ ଏକମାତ୍ର ଅଣ୍ଡରପାସ୍ ମଧ୍ୟରେ ଆସିବା କଥା । କିନ୍ତୁ ଏହି ଅଣ୍ଡରପାସ୍ ଦେଇ ବସ୍ ଟ୍ରକ୍ ଯିବା ଆସିବା କରିବା ସମ୍ଭବ ନୁହେଁ । ତେଣୁ ଉପରୋକ୍ତ ୨ଟି ସ୍ଥାନରେ ଆବଶ୍ୟକତାକୁଉପଲବ୍ଧ କରିସେଠାରେ ବଡ ଧରଣର ଅଣ୍ଡରପାସ୍ ନିର୍ମାଣ କରିବାକୁ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ପାଖରେ ଦାବୀ ଉପସ୍ଥାପନ କରାଯାଇଛି । ଫୋରମର ସଭାପତି ନରେନ୍ଦ୍ର କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଯାଇଥିବା ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଚିତ୍ର ବଡ଼ଜେନା, ଶିଶିର ପରିଡା, ବିଜୟ ସାମନ୍ତସିଂହାର, ବିକ୍ରମ ଚମ୍ପତି, ଫୋରମର ସମ୍ପାଦକ ସଂଜୟ ପଟ୍ଟନାୟକ, ସମାଜସେବୀ ପ୍ରକାଶ ସାମନ୍ତରାୟ, ରାମଶଙ୍କର, ବିପ୍ର ବେହେରା, ଜୟକୃଷ୍ଣ ମହାପାତ୍ର, କେଫାତୁଲ୍ଲା ଖାଁ, ଅମିତ୍ ମହାନ୍ତି, ରଣଜିତ୍ ମହାପାତ୍ର, ପଦ୍ମଚରଣ ରାୟ, ପ୍ରମୋଦ ପଟ୍ଟନାୟକ, ସୁବାଷ ସାମନ୍ତରାୟ, ପ୍ରଦୋଷ ହରିଚନ୍ଦନ, ରମେଶ ସ୍ୱାଇଁ, ଶିବ ନାରାୟଣ ଦାସ, ଶମ୍ଭୁ ପଟ୍ଟନାୟକ, ଦାଶରଥି ସାହୁ, ମହମ୍ମଦ ଅକ୍ତର ହୁସେନ୍, ଏମ୍.ଡି.ତାହିର, ପ୍ରଦୋଷ ସାହୁ, ଜାନକୀ ବଲ୍ଲଭ, ଅଜୟ ସାହୁ ପ୍ରମୁଖ ସାମିଲ ଥିଲେ ।

# ନକଲି ବନ୍ଧୁକ ଧରି ଆସିଥିବା ୩ ଚୋର ଗ୍ରାମବାସୀଙ୍କ ହାତରେ ଧରାପଡିଲେ

ମାଲକାନଗିରି,୮/୧୦ (ନି.ପ୍ର): ନକଲି ବନ୍ଧୁକ ଧରି ଚୋରି କରିବାକୁ ଆସିଥିବା ଚୋର ହେଲେ ହଟହଟା । ନକଲି ବନ୍ଧୁକଧାରୀ ଚୋରଙ୍କୁ କାବୁ କଲେ ଗ୍ରାମବାସୀ । ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଥାନା ଅନ୍ତର୍ଗତ ଉଡୁପା ଗାଁରେ । ଗତକାଲି ବିଳମ୍ବିତ ରାତିରେ ସୀମାନ୍ତ ଛତିଶଗଡ଼ ରାଜ୍ୟ ନାରାୟଣପୁର ଅଂଚଳର କିଛି ଚୋର ଉଡୁପା ଗାଁକୁ ଚୋରି କରିବା ଉଦ୍ଦେଶ୍ୟରେ ପଶିଥିଲେ । ଚୋରଙ୍କୁ ଦେଖି ଗାଁର କିଛି ଲୋକ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ, ସେମାନେ ନକଲି ବନ୍ଧୁକ ଦେଖାଇ ଭୟଭୀତ କରି ଖସି ଯିବାକୁ ଚେଷ୍ଟା କରିଥିଲେ । ୭ ଜଣ ଚୋରଙ୍କ ମଧ୍ୟରୁ ୪ ଜଣ ଚମ୍ପଟ ମାରିଥିଲେ । ହେଲେ ତିନି ଜଣଙ୍କୁ ଧରିବାରେ ସକ୍ଷମ ହେଲେ ଗାଁ ଲୋକ । ଏହା ପରେ ଗାଁ ଲୋକ ମାଲକାନଗିରି ଆଦର୍ଶ ଥାନାକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ପହଂଚି ସେମାନଙ୍କ ପାଖରୁ ୩ଟି ନକଲି ବନ୍ଧୁକ ଜବତ କରି ଚୋରଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡିଛି ।

# କୋଭିଡ ନିୟମ ଅନୁଯାୟୀ ପୁଜା ପାଇବେ ରଜାନଗର ସ୍ଥିତ ଦୁର୍ଗା

ଜୟପୁର,୮/୧୦ (ନି.ପ୍ର): ଜୟପୁର ରାଜାନଗର ନିକଟରେ ହୋଉଥିବା ଦୁର୍ଗା ପୁଜା ହେଉଛି ଅନ୍ୟତମ । ରଜରାଜୁଡା ଅମଳ ରୁ ରଜାନଗର ମଧ୍ୟରେ ଥିବା କନକ ଦୁର୍ଗା ମନ୍ଦିରରେ ରାଜାଙ୍କ ପରିବାର ବର୍ଗ ଙ୍କ ଦ୍ୱାରା ଦଶହରା ପାଳନ କରାଯାଉ ଥିଲା । ଗତ ବର୍ଷ ଭଳି ଚଳିତ ବର୍ଷ କୋଭିଡ -୧୯ ନିୟମ ଅନୁଯାୟୀ ଦୁର୍ଗାପୁଜା ପାଳିତ ହେଇଛି । ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ୪ ଫୁଟର ମୃଣୟ ମୁତି କରାଯାଇ ପୁଜା କରାଯାଇଛି । ମଣ୍ଡପ ୩ ପଟେ ବନ୍ଦ କରାଯାଇ ପୁଜା କରାଯାଇଛି । ୭ ଜଣ ସେବାୟତ ମଧ୍ୟରେ ହିଁ ସମିତି ରହିଛି । ଭକ୍ତ ଙ୍କୁ ଦର୍ଶନ ମାନା ହୋଇଛି । ୧୯୫୦ ମସିହାରେ ଜୟପୁର ସହରର ପ୍ରଥମ ମୁତ୍ତୀ ପୁଜା ଜନସାଧାରଣ ଙ୍କ ଦ୍ୱାରା ସ୍ଥାନୀୟ ନରସିଂହ ଗୌଡଙ୍କ ଦୋକାନରେ କରାଯାଉ ଥିଲା ବୋଲି କୁହାଯାଏ । ବତ୍ତମାନ ସ୍ଥାୟୀ ମଣ୍ଡପ ରଜା ନଗର ଠାରେ କରାଯାଇ ଏଠାରେ ଦୁର୍ଗା ଙ୍କ ମୁତୀ ପୁଜା କରାଯାଉଛି । ପ୍ରତିପଦା ଠାରୁ ଆରମ୍ଭ ହୋଇ ଦଶମୀ ପଯ୍ୟନ୍ତ ଏଠାରେ ହୋମ ଯଜ୍ଞ ପୁଜା ଚାଲେ । ରଜାନଗର ସମ୍ମୁଖରେ ଦୀର୍ଘଦୀନ ଧରି ପାଳିତ ହୋଇ ଆସୁଥିବା ସାର୍ବଜନୀନ ଦୁର୍ଗା ପୁଜା କମିଟିର ଏକ ମୁଖ୍ୟ ବିଶେଷ୍ୱତ ହେଉଛି ଏହା ଏକ ସର୍ବ ପୁରାତନ ଦୁର୍ଗାପୁଜା । ଚଳିତ ବର୍ଷ କୋଭିଡ ନିମୟ ଅନୁଯାୟୀ ନିତି କାନ୍ତ ରେ ସମାପନ ହେବ ବୋଲି କମିଟି ସୁଚନା ଦେଇଥିବା ବେଳେ ସେହି ମହା ଆଳତି, ଭୋଗରୁ ପାଇବାରୁ ଭକ୍ତ ବଞ୍ଚିତ ହେବେ ବୋଲି ଜଣାଯାଇଛି । ବିନା ଜାକ ଜକମ, ଆକର୍ଷଣିୟ , ଲାଇଟ, ମେଢ କିଛି କରାଯାଇ ନଥିବାରୁ ବେଳେ ଭକ୍ତ ମଧ୍ୟ ଦର୍ଶନରୁ ବଂଚିତ ହୋଇଛନ୍ତି ।

# ସେବା ଓ ସମର୍ପଣ ଅଭିଯାନର ଶେଷ ଦିନରେ ଜିଲ୍ଲାସ୍ତରୀୟ ରକ୍ତଦାନ ଶିବିର

ନୂଆପଡ଼ା,୮/୧୦ (ନି.ପ୍ର): ଭାରତୀୟ ଜନତା ପାର୍ଟି ନୂଆପଡ଼ା ଜିଲ୍ଲା ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଠାରୁ ସେବା ଓ ସମର୍ପଣ ଅଭିଯାନ ଚାଲୁ ରହିଛି । ସେବା ଓ ସମର୍ପଣ ଅଭିଯାନର ଶେଷ ଦିନରେ ଜିଲ୍ଲାସ୍ତରୀୟ ରକ୍ତଦାନ ଶିବିର ଖଡିଆଳ ସ୍ଥିତ ଶ୍ରୀଜୀ ମଣ୍ଡପ ଠାରେ ଗୁରୁବାର ଅନୁଷ୍ଠିତ ହେଇଥିଲା । ଏଥିରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହେଇଥିଲା । ରକ୍ତ ଦାନ ଶିବିରରେ ଜିଲ୍ଲା ସଭାପତି ସୁବ୍ରତ ଠାକୁର, ସାଧାରଣ ସମ୍ପାଦକ ରାତ୍ରାନନ୍ଦ ମନୀହରା ସମସ୍ତ କମକତ୍ତା ଭାଇ ଓ ଭଉଣୀ ମାନଙ୍କ ଉପସ୍ଥିତିରେ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଖଡ଼ିଆଳ ଯୁବରାଜ ଦେବଦେବ ପ୍ରସାଦ ସିଂ ଦେଓ , କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ନଗର ସଭାପତି ବିକାଶ ସିଙ୍ଗଲ, ସୁଶାନ୍ତ କୁମାର ବିଶି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ନୂଆପଡ଼ା, ପ୍ରଶାନ୍ତ କୁମାର ଦାସ, ଜନକ ନାୟକ ମଣ୍ଡଳ ସଭାପତି, ଗୋପବନ୍ଧୁ ୍ନଛେର ମଣ୍ଡଳ ସଭାପତି, ମୋହନ ଭୋଇ ଉପ ସଭାପତି, ନରେଶ ଅଗ୍ରବାଲ ସମେତ ବହୁ ସଂଖ୍ୟାରେ ବିଜେପି କର୍ମି ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ଅନୁଷ୍ଠିତ ହେଲା ବନ୍ୟପ୍ରାଣୀଙ୍କ ସୁରକ୍ଷା ସଂପର୍କିତ କର୍ମଶାଳା

କେନ୍ଦୁଝର,୮/୧୦ (ନି.ପ୍ର): କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ନିକଟ ଅଞ୍ଜାରସ୍ଥିତ ଇକୋ ଟୁରିଜିମ ପରିସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ଉଦ୍ଧାର ପରେ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ସଂପର୍କରେ ଏକ କର୍ମଶାଳା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଏସିଏଫ୍ ଅଜୟ କୁମାର ସାହୁ, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଆଂଚଳିକ ମୁଖ୍ୟ ରୁଦ୍ର ପ୍ରସନ୍ନ ମହାପାତ୍ର, ଭେଟେନାରୀ ସର୍ଜନ (ଡବ୍ଲ୍ୟୁଟିଆଇ) ଡ଼ଃ ବନ୍ଦିତା ମିଶ୍ର, ଆସିଷ୍ଟା ଭେଟେନାରୀ ସର୍ଜନ ଶିମିଳିପାଳ (ଡବ୍ଲ୍ୟୁଟିଆଇ) ଡ଼ଃ ତିରୁଭରୁର ବିକ୍ରମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହିତ ପରିବେଶର ସୁରକ୍ଷା ସମସ୍ତଙ୍କର କର୍ତବ୍ୟ ବୋଲି କହିଥିଲେ । ବନ୍ୟପ୍ରାଣୀ ହାତୀ, ହରିଣ, ବାରହା, ଭାଲୁ, ଝିଙ୍କ ଉଦ୍ଧାର କରିବା ପରେ କିପରି ସୁରକ୍ଷିତ ରଖାଯାଇ ପୁଣି ଜଙ୍ଗଲରେ ଛଡାଯିବ ସେ ସଂପର୍କରେ ଉପସ୍ଥିତ ବନ କର୍ମଚାରୀଙ୍କୁ ତାଲିମ ଦେଇଥିଲେ । କେବଳ ବନ କର୍ମଚାରୀ ନୁହଁନ୍ତି ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ଏ ଦିଗରେ ସଚେତନ ରହି ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦେବା ସହ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଉପରେ ଉପସ୍ଥିତ ଅତିଥିବୃନ୍ଦ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ପ୍ରମୁଖ ୨୧ ଜଣ ତାଲିମ ନେଇଥିଲେ । ଶେଷରେ ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜାମ ଜିଲ୍ଲାରେ ଡେ଼ଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି

ଗଞ୍ଜାମ,୮/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କରୋନା ପରେ ପରେ ଡେ଼ଙ୍ଗୁ ସଂକ୍ରମଣର ଭୟ ଦେଖାଦେଇଛି । ଜିଲ୍ଲାରେ ଦିନକୁ ଦିନ ଡେ଼ଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତ ୨୮ ତାରିଖରେ ଡେ଼ଙ୍ଗୁ ରୋଗୀ ସଂଖ୍ୟା ୧୦୦ ଛୁଇଁଥିଲା । ଏହାର ସପ୍ତାହକ ମଧ୍ୟରେ ୩୦ ଜଣ ଡେ଼ଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ବ୍ଲକରୁ ପଜିଟିଭ୍ ଚିହ୍ନଟ ହେଉଛନ୍ତି । ଗତକାଲି ପୁଣି ଥରେ ଦୁଇ ଜଣ ଶିଶୁଙ୍କ ସମେତ ୬ ଜଣଙ୍କ ରକ୍ତ ନମୂନା ପଜିଟିଭ୍ ଆସିଛି । ସେମାନଙ୍କ ମଧ୍ୟରୁ ୪ ଜଣ ବ୍ରହ୍ମପୁର ସହରର ହୋଇଥିବା ବେଳେ ୨ ଜଣ ଚିକିଟି ବ୍ଲକର ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ । ଆଜି ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ଡେ଼ଙ୍ଗୁ ପଜିଟିଭ୍ ସଂଖ୍ୟା ୧୩୧ ରେ ପହଂଚିଛି । କ୍ରମଶଃ ଡେ଼ଙ୍ଗୁ ପଜିଟିଭଙ୍କ ସଂଖ୍ୟା ବଢୁ ଥିବାରୁ ଏହା ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି । ବର୍ତମାନ ସୁଦ୍ଧା ୧୬ ଜଣ ଶିଶୁ ଡେ଼ଙ୍ଗୁ ରେ ଆକ୍ରାନ୍ତ ହେଲେଣି । ସେହିପରି ବ୍ରହ୍ମପୁର ସହରରେ ଅଦ୍ୟାବଧି ୯ ଜଣ ଶିଶୁଙ୍କ ସମେତ ମୋଟ୍ ୪୦ ଜଣ ଡେ଼ଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଡେ଼ଙ୍ଗୁ ପଜିଟିଭ୍ ଚିହ୍ନଟ ହେଉଥିବା ଅଂଚଳକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ଲୋକଙ୍କୁ ସଚେତନ କରୁଛନ୍ତି । ଏହାର ପ୍ରତିକାର ଓ ପ୍ରତିଶେଧକ ବ୍ୟବସ୍ଥା ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଛି । ପ୍ରକାଶ ଥାଉକି, ଗଞ୍ଜାମ ଜିଲ୍ଲାରେ ଗତ ୨୦୧୨ ରେ ଡେ଼ଙ୍ଗୁ ଆତଙ୍କ ଖେଳାଇ ଦେଇଥିଲା । ସେହିବର୍ଷ ଜିଲ୍ଲାରେ ସର୍ବାଧିକ ୫୩୩ ଜଣ ଡେ଼ଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ଗତବର୍ଷ ମାତ୍ର ୯ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୧୯ ରେ ୩୦୭ ଜଣ ଡେ଼ଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିଲେ । ସେହିପରି ୨୦୧୮ ରେ ୧୫୫ ଜଣ ଡେ଼ଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିଲେ ।

# ୨ କୁଇଂଟାଲ ଗଞ୍ଜେଇ ଜବତ ୩ ଗିରଫ

ମାଲକାନଗିରି,୮/୧୦ (ନି.ପ୍ର): ଚିତ୍ରକୋଣ୍ଡା ଅଂଚଳରୁ ଛତିଶଗଡକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ନମ୍ବର ନଥିବା ଏକ ଅଟୋକୁ ଜବତ କରିଛି ପୋଲିସ । ଅଟୋ ଭିତରୁ ୨ କ୍ୱିଂଟାଲ ୩ କେଜି ଚୋରା ଗଞ୍ଜେଇ ଜବତ କରିଛି ପୋଲିସ । ଯାହାର ବଜାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଚିତ୍ରକୋଣ୍ଡା ଏସଡିପିଓ କହିଛନ୍ତି ।ଗଞ୍ଜେଇ ଚୋରା ଚାଲାଣରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୩ ଜଣ ହେଲେ ସୀତାରାମ ଖିଲ ଓ ଯଦୁ ଖିଲ ନାମକ ୨ ଅଭିଯୁକ୍ତଙ୍କ ଘର ଚିତ୍ରକୋଣ୍ଡା ବ୍ଲକ୍ ପଣସଗନ୍ଧୀ ଗାଁରେ ହୋଇଥିବା ବେଳେ, ମଙ୍ଗଳା ମୁଦୁଲି ନାମକ ଅନ୍ୟ ଜଣେ ଅଭିଯୁକ୍ତର ଘର ବଡପଦର ଗାଁରେ ବୋଲି ଜଣାପଡିଛି । ପୋଲିସ ଏମାନଙ୍କ ଠାରୁ ୩ଟି ମୋବାଇଲ ଫୋନ ସହ ନଗଦ ଟଙ୍କା ମଧ ଜବତ କରିଛି । ଏମାନେ କେଉଁ ଗଞ୍ଜେଇ ମାଫିଆଙ୍କ ନେଟୱାର୍କରେ ସଂପୃକ୍ତ ଅଛନ୍ତି, ସେନେଇ ତଦନ୍ତ କରୁଛି ମାଲକାନଗିରି ପୋଲିସ ।

# ଜୁଏଲାରୀ ଦୋକାନରୁ ଚୋରୀ ଉଦ୍ୟମ

ନୂଆପଡ଼ା,୮/୧୦ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧା ଗ୍ରାମର ଏକ ଜ୍ୱେଲେରି ଦୋକାନ ର ତାଲା ଭାଙ୍ଗି ଦୁର୍ବୃତ ମାନେ ଚୋରୀ ଉଦ୍ୟମ କରିଥିବା ସିନାପାଲି ଥାନା ରେ ଅଭିଯୋଗ ହୋଇଛି । ସୁଚନାଯୋଗ୍ୟଯେ ଗତ ରାତି ୧ ଟା ରେ କିଛି ଦୁର୍ବୃତ ମାନେ ହାତିବନ୍ଧା ଗ୍ରାମର ଗାୟତ୍ରୀ ଜ୍ୱେଲେରି ଦୋକାନ ର ସିସିଟିଭି କ୍ୟାମେରା ,ଭାଙ୍ଗି ଦେଇ ପାଖରେ ଥିବା ଫେନ୍ସିଷ୍ଟୋର ଦୋକାନ ର ବଲବ କୁ କୌଣସି ସୁତ୍ର ରୁ ବନ୍ଦ କରି ଜ୍ୱେଲେରି ଦୋକାନ ର ତାଲା କୁ କଟର୍ ସାହାଯ୍ୟ ରେ ଭାଙ୍ଗି ଦେଇ ଚୋରୀ ଉଦ୍ୟମ କରିଥିଲେ । ହେଲେ ଦୋକାନ ମାଲିକ ଓ ତାଙ୍କ ବଡ ଭାଇ ନିଦ୍ରା ରୁ ଉଠି ଦୋକାନ ଆଡକୁ ବୁଲି ଆସିଥିବା ବେଳେ କିଛି ଦୁର୍ବୃତ ଦୋକାନ ଭାଙ୍ଗୁଥିବା ଦେଖି ଚୋର ଚୋର ବୋଲି ରଡି କରିବାରୁ ଆଖପାଖ ର ଲୋକ ଉଠି ଦୋକାନ ପାଖକୁ ଆସିଥିଲେ । ଲୋକେ ପହଂଚି ଚୋର ମାନଙ୍କୁ କାବୁ କରିବା ପୁର୍ବରୁ ୩ଜଣ ଦୁର୍ବୃତ ଦୌଡ଼ି ଦୌଡ଼ି ପଳାଇ ଯାଇଥିଲେ । ହେଲେ ସେହି ସ୍ଥାନ ରେ ଥିବା ଏକ ବାଇକ୍ ଓ କଟର ମସିନ କୁ ଦୋକାନ ମାଲିକ ଥାନାରେ ଦେଇଥିବା ବେଳେ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ସିନାପାଲି ଥାନାରେ କେସ୍ ନମ୍ବର ୨୦୯ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଲାଇ ଥିବା ସିନାପାଲି ଥାନା ଅଧିକାରୀ ଡମ୍ବରୁଧର ପ୍ରଧାନ ପ୍ରକାଶ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଂଟନ

ପୁରୀ,୮/୧୦ (ନି.ପ୍ର): ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମଗିରି ଗସ୍ତ କରି ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ମାନଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଂଟନ କରିବା ସହ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଜିଲ୍ଲାର ପ୍ରାୟ ୩ ଲକ୍ଷ ୬୪ ହଜାର ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଂଟନ ପ୍ରକ୍ରିୟା ଶୁଭାରମ୍ଭ କରିବା ସହ ପ୍ରାୟ ଏକ ହଜାର ୬ କୋଟି ୮୨ ଲକ୍ଷ ଟଙ୍କା ମୂଲ୍ୟ ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମଂଚରେ ୫ ଜଣ ହିତାଧିକାରୀ କୁମାରୀ ପରିଡା, ରୁକିୟା ବିବି, ମମତା ତରେଇ, ରିଙ୍କି ସେଠୀ, ଲତା ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଂଟନ କରିଥିଲେ । ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ମାନଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରତ୍ୟେକ ଜୀବନ ମୂଲ୍ୟବାନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । କରୋନା ମହାମାରୀ ଦ୍ୱିତୀୟ ଲହର ସମୟରେ ଉତମ ଚିକିତ୍ସା ସେବା ଯୋଗାଇ ଦେବାରେ ରାଜ୍ୟ ସଫଳ ହୋଇଛି । ପୁରୀ ସହରରେ ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନା ଯାରି ରହିଛି ଯାହା ସମଗ୍ର ଦେଶରେ ପ୍ରଥମ । ଜନତାଙ୍କ ସହଭାଗିତାରେ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାରେ ଉକ୍ତ ରଥ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରିବ । ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ଶ୍ରୀ ସଞ୍ଜୟ କୁମାର ଦାସବର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାତପଡା ଠାରୁ ମୋଟୋ ପର୍ଯ୍ୟନ୍ତ ସୁରକ୍ଷା ପ୍ରାଚୀର ନିର୍ମାଣ, ପାନୀୟ ଜଳ ପ୍ରକଳ୍ପ, ସାତପଡା- ଜହ୍ନିକୁଦା ସେତୁ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ବର୍ମା ଅନୁରୋଧ କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନବ କିଶୋର ଦାସ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ, ପୁରୀ ସାଂସଦ ଶ୍ରୀ ପିନାକୀ ମିଶ୍ର, ବ୍ରହ୍ମଗିରି ବିଧାୟକ ଶ୍ରୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ରୀଡା ଓ ଯୁବ ବ୍ୟାପାର, ବିଜ୍ଞାନ ଓ କାରିଗରୀ, ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରସାରଣ କରାଯିବା ସହ ସମସ୍ତ ବ୍ଲକରେ ସ୍ୱାସ୍ଥ୍ୟ କାର୍ଡ ବଂଟନ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂପୁରର ମାନ୍ୟବର ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ୫ ଟି ସଚିବ ଶ୍ରୀ ଭି.କେ. ପାଣ୍ଡିଆନ, ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା ଓ ଆରକ୍ଷୀ ଅଧିକ୍ଷକ ଡଃ କନୱାର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଲଖନପୁରଠାରେ ହାଇଡ୍ରସିଲ ଅପରେସନ କ୍ୟାମ୍ପ ଅନୁଷ୍ଠିତ

ଝାରସୁଗୁଡ଼ା ,୮/୧୦ (ନି.ପ୍ର): ଗତ ୫ ତାରିଖରେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦ୍ୱିତୀୟ ପର୍ଯ୍ୟାୟ ହାଇଡ୍ରସିଲ ଅପରେସନ କ୍ୟାମ୍ପ ଅନୁଷ୍ଠିତ ହୋଇଛି ।
ଝାରସୁଗୁଡ଼ା ହେଉଛି ଏକ ଫାଇଲେରିଆ ପ୍ରବଣ ଜିଲ୍ଲା ଓ ଜିଲ୍ଲା ରେ ବହୁ ଫାଇଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଧାରୁ ବେଶି ହେଉଛନ୍ତି କେବଳ ହାଇଡ୍ରୋସିଲ ରୋଗୀ ।ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବାକୁ ହେଲେ ସାମୁହିକ ଔଷଧ ସେବନ କରିବା ସହ ସମସ୍ତ ହାଇଡ୍ରୋସିଲ ରୋଗୀଙ୍କୁ ଅସ୍ତ୍ରୋପଚାର କରିବା ଜରୁରୀ । ଏଥିସହ ଅନ୍ୟ ବାତଜ୍ୱର ରୋଗୀଙ୍କୁ ମଧ ଏହାର ସଫେଇ ଓ ନିୟମିତ ଯତ୍ନ ନେବାକୁ ତାଲିମ ଦେବା ଅନିବାର୍ଯ୍ୟ ଅଟେ ।
ଏହାକୁ ଦୃଷ୍ଟିରେ ରଖି ଆଜି ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ,ଝାରସୁଗୁଡ଼ା ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମିଳିତ ଆନୁକୁଲ୍ୟରେ ମାଗଣା ହାଇଡ୍ରୋସିଲ ଅସ୍ତ୍ରୋପଚାର କାର୍ଯକ୍ରମ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ବିଶେଷଜ୍ଞ ଡାକ୍ତର ସୁରେନ୍ଦ୍ର କୁମାର ଡୁଙ୍ଗୁରିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଓଟି ସହାୟକ କ୍ରିସେନ୍ସିୟା ବାରା, ଯାଜ୍ଞସେନି ଭଇଁସାଲ,ସହାୟକ ଭାସ୍କର ଚନ୍ଦ୍ର ବେହେରା,ରୁଦ୍ର ମାଝୀ ,ନିରଞ୍ଜନ ବୁଖ୍ରା ପ୍ରମୁଖ ସହଯୋଗ କରିଥିଲେ । ଏହି ଶିବିରରେ ୧୯ ଜଣ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ ଦୋଲାମଣି ପଟେଲ, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପଧାନ, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ବୈକୁଣ୍ଠନାଥ କଶ୍ୟପ ପ୍ରମୁଖ ଯୋଗଦେଇ ଶିବିର ର ଶୁଭାରମ୍ଭ କରିବା ସହ ସମ୍ପୂର୍ଣ୍ଣ କାର୍ଯକ୍ରମ କୁ ପରିଚାଳନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଏହି ଶିବିରରେ ଭେକ୍ଟର ବାହିତ ରୋଗ ବୈଷୟିକ ସହାୟକ ସଞ୍ଜୟ କୁମାର ବାରିକ,ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଶିକ୍ଷା ସୂଚନା ଅଧିକାରୀ ସ୍ୱର୍ଣ୍ଣପ୍ରଭା ଯୁଏଡ,ସ୍ୱାସ୍ଥ୍ୟ କର୍ମୀ ଲାଲବାହଦୂର ସ,ଜଗନ୍ନାଥ ରାଉତ ସହଯୋଗ କରିଥିଲେ ।
ଏଠାରେ ସୂଚନାଯୋଗ୍ୟ ଯେ ସଂକ୍ରମିତ ମାଈ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଏହି ରୋଗ ବ୍ୟାପିଥାଏ । ପରବର୍ତୀ ପର୍ଯ୍ୟାୟ ରେ ଲଖନପୁର ବ୍ଲକ ରେ ପୁଣି ଏହି ଶିବିର ଅନୁଷ୍ଠିତ ହେବ ।

# ପୂର୍ବତନ ମନ୍ତ୍ରୀ କେନ୍ଦ୍ରାପଡାର ବରପୁତ୍ର ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ୪୧ତମ ଶ୍ରାଦ୍ଧ ଦିବସ ପାଳିତ

କେନ୍ଦ୍ରାପଡ଼ା, ୦୭ ଅକ୍ଟୋବର (ହି.ସ.) – କେନ୍ଦ୍ରାପଡାର ବରପୁତ୍ର, ଓଡିଶାର ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ଆଇନଜୀବି ତଥା ପୂର୍ବତନ ଆଡଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁ କେନ୍ଦ୍ରାପଡା ଜିଲ୍ଲାର ଜଣେ ବିକାଶ ପୁରୁଷ ଭାବେ କେନ୍ଦ୍ରାପଡାର ସାମୁହିକ ବିକାଶରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ଓ ସେ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରତିଷ୍ଠାତା । ତାଙ୍କ ରାଜନୈତିକ ଜୀବନରେ କେନ୍ଦ୍ରାପଡା ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନର ସୁବିଧା କରିବା ସହ କେନ୍ଦ୍ରାପଡାରେ ଶିକ୍ଷାଚଂଳ, ବଳଦେବଜୀଉ ପାୱାରଲୁମ, ବିଚାର ବିଭାଗର ନୂତନ କୋର୍ଟ ପ୍ରତିଷ୍ଠା ଓ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରିବା ସହ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ମଧ୍ୟ ସେ କରିଥିଲେ । ସେ ସମୟରେ କୃଷିର ଉନ୍ନତି ପାଇଁ ଜଜାଙ୍ଗ ଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ କେନ୍ଦ୍ରାପଡାରେ ଇଞ୍ଜିନିଅରିଂ ସ୍କୁଲ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ପରବର୍ତି ସମୟରେ ରାଜନୈତିକ ଇଛାଶକ୍ତି ଅଭାବରୁ ସେହି ଇଞ୍ଜିନିଅରିଂ ସ୍କୁଲଟି କେନ୍ଦ୍ରାପଡାରୁ ଅନ୍ୟତ୍ର ଉଠିଯାଇଥିଲା । । ଆଜି ତାଙ୍କ ଶ୍ରାଦ୍ଧଦିବସ ଅବସରରେ କେନ୍ଦ୍ରାପଡା ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ସ୍ୱର୍ଗତ ସାହୁଙ୍କ ଆବକ୍ଷ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁଙ୍କ ଆବାହକତ୍ୱରେ ଏବଂ ଅଧାପକ ଅଜୟ କୁମାର ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପ୍ରାଧାପକ ନନ୍ଦ କିଶୋର ପରିଡା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସାହିତ୍ୟିକ ଡଃ. ବାସୁଦେବ ଦାସ, ଜିଲ୍ଲା ଓକିଲ ସଙ୍ଘର ପ୍ରାକ୍ତନ ସଭାପତି ଧ୍ରୁବ ଚରଣ ଜେନା ଓ ସରୋଜରାଜ ସିଂ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ତଥା ସମାଜସେବୀ ପ୍ରଦିପ କୁମାର ମହାନ୍ତି, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ପୂର୍ବତନ ଅଧକ୍ଷ ବିପିନ ବିହାରି ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତି, ବିଜୟ ପତି, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ଶରତ ବେହୁରା, ମୁକ୍ତାର ଖାଁ, ଗୋପାଳକୃଷ୍ଣ ଜେନା, ଶୁକଦେବ ସାହୁ, ଆଲୋକ ସାହୁ, ଶୁକଦେବ ଦାସ, ଦେବେନ୍ଦ୍ର ସାହୁ, କୁଞ୍ଜ ବିହାରି ପରିଡା, ଅମୀୟ ନାୟକ, ଦେବେନ୍ଦ୍ର ସାହୁ, ଶାନ୍ତିସ୍ୱରୂପ ଭୂୟାଁ, ଲକ୍ଷ୍ମୀକାନ୍ତ ନାୟକ, ରଞ୍ଜନ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ ସାମ୍ବାଦିକ ରବିନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ ।



# ବିରଜା କ୍ଷେତ୍ର




ଦିଲ୍ଲୀପ କୁମାର ସାହୁ


ଓଡିଶାର ଅନ୍ୟତମ ସାଂସ୍କୃତିକ ପ୍ରାଣକେନ୍ଦ୍ର ଯାଜପୁର। କେଶରୀ ବଂଶର ରାଜା ଯଜାତୀ କେଶରୀ , ପୂଣ୍ୟତୋୟା ବୈତରଣୀ କୂଳରେ ଅଶ୍ୱମେଧ ଯଜ୍ଞ କରି ପ୍ରତିଷ୍ଠା କରିଥିଲେ ସେହି ସହ। ତେଣୁ ତାହା ପ୍ରଥମେ ଯଜ୍ଞପୁର ଓ ପରେ ଯାଜପୁର ଭାବରେ ଖ୍ୟାତ ହେଲା। ମାଆ ବିରଜା ହେଉଛନ୍ତି ଯାଜପୁରର କ୍ଷେତ୍ରେଶ୍ୱରୀ । ତେଣୁ ଯାଜପୁରକୁ ବିରଜା କ୍ଷେତ୍ର କୁହାଯାଏ ।

ଦୁର୍ଗାଙ୍କର ଅବତାର ହୋଇଥିବାରୁ ମାଆ ବିରଜା ସିଂହବାହିନୀ ମହିଷମର୍ଦ୍ଦିନୀ ରୂପରେ ବିରାଜିତା । ଦୁର୍ଗା ଦଶଭୂଜା ହୋଇଥିବା ବେଳେ ବିରଜା ହେଉଛନ୍ତି ଦ୍ୱିଭୂଜା ଓ ସେ ବଧ କରୁଥିବା ମହିଷାସୁର ମହିଷୀ ରୂପରେ ଅବତୀର୍ଣ୍ଣ। ମାଆଙ୍କର ଗୋଟିଏ ପାଦ ସିଂହ ଉପରେ ଓ ଅନ୍ୟପାଦଟି ରହିଛି ମହିଷୀର ଛାତି ଉପରେ । ମାଆ ତାଙ୍କର ବାମ ହସ୍ତରେ ମହିଷୀର ଲାଞ୍ଜଟିକୁ ଧରିଛନ୍ତି ଓ ଦକ୍ଷିଣ ହସ୍ତରେ ଧାରଣକରିଥିବା ଶୂଳ ମହିଷୀର ବକ୍ଷକୁ ଭେଦ କରିଛି । ମାଆ ବିରଜାଙ୍କ ସେହି ଦୈତ୍ୟ ଦଳିନୀ କମନୀୟ ମୂର୍ତ୍ତି ମୁଗୁନି ପଥରରେ ନିର୍ମିତ। ପାଞ୍ଚ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପ୍ରସ୍ତର ସିଂହାସନ ଉପରେ ମାଆ ଅଧିଷ୍ଠିତା । କିମ୍ବଦନ୍ତୀ କହେ ମାଆ ଭୂଗର୍ଭରେ ଲୁକ୍କାୟିତ ଅବସ୍ଥାରେ ଥିଲେ। ବ୍ରହ୍ମା ଯଜ୍ଞ କରି ମାଆଙ୍କୁ ଧରାବତରଣ କରାଇଥିଲେ ।

ମାଆ ବିରଜାଙ୍କ ପୀଠର ଉତ୍ପତ୍ତି ସମ୍ପର୍କରେ ଗୋଟିଏ ସୁନ୍ଦର ପୌରାଣିକ କାହାଣୀ ରହିଛି । ପ୍ରଭୁ ଶିବସମ୍ଭୂଙ୍କ ଶ୍ୱଶୁର ତଥା ମାଆ ପାର୍ବତୀ ଙ୍କ ପିତା ଦକ୍ଷ ଏକଦା ଯଜ୍ଞ କରୁଥିଲେ । ସେହି ଯଜ୍ଞକୁ ସେ ଭୋଳାନାଥଙ୍କୁ ଛାଡି ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରିଥିଲେ। ପାର୍ବତୀ ଏହାକୁ ସହି ପାରିନଥିଲେ । ଏହାର କାରଣ ଜାଣିବା ପାଇଁ ସେ ପିତ୍ରାଳୟକୁ ଆସିବା ମାତ୍ରେ ଦକ୍ଷଙ୍କ ଦ୍ୱାରା ଅପମାନିତ ହୋଇଥିଲେ । ପାର୍ବତୀ ଆଉ ଶିବାଳୟ ପ୍ରତ୍ୟାବର୍ତ୍ତନ ନକରି ଯଜ୍ଞ କୁଣ୍ଡରେ ଆତ୍ମ ବିସର୍ଜନ କରିଥିଲେ । ପତ୍ନୀଙ୍କ ମୃତ୍ୟୁ ଖବର ଭୋଳାନାଙ୍କୁ ବ୍ୟଥିତ କରିଥିଲା । ସେ ରାଗ ଜର୍ଜରିତ ହୋଇ ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ ଓ ପାର୍ବତୀଙ୍କ ମରଶରୀରକୁ ଧରି ତାଣ୍ଡବ ନୃତ୍ୟ କରିଥିଲେ। ତାଙ୍କ ନୃତ୍ୟରେ ତିନିପୁର ଥରି ଉଠିଥିଲା । ସମସ୍ତେ ଭୟରେ ଶିହିରୀ ଉଠିଲେ । ମହାଦେବଙ୍କୁ କ୍ଷାନ୍ତ କରିବା ନିମନ୍ତେ ଦେବତାମାନେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ବିଷ୍ଣୁ ଘଟଣା ସ୍ଥଳରେ ପହଞ୍ଚି ସୁଦର୍ଶନ ଚକରେ ମାଆଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଫିଙ୍ଗି ଦେଇଥିଲେ। ଏହାପରେ ଆସ୍ତେ ଆସ୍ତେ ଭୋଳାନାଥଙ୍କ କ୍ରୋଧ ଶାନ୍ତ ହୋଇଥିଲା । ମାଆଙ୍କ ଶରୀରର ଅଂଶ ସବୁ ଯେଉଁଠାରେ ପଡିଥିଲା ସେଠାରେ ଗଢି ଉଠିଥିଲା ଗୋଟିଏ ଗୋଟିଏ ଶକ୍ତିପୀଠ । ଯାଜପୁରରେ ପଡିଥିଲା ମାଅଙ୍କ ନାଭି । ତେଣୁ ମାଆଙ୍କ ନାଭିରୁ ସୃଷ୍ଟି ହୋଇଥିବା ବିରଜା ପୀଠ, ନାଭି କ୍ଷେତ୍ର ଭାବରେ ମଧ କ୍ଷାତ ।



ପୁରାଣ ଯୁଗରୁ ସୃଷ୍ଟି ବିରଜା କ୍ଷେତ୍ରରେ ସୁଶୋଭିତ ମାଅଙ୍କ ମନ୍ଦିରଟି ତ୍ରୟୋଦଶ ଶତାବ୍ଦୀରେ ନିର୍ମିତବୋଲି ଐତିହାସିକମାନେ ମତ ଦିଅନ୍ତି । ମନ୍ଦିରର ନିର୍ମାତା ସୋମବଂଶୀ ରାଜା ଯଜାତୀ ଦ୍ୱିତୀୟ । ମାଆ ହେଉଛନ୍ତି ପରମ ବୈଷ୍ଣବୀ, ଶିବଶକ୍ତିମୟୀ ରୁଦ୍ରାଣ, ବ୍ରହ୍ମସ୍ୱରୂପିଣୀ ଆଦିମାତା । ପ୍ରତିଦିନ ସକାଳ ଚାରିଟାରେ ମାଆଙ୍କ ମନ୍ଦିର ଖୋଲେ। ମାଆଙ୍କୁ ସ୍ନାନ କରାଯାଇ ବେଶ କରାଯାଏ । ବେଶ ସରୁସରୁ ପ୍ରାୟ ଛଅ ଟା ବାଜିଯାଏ । ମଥାରେ ସ୍ୱର୍ଣ୍ଣ ମୁକୁଟ ଗଳାରେ ନାନାବିଧ ଅଳଙ୍କାର ଓ ରଙ୍ଗବେରଙ୍ଗର ଫୁଲମାଳ ପରିହିତା ହେବା ପରେ ମାଆଙ୍କର ରୂପ ଝଲସି ଉଠେ । ସେହି ରୂପ ସନ୍ଦର୍ଶନରେ ଭାବ ଭକ୍ତିରେ ବିଭୋର ହୋଇଯାଆନ୍ତି ଭକ୍ତମାନେ । ବେଶ ପରେ ମାଆଙ୍କ ପାଖରେ ବାଳଭୋଗ ଲାଗିହୁଏ।

ମଧ୍ୟାହ୍ନ ଧୂପରେ ମାଆଙ୍କ ପାଖରେ ଅନ୍ନ ଭୋଗ ଲାଗେ । ଦିନ ଦୁଇଟାରେ ମନ୍ଦିରରେ ପହଡ ପଡେ । ପହଡ ଖୋଲେ ଅପରାହ୍ନ ତିନିଟାରେ । ସନ୍ଧ୍ୟାରେ ଆଳତୀ ଦେଖିବା ପାଇଁ ମନ୍ଦିରରେ ବେଶ୍ ଗହଳି ହୁଏ । ରାତ୍ରି ପ୍ରସାଦ ଲାଗି ହେବାପରେ ମାଆଙ୍କର ପହଡ ପଡେ । ମନ୍ଦିର ବନ୍ଦ ହେବାବେଳକୁ ରାତି ପ୍ରାୟ ଦଶଟା ବାଜିଯାଇଥା।

କେବଳ ଓଡ଼ିଶାରେ ନୁହେଁ ସାରା ଭାରତରେ ରହିଛି ମାଆ ବିରଜାଙ୍କ ଖ୍ୟାତି। ସେଥିପାଇଁ ପ୍ରତିଦିନ ମାଅଙ୍କ ମନ୍ଦିରରେ ଶ୍ରଦ୍ଧାଳୁ ମାନଙ୍କ ଭିଡ ଦେଖିବାକୁ ମିଳେ ।

ପୂର୍ବଜ ମାନଙ୍କୁ ପିଣ୍ଡଦାନ କରିବା ନିମନ୍ତେ ଅନେକ ଲୋକ ବିରଜା କ୍ଷେତ୍ରକୁ ଆସିଥାନ୍ତି ।

ବିଶେଷ କରି ମହାଳୟା ପରି ଦିନ ମାନଙ୍କରେ ଶହଶହ ଲୋକ ସେମାନଙ୍କ ପୂର୍ବ ପୁରୁଷଙ୍କୁ ସେହି କ୍ଷେତ୍ରରେ ପିଣ୍ଡଦାନ କରିଥାନ୍ତି ।

ଅନ୍ୟାନ୍ୟ ଶକ୍ତିପୀଠ ପରି ବିରଜା କ୍ଷେତ୍ରର ବଡ ପର୍ବ ଶାରଦୀୟ ଦଶହରା । ସେହି ସମୟରେ ସେଠାରେ ଏକ ରଥଯାତ୍ରାର ଆୟୋଜନ କରାଯାଏ, ଯାହାକି କ୍ଷେତ୍ରର ଏକ ନିଆରା ପରମ୍ପରା । ଆଶ୍ୱିନ ଶୁକ୍ଳ ପ୍ରତିପଦରୁ ସେହି ଯାତ୍ରା ଆରମ୍ଭ ହୋଇ ଶେଷ ହୋଇଥାଏ ନବମୀ ତିଥିରେ । ସେହି ନବଦିନାତ୍ମକ ରଥଯାତ୍ରାରେ ମାଆଙ୍କର ଚଳନ୍ତି ପ୍ରତିମାଙ୍କୁ ରଥାରୁଢ କରାଯାଇ ମନ୍ଦିର ବାହାରେ ବେଢ଼ା ଚତୁର୍ପାର୍ଶ୍ୱ ପରିକ୍ରମା କରାଯାଏ । ମାଆଙ୍କର ସେହି ରଥର ଧ୍ୱଜରେ ସିଂହ ଚିହ୍ନ ଥିବାରୁ ରଥଟି ସିଂହଧ୍ୱଜ ରଥ ଭାବରେ ନାମିତ । ମହାନବମୀ ଦିନ ଅପରାଜିତା ହୋମ ପରେ ମାଆ ମହିଷାସୁରକୁ ବଧ କରନ୍ତି ଓ ମନ୍ଦିରରେ ପ୍ରବେଶ କରନ୍ତି ।

ମାଆ ବିରଜା ମହା ମହିମାମୟୀ । ସେ ଶାନ୍ତି ପ୍ରଦାୟିନୀ, ଶକ୍ତି ପ୍ରଦାୟିନୀ , ଅଭୟ ଦାୟିନୀ । ତାଙ୍କୁ ସ୍ମରଣ କଲେ ସବୁ ଦୁଃଖ ଦୂର ହୋଇଥାଏ। ଆସନ୍ତୁ ତାଙ୍କ ପାଦରେ ପ୍ରଣତି ଜଣାଇ ସାରା ଦୁନିଆର ମଙ୍ଗଳ କାମନା କରିବା।


+ଶଙ୍କରପୁର,
ଚାରବାଟିଆ, କଟକ
ମୋ- ୯୮୬୧୧୨୬୧୯୭








# ନବରାତ୍ରୀର ନବ ଦୁର୍ଗା

## ନବରାତ୍ରୀର ତୃତୀୟ ଦିନ- ଦେବୀ ଚନ୍ଦ୍ର ଘଣ୍ଟା


ସୁଷମା ପରିଜା




ସୁବର୍ଣ୍ଣ ବର୍ଣ୍ଣା ସେ ଦେବୀ ଅଟନ୍ତି ତ୍ରିନେତ୍ରା ।।
ଅର୍ଦ୍ଧଚନ୍ଦ୍ର ଶୋହେ ଭାଲେ ରୂପ ନମନୀୟ
ସ୍ୱର୍ଣ୍ଣ ବର୍ଣ୍ଣ ସିଂହ ପୃଷ୍ଠେ ମାତା ଯେ ବିଜୟ ।।
ଆରତନାଶିନୀ ରୂପେ ଯେ ଆସିଛନ୍ତି ମାତ
ଦୁଷ୍ଟ ବିନାଶନ ଲାଗି ଅସ୍ତ୍ରଶସ୍ତ୍ରରେ ଶୋଭିତ ।।
ଖଡ୍ଗ, ଗଦା , ଚାପ ଶର, ତ୍ରିଶୂଳ ,ପଦ୍ମରେ
ଜପାମାଳା , କମଣ୍ଡଳ ଆଦି ଦଶଟି ଭୂଜରେ ।।
ପାଟମ୍ବର ପରିହିତା ସେ ସୁହାସିନୀ ସୌମ୍ୟା
ନାନାଳଙ୍କାରଭୂଷିତା ସେ ଲାସ୍ୟମୟୀ ରମ୍ୟା ।।
ରକ୍ତ ବର୍ଣ୍ଣ ପୁଷ୍ପ ଅଟେ ଅତି ପ୍ରିୟ ଦେବୀଙ୍କର
ରକ୍ତବର୍ଣ୍ଣ ଫଳ ଅର୍ଘ୍ୟ ଦାନେ ଅତି ଶୁଭଙ୍କର ।।
ସଙ୍କଟତାରିଣୀ ଗୋ ମାତା ଐଶ୍ୱର୍ଯ୍ୟ ଦାୟିନୀ
ଶକ୍ତି ସ୍ୱରୂପିଣୀ ମାତା ଘେନ ଗୋ ଦୟିନୀ ।।


+ଶାରଳା ଭବନ ପୋତାପୋଖରୀ
ନୂଆବଜାର, କଟକ


# ଓଜନ କମାଏ ତେନ୍ତୁଳି ରସ



ତେନ୍ତୁଳି ଖାଦ୍ୟର ସ୍ୱାଦକୁ ବଢ଼ାଇଥାଏ। ଖାଇବାକୁ ଚଟ୍‌ପଟା କରିବା ପାଇଁ ଏହାକୁ ଖଟା ଚଟଣୀ ଭାବରେ ବ୍ୟବହାର କରାଯାଇଥାଏ। ହେଲେ ବହୁତ କମ୍ ଲୋକଙ୍କୁ ଜଣା ଯେ ଶରୀରର ଓଜନ କମ୍ କରିବା ପାଇଁ ତେନ୍ତୁଳି ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍ ସି, ଇ, ବି, କ୍ୟାଲସିୟମ୍, ଆଇରନ୍, ମାଙ୍ଗାନିଜ୍, ପୋଟାସିୟମ୍, ଫସଫରସ୍ ଓ ଫାଇବର ପ୍ରଚୁର ମାତ୍ରାରେ ରହିଛି। ଏସବୁ ତତ୍ତ୍ୱ ଶରୀରରେ ଫ୍ୟାଟ୍ ବର୍ନ୍ କରିବା ସହ ଭୋକର ମାତ୍ରାକୁ କମାଇଥା'ନ୍ତି। ତା'ହେଲେ ଆସନ୍ତୁ ଜାଣିବା ଓଜନ କମାଇବା ପାଇଁ ତେନ୍ତୁଳି କିପରି ସାହାଯ୍ୟ କରିଥାଏ ଏବଂ ଏଥିରେ ଅନ୍ୟ କ'ଣସବୁ ସ୍ୱାସ୍ଥ୍ୟ ଲାଭ ରହିଛି।

- ♦ ତେନ୍ତୁଳିରେ ମାଙ୍ଗାନିଜ୍, ପୋଟାସିୟମ୍, ଫସଫରସ୍ ପରି ଭିଟାମିନ୍ ଓ ମିନେରାଲ୍ ବହୁ ପରିମାଣରେ ରହିଛି । ଯାହା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ।
- ♦ ଆପଣଙ୍କ ଗଳାରେ କଷ୍ଟ ହେଉଥିଲେ ବା ଥଣ୍ଡା ଯୋଗୁ ଆପଣ ଠିକ୍ରେ କଥା କହି ପାରୁନଥିଲେ ତେନ୍ତୁଳି ପାଣି ପିଅନ୍ତୁ। ଏହା ଆପଣଙ୍କୁ ଆରାମ ଦେବ।
- ♦ ଥଣ୍ଡା ହୋଇଥିଲେ ଆଉ ଗୋଟେ ଉପାୟରେ ମଧ ତେନ୍ତୁଳିକୁ ବ୍ୟବହାର କରିପାରିବେ। ଗୋଟେ ଗ୍ଲାସ୍ ଉଷୁମ ପାଣିରେ ଗୋଟେ ଚାମଚ ତେନ୍ତୁଳି ରସ ପକାଇ ପିଇଲେ ଆପଣ ଥଣ୍ଡାରୁ ଉପଷମ ପାଇ ପାରିବେ।
- ♦ ଆମ ଶରୀରରୁ ଅନାବଶ୍ୟକ ବର୍ଜ୍ୟ ବସ୍ତୁ ବାହାର କରିବାରେ ମଧ ତେନ୍ତୁଳି ସାହାଯ୍ୟ କରିଥାଏ। ଏଥପାଇଁ ଆପଣ ଦୁଇ ଛୋଟ ଚାମଚ ତେନ୍ତୁଳି ରସ ପ୍ରତିଦିନ ଖାଆନ୍ତୁ।

# ଦୀନବନ୍ଧୁ ଗୋପବନ୍ଧୁ




ବିପିନ ବିହାରୀ ମହାନ୍ତି


ଗୋପବନ୍ଧୁ ଓଡ଼ିଶାର ମଣି, ଉତ୍କଳମଣି ଜଣେ ସମାଜସେବୀ, ସମାଜ ସଂସ୍କାରକ, ସକ୍ରିୟ ରାଜନୀତିଜ୍ଞ, ସାମ୍ବାଦିକ, କବି, ପ୍ରାବନ୍ଧିକ, ବିଶିଷ୍ଟ ଶିକ୍ଷାବିତ୍ ଓ ଓକିଲ ଭାବରେ ବେଶ୍ ଜଣାଶୁଣା ଥିଲେ । ସେ ୯ ଅକ୍ଟୋବର ୧୮୭୭ ମସିହାରେ ପବିତ୍ର ଦଶହରା ଦିବସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀ ଦୈତାରୀ ଦାସ ଓ ମାତାଙ୍କ ନାମ ହେଉଛି ସ୍ୱର୍ଣ୍ଣମୟୀ ଦେବୀ । ସେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶୈଶବରୁ ସେ ଥିଲେ ମାତୃହରା ।

ପ୍ରଥମେ ତାଙ୍କର ବାଲ୍ୟଶିକ୍ଷା ଗାଁ ଚାଟଶାଳୀରେ ହୋଇଥିଲା । ୧୮୯୩ ମସିହାରେ ସେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । ସେଇଠି ତାଙ୍କର ଗୁରୁ ମୁକ୍ତିଆର ରାମଚନ୍ଦ୍ରଙ୍କ ସହିତ ସାକ୍ଷାତ୍ ହେଲା । ସେ ପାଲଟିଗଲେ ଗୋପବନ୍ଧୁଙ୍କର ଦିଗ୍‌ଦର୍ଶକ ଏବଂ ଦେଶସେବୀର ପଥପ୍ରଦର୍ଶକ । ଗୋପବନ୍ଧୁ ପୁରୀରେ ପଢୁଥିଲା ବେଳେ ପୁରୀରେ ଏକ ଭୟଙ୍କର ହଇଜା ହୋଇଥିଲା ଯେଉଁଥିରେ ପାଖାପାଖି ୭୫ ହଜାର ଲୋକ ମରିଥିଲେ । ଗୋପବନ୍ଧୁ ପୁରୀରେ ଏକ ସେବା ସମିତି ଗଠନ କରି ଏହି ହଇଜା ଆକ୍ରାନ୍ତ ରୋଗୀଙ୍କର ସେବା କରିବା ସହିତ ରାତିଦିନ ଲାଗି ସେମାନଙ୍କର ଶବ ସତ୍କାର କରୁଥିଲେ । ତାଙ୍କର ଏହି ହଇଜା ସେବାରୁ ପୁରୀ ଗଢ଼ିଉଠିଲା କଲେରା ଡାକ୍ତରଖାନା ବା କଲେରା ହସ୍‌ପିଟାଲ ନାମରେ ଯାହାକି ଏବେ ପରିଚିତ ।

ଛାତ୍ରାବସ୍ଥାରୁ ସେ ଥିଲେ ଜଣେ ବିପ୍ଳବୀ । ତେଣୁ ସେ କୌଣସି ପ୍ରକାର ଅନ୍ୟାୟକୁ ବରଦାସ୍ତ କରିପାରୁନଥିଲେ । ଏମିତିକି ତତ୍କାଳୀନ ଶିକ୍ଷାଅଧିକାରୀ ଶ୍ରୀ ରାଧାନାଥ ରାୟଙ୍କୁ ମଧ୍ୟ ଆକ୍ରମଣ ନକରି ଛାଡ଼ି ଦେଇନଥିଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ସେ ପାଲଟିଗଲେ ରାଧାନାଥ ରାୟଙ୍କର ଜଣେ ବିଶିଷ୍ଟ ବନ୍ଧୁ ।

ମାତ୍ର ୧୨ ବର୍ଷରେ ସେ ଅପର୍ତ୍ତୀ ଦେବୀଙ୍କୁ ବିବାହ କରିଥିଲେ । ବିବାହ ତାଙ୍କ ପଢ଼ାରେ ପ୍ରତିବନ୍ଧକ ନଥିଲା । ପୁରୀରୁ ମାଟ୍ରିକ୍ ପାସ୍ ପରେ ସେ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଲେ । ଠିକ୍ ଏତିକିବେଳେ ତାଙ୍କର ପିତୃବିୟୋଗ ହେଲା । ତଥାପି ଧୈର୍ଯ୍ୟ ନହରାଇ ସେ ପଢ଼ା ଚାଲୁ ରଖିଲେ ।

ଏହି ସମୟରେ ବଙ୍ଗୀୟମାନେ ଓଡ଼ିଆ ଭାଷାର ବିଲୋପ ପାଇଁ ଚକ୍ରାନ୍ତ ଆରମ୍ଭ କରିଥାଆନ୍ତି । କ୍ରାନ୍ତି ଲାଲ ଭଟ୍ଟାଚାର୍ଯ୍ୟଙ୍କ ଭାଷାରେ 'ଓଡ଼ିଆ ଏକଟା ଭାଷା ନୟେ, ଗୋପବନ୍ଧୁ ଏହା ବିରୋଧରେ ଆନ୍ଦୋଳନ କଲେ । ସେ 'କର୍ତ୍ତବ୍ୟବୋଧିନୀ' ସମିତି ଗଠନ କରି ତା ମାଧ୍ୟମରେ ଏହାର ତୀବ୍ର ପ୍ରତିବାଦ କଲେ । ତାଙ୍କର ଆହ୍ୱାନ ଥିଲା 'ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତା ଭାଷା । ଭାଷା ହିଁ ଜାତିର ପ୍ରାଣସ୍ପନ୍ଦନ' । ଏନେଇ ରାମଚନ୍ଦ୍ର ଦାଶ ଓ ଗୋପବନ୍ଧୁଙ୍କ ଉଦ୍ୟମରେ ରମ୍ଭାଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା । ୧୯୦୩ ମସିହାରେ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ସେ କଟକରେ ଯୋଗଦେଇଥିଲେ । ଏତିକି ବେଳେ ତାଙ୍କ ପ୍ରଥମ ପୁତ୍ରସନ୍ତାନଙ୍କ ମୃତ୍ୟୁ ଘଟିଲା । ତଥାପି ସେ ପଢ଼ା ଓ ଦେଶସେବାରେ ଆଗୁସାର ଥିଲେ । ୧୯୦୪ରେ ରେଭେନ୍ସା କଲେଜରୁ ବି.ଏ ପାସ୍ କଲେ । ସେତେବେଳେ ସେ ଥିଲେ ଓଡ଼ିଶାର ୧୭ ନମ୍ବର ଗ୍ରାଜୁଏଟ୍ । ତାପରେ କଲିକତାରେ ବି.ଏଲ୍ ପଢ଼ିଲେ । ସେଠାରେ ପ୍ରବାସୀ ଓଡ଼ିଆଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ଭାଙ୍ଗିପଡ଼ିଲେ ଏବଂ ଏହି ଶ୍ରମିକମାନଙ୍କୁ ନେଇ ଏକ 'ଶ୍ରମିକ ସଂଘ' ଓ ସେମାନଙ୍କର ଶିକ୍ଷାର ଉନ୍ନତିକଳ୍ପେ ଏକ 'ସାଂଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ ।

ଇତିମଧ୍ୟରେ ତାଙ୍କ ୨ୟ ପୁତ୍ରର ମଧ୍ୟ ମୃତ୍ୟୁ ହେଲା ଆଉ ଯେଉଁଦିନ ବି.ଏଲ୍ ପାସ୍ ଖବର ଶୁଣିଲେ ସେଇଦିନ ତାଙ୍କ ସ୍ତ୍ରୀଙ୍କର ମଧ୍ୟ ମୃତ୍ୟୁ ହେଲା । ସତରେ ଦଇବର ଏ କି ଦଣ୍ଡ । ତଥାପି ଗୋପବନ୍ଧୁ ନିର୍ବିକାର ପୁରୁଷ ପରି ଆଗେଇ ଚାଲିଲେ । ଧନ୍ୟ ତୁମେ ଗୋପବନ୍ଧୁ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମଧ୍ୟ ତାଙ୍କ ଭୂମିକା କମ୍ ନୁହେଁ । ମଧୁସୂଦନ ଓ ଅନ୍ୟମାନଙ୍କ ସହ ସେ ମଧ୍ୟ ଥିଲା ଅଗୁସାର । ୧୯୧୮ ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ସେବା ଥିଲା ତାଙ୍କର କର୍ମ ଏବଂ ଧର୍ମ । ବନ୍ୟା, ମରୁଡ଼ି ଓ ଯେ କୌଣସି ଦଇବ ଦୁର୍ଘଟଣା ବେଳେ ସେ ଥିଲେ ଆପତ୍‌କାଳୀନ ସାଥୀ । ଚୂଡ଼ା, ଚାଉଳ, ସାହାଯ୍ୟ ସହଯୋଗ ଓ ଲୋକବଳ ଧରି ସେ ଥିଲେ ତାଙ୍କ ପାଖରେ ହାଜର । ଆଖିରେ ଥିଲା ସେମାନଙ୍କ ପାଇଁ; କାନ୍ଦ ଆଉ କାନ୍ଦ । ଖାଲି କାନ୍ଦ । ସେ ସେମାନଙ୍କର ଦୁଃଖ ନେଇ ସରକାରଙ୍କର ପାଖରେ ଉପସ୍ଥାପନ କରୁଥିଲେ । ଦୁଃଖ ହାରୁଥିଲେ । ସେବା ପାଖରେ ତାଙ୍କ ପରିବାର ବି କିଛି ନୁହେଁ । ଥରେ ସେମିତି ବନ୍ୟାକାଳୀନ ସେବା ବେଳେ ସେ ବାର୍ତ୍ତା ପାଇଲେ ଯେ ତାଙ୍କ ପୁତ୍ର ଶଯ୍ୟାଶାୟୀ । ତାଙ୍କୁ ଯିବାକୁ ହେବ । ସେ ଗଲେ ନାହିଁ ଏବଂ ଓଲଟ କହିଲେ : ମୋ ପୁଅ ପାଇଁ ଜଗନ୍ନାଥ ଅଛନ୍ତି । ଅଛନ୍ତି ଅନ୍ୟମାନେ । ସେମାନେ ବୁଝିବେ ।... । ଯାହା ଘଟିବା କଥା ଘଟିବ । ଏଠି ଶହ ଶହ ସନ୍ତାନ ବି ଦୁର୍ଦ୍ଦଶାରେ ଅଛନ୍ତି ଦେଖିପାରୁଛ ? ମୁଁ ଏମାନଙ୍କୁ ଛାଡ଼ି କେମିତି ଯିବି ? ପୁଅ ଚାଲିଗଲା । ସେ ଗଲେ ନାହିଁ । କେମିତି ବାପା ଇଏ ?

ଆଉ ଥରେ ବନବିଦ୍ୟାଳୟ ଥିବା ବେଳେ ସେ ଘର ଭିତରେ ଶୋଇଥାନ୍ତି । ତାଙ୍କ ପାଖରେ ଶୋଇଥାନ୍ତି ତାଙ୍କର ବିଶ୍ୱସ୍ତ ସେବକ ରାମଚନ୍ଦ୍ର ବାରିକ । ବାହାର ବାରଣ୍ଡାରେ ଶୋଇଥାନ୍ତି ଆଚାର୍ଯ୍ୟ ହରହର । ପ୍ରବଳ ବର୍ଷା ତାଙ୍କ ନିଦ ଭାଙ୍ଗିଗଲା । ସେ ଉଠିକି ଭୋ ଭୋ କାନ୍ଦିଲେ । ଏ କାନ୍ଦଣାରେ ରାମଚନ୍ଦ୍ର ବାରିକ ଓ ଆଚାର୍ଯ୍ୟ ହରିହରଙ୍କର ନିଦ ଭାଙ୍ଗିଗଲା । ସେମାନେ ପଚାରିଲେ : ଏ କ'ଣ ? ଆପଣ କାନ୍ଦୁଛନ୍ତି କାହିଁକି ?

ସେ କହିଲେ : ଦେଖିପାରୁନ ମୁର୍ଖ । ଇଏ କିମିତି ବର୍ଷୁଛି । ମାସେ ତଳେ ମୁଁ ଦେଖି ଆସିଥିବା ଭଙ୍ଗା କାନ୍ଥ ଓ ଚାଳ ଉଡିଯାଇଥିବା କୁଡ଼ିଆରେ ମୋ ପିଲାଏ ବଂଚିଥିବେ କେମିତି ?

ଏ ହେଉଛନ୍ତି ଦୀନବନ୍ଧୁ, 'ଦୀନବନ୍ଧୁ ଗୋପବନ୍ଧୁ' । ତାଙ୍କର ବିଶ୍ୱାସ ଥିଲା ଯେ ସମାଜର ଉନ୍ନତି ପାଇଁ ଶିକ୍ଷା ହିଁ ଏକମାତ୍ର ଆଧାର । ଶିକ୍ଷା ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ । ଏଣୁ ସମାଜର ପ୍ରଗତି ଓ ଉନ୍ନତିକଳ୍ପେ ତଥା ମୁକ୍ତାଆର୍ ରାମଚନ୍ଦ୍ର ଦାଶଙ୍କ ପରାମର୍ଶ ଓ ମଧୁସୂଦନ ଦାସଙ୍କ ନିଷ୍ପତି କ୍ରମେ ୧୯୦୯ରେ ସେ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା ବନରେ ଗଢ଼ିଲେ ସତ୍ୟବାଦୀ ବନବିଦ୍ୟାଳୟ । ଏହା ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନର ଢ଼ାଂଚାରେ ଗଢ଼ାଗଲା ଏବଂ ଏହାର ଉଦ୍ଦେଶ୍ୟ ଥିଲା ଯେ ଏଠାକାର ଶିକ୍ଷାଦ୍ୱାରା ଯେପରି ଜଣେ ଛାତ୍ରର ଶାରୀରିକ, ମାନସିକ ଓ ଆଧାତ୍ମିକ ଉନ୍ନତି ହେଉ । ଏକ ପ୍ରାକୃତିକ ପରିବେଶ ମଧ୍ୟରେ ଏହା ଥିଲା ଏକ ଆବାସୀ ବିଦ୍ୟାଳୟ ଯେଉଁଠି ଗୁରୁଶିଷ୍ୟଙ୍କ ସଂପର୍କ ଥିଲା ପୂର୍ଣ୍ଣ, ପବିତ୍ର ଓ ମଧୁମୟ । ଏଇଠୁ ସୃଷ୍ଟି ହେଉଥିଲେ ଅନେକ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ।

ଜଣେ ଓକିଲ ହିସାବରେ ସେ ବିଫଳ କାରଣ ଗରିବ ଲୋକଙ୍କୁ ଶୋଷଣ କରିବା ତାଙ୍କର ମନୋବୃତି ନଥିଲା । ଓଲଟି ସେ ସେମାନଙ୍କର ସମସ୍ୟାକୁ କଚେରୀ ଦୁଆର ମୁହଁରୁ ମାଗଣା ମାଗଣାରେ ଆଶୁ ଆପୋଷ ସମାଧାନ କରି ଛାଡ଼ି ଦେଉଥିଲେ । କାହାକୁ ସର୍ବସ୍ୱାନ୍ତ ହେବାକୁ ସେ ଦେଉନଥିଲେ । ଗୋପବନ୍ଧୁ ମଧୁସୂଦନ ଦାସଙ୍କ ପାଖରେ ଓକିଲାତି କରୁଥିଲେ । ସେ ତାଙ୍କର ପରାମର୍ଶକ୍ରମେ ମୟୂରଭଂଜର ରାଜା ଶ୍ରୀରାମଚନ୍ଦ୍ର ଭଂଜଙ୍କର ସହକାରୀ ଓକିଲ ଭାବରେ ଯୋଗଦେଇ ବେଶ୍ ଶ୍ରଦ୍ଧାଭାଜନ ଓ ନାଁ କମାଇଥିଲେ । ତାଙ୍କର ସାଧୁତା ଓ ମଣିଷ ପଣିଆ ରାଜାଙ୍କୁ ବେଶ୍ ପ୍ରୀତ କରିଥିଲା । ରାଜାଙ୍କ ମୃତ୍ୟୁ ପରେ ସେ ମୟୂରଭଂଜ ଛାଡ଼ିଥିଲେ ।

ପ୍ରଥମରୁ ଗୋପବନ୍ଧୁ ରାଜନୀତିର ଧାର ଧରୁନଥିଲେ । ଅଥଚ ମଧୁବାବୁଙ୍କ ପ୍ରରୋଚନାରେ ସେ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ଓଡ଼ିଶା-ବିହାର ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ସେ ମଧ୍ୟ ୧୯୨୦ରେ କଲିକତାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ ଯେଉଁଠି ଗାନ୍ଧୀଙ୍କ ଆଦର୍ଶ ପ୍ରତି ସେ ଆକର୍ଷିତ ହୋଇଥିଲେ । ତାଙ୍କରି ନିମନ୍ତ୍ରଣରେ ଗାନ୍ଧିଜୀ ପ୍ରଥମ କାଠଯୋଡ଼ି ଠାରେ ଅସହଯୋଗ ଭାଷଣ ଓ ଆନ୍ଦୋଳନର ମୂଳଦୂଆ ଓଡ଼ିଶାରେ ପକାଇଥିଲେ । ଗୋପବନ୍ଧୁ ଥିଲେ ଓଡ଼ିଶା କଂଗ୍ରେସ ପ୍ରଦେଶ କମିଟିର ପ୍ରଥମ ଅଧ୍ୟକ୍ଷ । ସେ ତାଙ୍କ ପ୍ରଚେଷ୍ଟାରେ ଓ କଂଗ୍ରେସକର୍ମୀଙ୍କ ସହାୟତାରେ କଟକରେ ସ୍ୱରାଜ ସେବକ ସଂଘ ଓ ଆଶ୍ରମ ଗଠନ କରିଥିଲେ । ଯେଉଁଥିପାଇଁ ସେ ବ୍ରିଟିଶ ସରକାରଙ୍କର ଚକ୍ଷୁଶୀଳ ହେଲେ । ସେଥିପାଇଁ ସେ ୧୯୨୨ ମେ ୩୧ରେ ଗିରଫ ହୋଇ ୨ ବର୍ଷ ପାଇଁ ଜେଲ୍ ଭୋଗିଲେ ଏବଂ ୧୯୨୪ ମସିହା ଜୁନ୍ ୨୬ ଜାନୁୟାରୀରେ ହଜାରିବାଗ୍ ଜେଲରୁ ମୁକ୍ତ ହୋଇଥିଲେ । ତାଙ୍କୁ ଟ୍ରେନ୍ ଯୋଗେ କଟକ ଆସିବା ବେଳେ ଓ କଟକରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା ।

ଓଡ଼ିଶା ଲୋକଙ୍କ ଦୁର୍ଦ୍ଦଶା ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମାଗାନ୍ଧିଙ୍କ ବାର୍ତ୍ତା ଓ ଜାତୀୟ ଆଭିମୁଖ୍ୟ ପ୍ରଚାର ତଥା ଜନସାଧାରଣଙ୍କୁ ଅବଗତ କରାଇବା ପ୍ରୟାସରେ ସେ ୧୯୧୪ରେ ସତ୍ୟବାଦୀରୁ ଏକ ମାସିକ ପତ୍ରିକା 'ସତ୍ୟବାଦୀ' ଏବଂ ୪ ଅକ୍ଟୋବର ୧୯୧୯ ମସିହା ଦଶହରା ତିଥିରେ ଆରମ୍ଭ କରିଥିଲେ ସାପ୍ତାହିକ ସମାଜ । ପରେ ଏହି ସମାଜ ୧୯୨୪ରୁ ପୁରୀରୁ ଓ ୧୯୨୭ ମସିହାରୁ କଟକରୁ ପ୍ରକାଶିତ ହେଲା । ୧୯୩୦ରୁ ସାପ୍ତାହିକ ସମାଜ ଦୈନିକରେ ପରିଣତ ହେଲା । ଏ ସମାଜରେ ଇଂରେଜ ସରକାରଙ୍କର ଦୁର୍ନୀତି ଓ ଶୋଷଣ ବିରୁଦ୍ଧରେ ସେ ତାଙ୍କର ଶାଣିତ ଲେଖନୀ ଚାଳନା କାରଣରୁ ୧୯୨୨ରେ କାରାବରଣ ମଧ୍ୟ କରିଥିଲେ । ୧୯୨୪ ଜୁନ୍ ୨୭ରେ ସେ କାରାମୁକ୍ତ ହେଲେ ଏବଂ ଏହି ଅବସରରେ ତାଙ୍କୁ ଏକ ବିଶାଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେଇଠି ଭାଷଣରେ ବିଶିଷ୍ଟ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରାୟ ତାଙ୍କୁ ଉତ୍କଳମଣି ବୋଲି ସମ୍ବର୍ଦ୍ଧିତ କରିଥିଲେ ଏବଂ ଉପାଧିକୁ ସମବେତ ଜନତାର କରତାଳି ଧ୍ୱନିରେ ସ୍ୱୀକୃତି ପ୍ରଦାନ କରିଥିଲେ । ସେବେଠୁ ସେ ହେଲେ 'ଉତ୍କଳମଣି ଗୋପବନ୍ଧୁ' । ଏହି କାରବାସ ବେଳେ ସେ ତାଙ୍କର 'କାରାକବିତା ଓ ବନ୍ଦୀର ଆତ୍ମକଥା' ରଚନା କରିଥିଲେ ।

ଗୋପବନ୍ଧୁଙ୍କର ତ୍ୟାଗ ଓ ଦରଦୀ ହୃଦୟରେ ପ୍ରୀତ ହୋଇ ଲାଲା ଲଜପତ ରାୟ ତାଙ୍କୁ ଲୋକସେବକ ମଣ୍ଡଳର ସଦସ୍ୟ ରୂପେ ଗ୍ରହଣ କରିଥିଲେ । ପରେ ଗୋପବନ୍ଧୁ ଥିଲେ ଏହି ଅନୁଷ୍ଠାନର ଉପାଧ୍ୟକ୍ଷ । ଗୋପବନ୍ଧୁଙ୍କର ଅନ୍ୟାନ୍ୟ କୃତି ମଧ୍ୟରେ ସେ ଥିଲେ ଜଣେ ବଶିଷ୍ଟ କବି, ପ୍ରାବନ୍ଧିକ ଓ ସାହିତ୍ୟିକ । ତାଙ୍କର ନିଜ ପତ୍ରିକା 'ସମାଜ' ଓ 'ସତ୍ୟବାଦୀ' ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ପତ୍ରପତ୍ରିକାରେ ତାଙ୍କର ଛାପ ଛାଡ଼ିଯାଇଛନ୍ତି । ତାଙ୍କର ଶ୍ରେଷ୍ଠ କୃତି ମଧ୍ୟରେ ଅଛି 'ଧର୍ମପଦ', 'ଗୋ ମାହାତ୍ମ୍ୟ', 'ବ୍ରହ୍ମତତ୍ୱ', 'ଅବକାଶ ଚିନ୍ତା', 'କାରାକବିତା', 'ବନ୍ଦୀର ଆତ୍ମକଥା' ଓ ପ୍ରବନ୍ଧ 'ଓଡ଼ିଆର ଜାତୀୟତା' ।

ତାଙ୍କ ସାହିତ୍ୟରେ ଆମ ପାଇଁ ଛାଡ଼ି ଯାଇଥିବା କିଛି ଆପ୍ତ ବାକ୍ୟ :-

ବିପଦ ପ୍ରଭୁଙ୍କ କଷଟି ପାଷାଣ
ପରଖନ୍ତି ନାହିଁ ନର ହୃଦ ଟାଣ ।
ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।
କାତରତା ସିନା କାପୁରୁଷ ପଣ
ବୀର ମାରେ ଅବା ମରେ କରି ରଣ
ସୁଖ ଦୁଃଖ ଚକ୍ର ଘୁରେ ନିରନ୍ତର
ଏକ ପରେ ଆନ ଆସିବ ନିକର ।
ନିଜ ସ୍ୱାର୍ଥ ଲାଗି ଜାତି ନୁହେଁ ହିନ୍ଦୁ
ବିଶ୍ୱ ହିତେ ତା'ର ପ୍ରତି ରକ୍ତବିନ୍ଦୁ ।
ଗୁଣ ଥିଲେ ରୂପରେ କି ଅଛି ପ୍ରୟୋଜନ
ରୂପ ଅଟଇ କେବଳ ବାହ୍ୟ ଆବରଣ
ପଛଘୁଂଚା ନାହିଁ ବୀରର ଜାତକେ
ନମରେ ସେ କେବେ ପରାଣ ଆତଙ୍କେ ।

ଏହିପରି ଅନେକ ଆପ୍ତବାକ୍ୟ ତାଙ୍କ ସାହିତ୍ୟର ସୃଷ୍ଟିର ସମ୍ଭାର ମଧ୍ୟରେ ଅଛନ୍ତି । ୧୯୨୮ରେ ଲୋକସେବକ ମଣ୍ଡଳରେ ଯୋଗଦେବା ପାଇଁ ଲାହୋର ଗଲାବେଳେ ଗୋପବନ୍ଧୁ କଲିକତାଠାରେ ଆନ୍ତ୍ରିକ ଜ୍ୱରରେ ଆକ୍ରାନ୍ତ ହୋଇପଡ଼ିଲେ ଏବଂ ସେଇଠୁ ସତ୍ୟବାଦୀ ଫେରି ଆସିଲେ । ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଉଠିଲା । ସେ ମୃତ୍ୟୁକୁ ଏବେ ବହୁ ନିକଟରୁ ଦେଖିପାରୁଥିଲେ । ଏଣୁ ମୃତ୍ୟୁପୂର୍ବରୁ ସେ ନିଜ ଇଚ୍ଛାପତ୍ରରେ 'ସମାଜ' ଓ 'ସତ୍ୟବାଦୀ' ପ୍ରେସର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିଥିଲେ । ଏହି ଇଚ୍ଛାପତ୍ର ସଂପାଦନର ୨ ଘଂଟା ପରେ ଅର୍ଥାତ୍ ୨୬ ତାରିଖ ରବିବାର ସଂଧ୍ୟା ୭.୨୫ ମିନିଟ୍‌ରେ ସେ ଶେଷନିଶ୍ୱାସ ତ୍ୟାଗ କଲେ ।

ଏବେ ବନ୍ୟା, ମରୁଡ଼ି ବା ପ୍ରାକୃତିକ ଦୁର୍ବିପାକ କି ଦେଶସେବା ବା ରାଜନୀତି କଥା କହିଲେ ସେ ଦରଦୀ ଲୋକଟି ଖୋଜା ପଡ଼େ । ଗୋପବନ୍ଧୁ କାହିଁ ଗଲ... ?


+ ଅଧକ୍ଷ,ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
(ମୋ) ୯୯୩୮୩୪୪୧୩୮

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉତ୍ତମ ହସ୍ତକ୍ଷେପ...

ଲକ୍ଷ୍ମୀପୁର ଖେରୀ ଘଟଣା ସଂପର୍କରେ ଆସନ୍ତାକାଲି ସୁଦ୍ଧା ସବିଶେଷ ତଥ୍ୟ (ଷ୍ଟାଟସ୍ ରିପୋର୍ଟ) ପ୍ରଦାନ କରିବାକୁ ସୁପ୍ରିମ୍ କୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫଆଇଆର ଦରଜ କରାଯାଇଛି କି ନାହିଁ, ଅଭିଯୁକ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି ଅବା ନାହିଁ ଏବଂ ସେମାନଙ୍କ ବିରୁଦ୍ଧରେ କି ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଜଣାଇବା ସକାଶେ ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତର ପ୍ରଦେଶ ସରକାରଙ୍କୁ କହିଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ.ଭି. ରମନ୍ନା ଏ ସଂପର୍କରେ କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟାଳୟ ନିଜ ପକ୍ଷରୁ ନୁହେଁ, ଏହି ଘଟଣା ସଂପର୍କରେ ଆଗତ ଏକ ଜନସ୍ୱାର୍ଥ ମାମଲାକୁ ଗ୍ରହଣ କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ମାମଲାରେ ହସ୍ତକ୍ଷେପ ସମସ୍ତଙ୍କ ପାଇଁ ଆଶ୍ୱସ୍ତିର କଥା । ଲକ୍ଷ୍ମୀପୁର ଖେରୀଠାରେ ଏହି ହିଂସାକାଣ୍ଡ ଘଟିବା ଏବଂ ସେଥିରେ ଚାରିଜଣ ଆନ୍ଦୋଳନରତ କୃଷକଙ୍କ ସମେତ ମୋଟ୍ ଆଠଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ସମସ୍ତଙ୍କ ମନରେ ଏକପ୍ରକାର ଅନିଶ୍ଚିତତା ସୃଷ୍ଟି ହୋଇଥିଲା । ଏହାକୁ ନେଇ ଇତିମଧ୍ୟରେ ଶାସନକ୍ଷମତାସୀନ ଦଳ ଏବଂ ବିରୋଧୀ ଦଳଙ୍କ ଭିତରେ ଜୋରସୋର ଆକ୍ଷେପ ପ୍ରତିଆକ୍ଷେପ ଆରମ୍ଭ ହୋଇସାରିଥିଲେ ସୁଦ୍ଧା ଘଟଣା ସଂପର୍କରେ ନିରପେକ୍ଷ ଭାବେ ତଦନ୍ତ କରିବା ଏବଂ ଦୋଷୀଙ୍କ ପ୍ରତି ଶାସ୍ତିବିଧାନ ପ୍ରକ୍ରିୟା ଆରମ୍ଭ ହେବା କାର୍ଯ୍ୟରେ ବିଳମ୍ବ ଘଟିଥିବା ପରି ଲାଗେ । ଏବେ ସେଠାକୁ ରାଜନୈତିକ ଦଳମାନଙ୍କ ଦୌଡ଼ ଆରମ୍ଭ ହୋଇଛି ଏବଂ ସେମାନେ ନାନା ପ୍ରକାର ବିବୃତିମାନ ଦେବାରେ ବ୍ୟସ୍ତ । ତାହା ପ୍ରତିପକ୍ଷଙ୍କୁ ଆକ୍ଷେପ କରି ପ୍ରଦାନ କରାଯାଉଛି । ଏଥିରେ ପ୍ରାଣ ହରାଇଥିବା ଆନ୍ଦୋଳନକାରୀ କୃଷକ ହୁଅନ୍ତୁ ଅବା ପରବର୍ତ୍ତୀ ଗଣ୍ଡଗୋଳରେ ପ୍ରାଣ ହରାଇଥିବା ଲୋକଙ୍କ ପରିଜନ ଅବା ଆହତ ଲୋକଙ୍କର କୌଣସି ଉପକାର ହେବନାହିଁ । ମୂଳ ପ୍ରସଙ୍ଗଟି ହେଲା, ଆନ୍ଦୋଳନରତ କୃଷକମାନଙ୍କ ଉପରେ ତିନିତିନିଟା ଯାନ ଦ୍ରୁତ ବେଗରେ ଆସି ଧକ୍କା ଦେଇ ସେମାନଙ୍କ ପ୍ରାଣନାଶ ଘଟାଇବା ଏକ ଜଘନ୍ୟ କାଣ୍ଡ । ଏହା କେଉଁ ପରିସ୍ଥିତିରେ ହେଲା ଏବଂ ତାହା ଜାଣିବା ଆବଶ୍ୟକ । ପୁଣି ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ବିରୋଧୀ କଂଗ୍ରେସ ଏବଂ ଅନ୍ୟ ଦଳମାନେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ର ଚଳାଉଥିଲେ ବୋଲି ଅଭିଯୋଗ ଆଣିଛନ୍ତି । କିନ୍ତୁ କେବଳ ଅଭିଯୋଗ ଆଣିବା ଓ ଆକ୍ଷେପ କଲେ ଯେ ଜଣେ ଦୋଷୀ ହୋଇଯିବେ ତାହା ନୁହେଁ । ଏଥିପାଇଁ ସାକ୍ଷ୍ୟ ପ୍ରମାଣର ମଧ୍ୟ ଆବଶ୍ୟକତା ରହିଛି । ଇତିମଧ୍ୟରେ ଆଶୀଷ ମିଶ୍ରଙ୍କ ବିରୋଧରେ ପୁଲିସ ନିକଟରେ ଏତଲା ଦାଏର ହୋଇଛି ଏବଂ ପୁଲିସ ତାଙ୍କୁ ଖୋଜୁଛି । ସୁପ୍ରିମକୋର୍ଟଙ୍କ ଏଭଳି ନିର୍ଦ୍ଦେଶ ଫଳରେ ସମଗ୍ର ପ୍ରକରଣଟି ତ୍ୱରାନ୍ୱିତ ହେବ ଏବଂ ଅନୁସନ୍ଧାନ ପ୍ରକ୍ରିୟା ମଧ୍ୟ ସ୍ୱାଭାବିକ ଭାବେ ଆଗକୁ ବଢ଼ିବ ବୋଲି ଆଶା କରାଯାଇପାରେ । ଏଥିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତାଙ୍କର ନିରପେକ୍ଷତା ପ୍ରଦର୍ଶନ କରିବାର ଯେତିକି ଆବଶ୍ୟକତା ରହିଛି, ସବୁ ରାଜନୈତିକ ଦଳ ନିଜର ସ୍ୱାର୍ଥକୁ ପଛକୁ କରି ଏଭଳି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତକୁ ସହଯୋଗ କରିବା ମଧ୍ୟ ଜରୁରି । ଅନ୍ୟଥା ସାଧାରଣ ଜନତାଙ୍କର ମଧ୍ୟ ସେମାନଙ୍କ ଉପରୁ ଆସ୍ଥା ଓ ବିଶ୍ୱାସ ହ୍ରାସ ପାଇବ । ଏହାର ପୃଷ୍ଠଭୂମିରେ ରହିଛି କୃଷକ ଆନ୍ଦୋଳନ ଯାହା ଦୀର୍ଘ ଦିନ ଧରି ଚାଲିଛି ଏବଂ ସରକାର ଓ ଆନ୍ଦୋଳନକାରୀ କୃଷକ ସଂଗଠନମାନଙ୍କ ମଧ୍ୟରେ ଭିଡ଼ାଓଟରା ଜାରି ରହିଛି । ଇତିପୂର୍ବରୁ ପଞ୍ଜାବ, ହରିଆନା ଓ ଦିଲ୍ଲୀ ସୀମାନ୍ତ ଯେ ହିଂସାକାଣ୍ଡ ଘଟିବାର ନଜିର ରହିଛି । କିନ୍ତୁ ଲକ୍ଷ୍ମୀପୁର ଖେରୀ ଘଟଣା ସେସବୁକୁ ବଳିପଡ଼ିଛି । ନୂତନ କୃଷି ଆଇନ ପ୍ରବର୍ତ୍ତନ ଓ ଏହାକୁ ବିରୋଧ କରି ଚାଲିଥିବା ଆନ୍ଦୋଳନକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏକାଧିକ ବାର ହସ୍ତକ୍ଷେପ କରିଛନ୍ତି । କିନ୍ତୁ କୌଣସି ପକ୍ଷ ନିଜ ଜିଦ୍‌ରୁ ଓହରିବାକୁ ନାରାଜ । ଏବେ ଯେଉଁ ଘଟଣା ଘଟିଲା ଯେତିକି ନିନ୍ଦନୀୟ ସେତିକି ଦୁର୍ଭାଗ୍ୟଜନକ । ତେଣୁ ଏହି ଘଟଣାକୁ ଆଇନଗତ ଶେଷ ପରିଣତିରେ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗ କାମ୍ୟ । ତାହାହେଲେ ସରକାରଙ୍କ ଉପରେ ଏବଂ ରାଜନୈତିକ ଦଳମାନଙ୍କ ଉପରେ ସାଧାରଣ ଜନତାଙ୍କ ବିଶ୍ୱାସ ଓ ଆସ୍ଥା ଅତୁଟ ରହିବ ।

## ଶତାବ୍ଦୀର ଆଲୋକସ୍ତମ୍ଭ ଗୋପବନ୍ଧୁ



ମୀରା ବେଉରା

ଗ୍ରୀକ୍ ଦାର୍ଶନିକ ଦାଓଜିନ୍ସ ଦିବାଲୋକରେ ଲଣ୍ଠନଟିଏ ଧରି ବୁଲୁଥିବାରୁ ଏଥେନ୍ସର ନାଗରିକମାନେ ପ୍ରଶ୍ନ କରିଥିଲେ ଦାର୍ଶନିକଙ୍କୁ, ଠିକ୍ ସେହି ସମୟରେ ଦାଓଜିନ୍ସ କହିଥିଲେ ମୁଁ ମଣିଷ ଖୋଜୁଛି ମଣିଷ ଖୋଜୁଛି। ପ୍ରକୃତରେ ଆଜି ମଣିଷ କାହାନ୍ତି ଏହା ଏକ ବିରାଟ ପ୍ରଶ୍ନବାଚୀ। ସମଗ୍ର ପୃଥିବୀରେ ଆଜି ଯେତେବେଳେ ମାନବିକ ମୂଲ୍ୟବୋଧ ହଜିହଜି ଯାଉଛି, ପ୍ରକୃତିର କୋପରେ ହେଉଥିବା ମଣିଷମାନଙ୍କର ଆତ୍ମଘାତି ଚିଂାଦ୍ୱାରା ହେଉ ମଣିଷ ଯେତେବେଳେ ଭୟଭୀତ ହୋଇ ଜୀବନଜୀବିକାକୁ ନେଇ ନିଇତି ସଂଘର୍ଷ କରୁଛି ହସିହସି ସବୁ ଦୁଃଖ ଯନ୍ତ୍ରଣାକୁ ଏକାଠି କରି ଅଣ୍ଟାଭିଡୁଛି ନିଜକୁ ଓ ନିଜ ପରିବାରକୁ ଦେଶକୁ ବଞ୍ଚାଇବା ପାଇଁ। ଆଜି ଠିକ୍ ସେହି ସଂକଟପୂର୍ଣ୍ଣ ଘଡ଼ିସନ୍ଧି ମୁହୂର୍ତ୍ତରେ ମନେପଡ଼େ ଦରଦୀ ହୃଦୟର ମଣିଷ ଗୋପବନ୍ଧୁଙ୍କ କଥା ପ୍ରକୃତରେ ସେ ହିଁ ଥିଲେ ଶତାବ୍ଦୀର ଶ୍ରେଷ୍ଠ ମଣିଷ ଉତ୍କଳର ମଣି । ଭାବିଲେ ଲୁହ ଆଖିରେ ଆପେ ଆପେ ଆସିଯାଏ। ବିଶ୍ୱାସ ନହେଲେ ବି ସତ ଏହି ଧରାପୃଷ୍ଠରେ ପୁଣି ଏମିତି ରକ୍ତମାଂସ ଶରୀର ଧରି ଦେବତା ଆତ୍ମା ନେଇ ଜନ୍ମିଥିଲେ ସତ୍ୟବାଦୀର ସନ୍ଥ ମାନବବାଦର ଆଲୋକସ୍ତମ୍ଭ ଉତ୍କଳମଣି ଗୋପବନ୍ଧୁ ଦାସ। ଭାର୍ଗବୀ ନଦୀକୂଳରେ ସାଥୀମାନଙ୍କ ସହ କି ସଂକଳ୍ପ କରିଥିଲେ ସେ। ଜୀବନର ପ୍ରତିଟି ପାହାଚରେ ନିଜ ସୁଖ ସ୍ୱାଚ୍ଛନ୍ଦକୁ ବଳି ପକାଇ ସ୍ୱାର୍ଥକୁ ଜଳାଳି ଦେଇ ପ୍ରତିଟି ଉତ୍କଳୀୟଙ୍କର ସୁଖ ସୁବିଧା ପାଇଁ ସର୍ବଦା ବିଳାପ କରୁଥିଲା ତାଙ୍କ ହୃଦୟ।

'କାପୁରୁଷ ଧରି ମରିବା ଜଗତେ
ନୁହେଁ ନର ପଉରୁଷ
ପରହିତ ସାଧି ମରେ ଯେ ମହୀରେ
ସେହି ଏକା ସୁପୁରୁଷ।'

ଏହି ଉକ୍ତିର ହିଁ ଯଥାର୍ଥ ଘଟିଛି ତାଙ୍କ ଜୀବନରେ ଦୁଃଖି, ଦରିଦ୍ର, ଅସହାୟ, ନିଷ୍ପେଷିତ, ନିର୍ଯାତିତ ଦୁର୍ଗତିଙ୍କୁ ଦେଖି ପ୍ରାଣସ୍ପନ୍ଦିତ ହୋଇ ତାଙ୍କ ଆଖିରୁ କେବଳ ଲୁହ ତ ବୋହୁ ନଥିଲା, ନିଃସ୍ୱାର୍ଥପର ଭଲ ପାଇବା, ସମ୍ବେଦନଶୀଳତାର ଲହୁ ଏକାଠି ହୋଇ ଝରି ଆସୁଥିଲା ସେହି ମହାମାନବଙ୍କ ପ୍ରାଣରୁ। ବାସ୍ତବରେ ସେହିଁ ଥିଲେ ଏ ଓଡ଼ିଆ ଜାତିର ଏ ଉତ୍କଳ ମାଟିର ବିଶ୍ୱଚେତନାରେ ଉଦ୍‌ବୁଦ୍ଧ ହୋଇଥିବା, ଗାନ୍ଧିବାଦର ବାର୍ତ୍ତାବହ ସାଜିଥିବା ମୁକୁଟବିହୀନ ସମ୍ରାଟ। ଜଣେ ଆଦର୍ଶ ଶିକ୍ଷାବିତ୍, ମହାନ୍ ଚିନ୍ତାନାୟକ ଜନସେବକ, ସତ୍ୟବାଦୀର ସନ୍ଥ ଏବଂ ପ୍ରତିଟି ଓଡ଼ିଆର ହୃଦୟରେ ଜାତୀୟତାର ସ୍ପନ୍ଦନ ସୃଷ୍ଟି କରିପାରୁଥିବା କବି, ଆଧ୍ୟାତ୍ମିକ, ନୈତିକ ଶିକ୍ଷାର ପ୍ରାଣକେନ୍ଦ୍ର ଆଦର୍ଶ ସତ୍ୟବାଦୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଏବଂ ଘରେଘରେ ପ୍ରତିଟି ଓଡ଼ିଆ ପ୍ରାଣକୁ ଛୁଇଁପାରୁଥିବା ସମ୍ବାଦପତ୍ର 'ସମାଜ'ର ପ୍ରାଣ ପ୍ରତିଷ୍ଠାତା। କେବଳ ସେତିକି ନୁହେଁ ସେଥିଲେ ଜଣେ ସୁସଂଗଠକ, ପ୍ରଚଣ୍ଡ ଜ୍ଞାନଦୀପ୍ତ ବାଗ୍ମୀ, ମାନବବାଦୀ ଚିନ୍ତାଧାରାର ଗୋଟିଏ ଆଲୋକବର୍ତ୍ତିକା। ସର୍ବୋପରି ପ୍ରତିଟି ଉତ୍କଳୀୟଙ୍କର ଆପଣାର ବନ୍ଧୁ। ଘୋର ଦୁର୍ଦ୍ଦିନ ଦେଇ ଯେତେବେଳେ ଓଡ଼ିଶା ଗତି କରୁଥିଲା, ପଛୁଆ ଓଡ଼ିଶାକୁ ବିଶ୍ୱ ଦରବାରରେ ସମୃଦ୍ଧ କରି ସ୍ୱତନ୍ତ୍ରଭାବେ ପ୍ରତିଷ୍ଠା କରି ବିକାଶର ସ୍ରୋତରେ ସାମିଲ କରିବା ପାଇଁ ଏବଂ ଗୋଟିଏ ଆତ୍ମନିର୍ଭରଶୀଳ ରାଜ୍ୟରେ ଗଢ଼ିତୋଳିବାର ସଂକଳ୍ପ ନେଇ ଏହି ମହାମାନବ ପ୍ରତିଶ୍ରୁତିବଦ୍ଧ ଥିଲେ। ଆଜି ଯେତେବେଳେ ଲକ୍ଷ ଲକ୍ଷ ଶ୍ରମିକ ପୁଞ୍ଜିପତିମାନଙ୍କର କୁଟଚକ୍ରାନ୍ତର ଶୀକାର ହୋଇ ନିଜର ଜୀବିକା ହରାଇ ଦୁଃଖଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ମନେପଡ଼େ ଗୋପବନ୍ଧୁଙ୍କ କଥା। କଲିକତାରେ ଯେତେବେଳେ ଶହ ଶହ ଓଡ଼ିଆ ଶ୍ରମିକ କଲିକତାବାସୀଙ୍କ ଦ୍ୱାରା ନିର୍ଯାତିତ ହୋଇ ଲାଞ୍ଛିତ ହୋଇ ଦୁଇମୁଠା ଖାଇବାକୁ ବି ପାଉନଥିଲେ, ସାଧାରଣ ଶିକ୍ଷାରୁ ବଞ୍ଚିତ ହୋଇ ଅସ୍ୱାସ୍ଥ୍ୟକର ପରିବେଶରେ ରହି ନିର୍ଯାତନାର ଶୀକାର ହେଉଥିଲେ, ଠିକ୍ ସେତିକି ବେଳେ ଗୋପବନ୍ଧୁ ଓଡ଼ିଆ ଶ୍ରମିକମାନଙ୍କ ପାଇଁ 'ଓଡ଼ିଆ ଶ୍ରମିକ ସଂଘ' ଗଠନ କରି ଓଡ଼ିଆ ଶ୍ରମିକମାନଙ୍କୁ ଶିଳ୍ପପତିମାନଙ୍କଠାରୁ ଉଦ୍ଧାର କରିଥିଲେ। ଏହି ଶ୍ରମିକମାନଙ୍କୁ ଶିକ୍ଷା ଦେବା ପାଇଁ ଗୋପବନ୍ଧୁ କଲିକତାଠାରେ 'ସାନ୍ଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ। କେବଳ ସେହି ଘଟଣା ନୁହେଁ ପୁରୀରେ ରଥଯାତ୍ରା ସମୟରେ ଯେତେବେଳେ ମହାମାରୀ ହଇଜାଦ୍ୱାରା ସମସ୍ତେ ଆକ୍ରାନ୍ତ ହୋଇ ପରିବେଶ ଦୂଷିତ ହୋଇଥିଲା, ଗୋପବନ୍ଧୁ ଏହାର ନିରାକରଣ ପାଇଁ ସ୍ୱେଚ୍ଛାସେବୀଙ୍କୁ ନେଇ ପୁରୀସେବା ସମିତି ଗଠନ କରି ରୋଗୀମାନଙ୍କ ସେବା କରିଥିଲେ ଏବଂ ଶବ ସଂସ୍କାର କରି ପରିବେଶକୁ ସୁନ୍ଦର କରି ଗଢ଼ିତୋଳି ପ୍ରମାଣ କରିଥିଲେ ଯେ, 'ମାନବ ସେବା ହିଁ ମାଧବ ସେବା'। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ଗଢ଼ିଥିଲେ 'କର୍ତ୍ତବ୍ୟ ବୋଧିନୀ ସମିତି'। ସେ ବୁଝିପାରିଥିଲେ ଯେ ନିଜର ଭାଷା ସୁରକ୍ଷା ବିନା ଏ ଜାତି ପ୍ରଗତି ଅସମ୍ଭବ। ନିଜର ପରିବାର ମୋହରେ ନ ପଡ଼ି ଯଦି କିଏ ଏକ ନିଜ ପୁତ୍ରକୁ ରୋଗଶଯ୍ୟାରେ ମୁମୂର୍ଷୁ ଅବସ୍ଥାରେ ଛାଡ଼ି ବନ୍ୟା ପ୍ରପୀଡ଼ିତଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ସେ ହେଉଛନ୍ତି ଗୋପବନ୍ଧୁ। ଏ ଜାତି ତାଙ୍କର ମାନବବାଦୀ ଚିନ୍ତାଧାରାକୁ କେବେ ଭୁଲିବ ନାହିଁ। ତାଙ୍କର ତ୍ୟାଗ, ନିଷ୍ଠା, ସାଧନା, ଜାତୀୟଚେତନା, ଆପ୍ରାଣ ଚେଷ୍ଟା, ଦୃଢ଼ ସଂକଳ୍ପ ସତରେ ସମଗ୍ର ବିଶ୍ୱରେ ଏକ ବିସ୍ମୟ ସୃଷ୍ଟି କରିଥିଲା। ଗୋପବନ୍ଧୁ ୧୯୦୯ ମସିହାରେ ମୁକ୍ତାକାଶ ତଳେ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ଓ ପଣ୍ଡିତ ଗୋଦାବରୀଶଙ୍କୁ ନେଇ ସାକ୍ଷିଗୋପାଳଠାରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେ ବୁଝିଥିଲେ ଯେ, ଚଉକି, ଟେବୁଲ, ଉତ୍ତମ ଗୃହ ଆଦି ଉପକରଣ ଦ୍ୱାରା ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ସମ୍ଭବ ନୁହେଁ। ଆଦର୍ଶ ଶିକ୍ଷକ ସମାଜ ହିଁ ବିଦ୍ୟାଳୟର ପ୍ରକୃତ ମାନଦଣ୍ଡ। ଏହି ବନବିଦ୍ୟାଳୟ କେବଳ ଓଡ଼ିଶା କି ଭାରତବର୍ଷ ନୁହେଁ ଇଂଲଣ୍ଡବାସୀଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲା। ଏହା ବାସ୍ତବରେ ଥିଲା ମଣିଷ ତିଆରି କାରଖାନା। ଏହି ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ଗୋପବନ୍ଧୁ ଦୁର୍ଭିକ୍ଷ ପ୍ରପୀଡ଼ିତ ଏବଂ ବନ୍ୟା ପ୍ରପୀଡ଼ିତ କଂକାଳସାର ଉତ୍କଳର ପ୍ରତିଟି ଲୋକଙ୍କୁ ଚୁଡ଼ା, ଚାଉଳ ବାଣ୍ଟୁଥିଲେ। ସେ ଯେତେବେଳେ ଓଡ଼ିଶା ବିହାର ବିଧାନସଭାର ସଦସ୍ୟ ଥିଲେ ଇଂରେଜ ସରକାରଙ୍କ କୂଟଚକ୍ରାନ୍ତର ଶୀକାର ହୋଇଥିଲା ଓଡ଼ିଶା। ଗୋପବନ୍ଧୁ ନିର୍ଭିକ ସଂଗ୍ରାମ କରି ଏହି ଦୁର୍ଦ୍ଦିନକୁ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ଇଂରେଜମାନଙ୍କୁ ବିରୋଧ କରି ଖାଦ୍ୟାଭାବରେ ଲୋକେ କିପରି ଘାସ, ପତ୍ର, କୁଣ୍ଡା, ଟାକୁଆକୁ ଖାଦ୍ୟରୂପେ ଗ୍ରହଣ କରୁଛନ୍ତି କହି ବିଧାନସଭାରେ ଭୋ ଭୋ କାନ୍ଦି ପକାଇଥିଲା। ଏହା ହିଁ ଥିଲା ପ୍ରତିଟି ଓଡ଼ିଆଙ୍କୁ ପ୍ରାଣଭରି ଭଲପାଇବାର ବଳିଷ୍ଠ ପ୍ରମାଣ। ସେଇଥିପାଇଁ ସେ ମୟୁରଭଞ୍ଜ ମହାରାଜା ରାମଚନ୍ଦ୍ର ଭଦେଓଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଆଉ ସେହି ମାନପତ୍ରରେ ଲେଖାଥିଲା ଇଂରାଜୀରେ, 'Sir Gopabandhu Das is a man" ପ୍ରକୃତରେ ଗୋପବନ୍ଧୁ ଦାସ ଥିଲେ ମଣିଷପରି ମଣିଷଟିଏ। ନିଜର ଆପ୍ରାଣ ଉଦ୍ୟମ, ଚେଷ୍ଟା ଓ ଦୃଢ଼ ସଂକଳ୍ପ ଦ୍ୱାରା ସେ ଘୋର ଦୁର୍ଦ୍ଦିନ ସମୟରେ ମଧ୍ୟ ପତ୍ରିକା ସମାଜକୁ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ। ଯେଉଁ ସମ୍ବାଦପତ୍ର କି ଲୋକଙ୍କର ମୁଖପତ୍ର ବା ଅଭାବ ଅସୁବିଧାର ଜନତାମାନଙ୍କର ସ୍ୱର ହୋଇନି ବରଂ ଲକ୍ଷଲକ୍ଷ କୋଟିକୋଟି ଦୁର୍ଗତ, ରୋଗୀ, ଦୁଃଖୀ, ଯନ୍ତ୍ରଣାଜର୍ଜରିତ, ବନ୍ୟା, ବାତ୍ୟା, ଅଗ୍ନିପୋଡ଼ି ପ୍ରପୀଡ଼ିତ ଲୋକମାନଙ୍କ ପାଇଁ ସାହାଯ୍ୟ, ସହଯୋଗର ହାତବଢ଼ାଇ ପ୍ରତିଟି ଓଡ଼ିଆ ମୁହଁରେ ଖାଦ୍ୟ, ସେବା, ଆରୋଗ୍ୟ ଯୋଗାଇ ହସଫୁଟାଇ ଲୁହ ପୋଛି ପାରିବାକୁ ସକ୍ଷମ ହୋଇଛି। ସମଗ୍ର ବିଶ୍ୱରେ ଏପରି କୌଣସି ସମ୍ବାଦପତ୍ର ନାହିଁ ଯାହା ନିର୍ଭିକ ଏବଂ ନିରପେକ୍ଷକୁ ଅବଲମ୍ବନ କରି ଲୋକମାନଙ୍କ ସ୍ୱର ହୋଇ ମୁଖପତ୍ର ସାଜି ସେମାନଙ୍କର ସୁଖଦୁଃଖର ସାଥୀ ସାଜି ବନ୍ଧୁ ସାଜି ବିପଦରେ ସହଯୋଗର ହାତବଢ଼ାଇ ଠିଆ ହୋଇଛି। ଅନେକ ପ୍ରତିକୂଳ ପରିସ୍ଥିତି ଏବଂ ବୈପ୍ଳବିକ ପରିବର୍ତ୍ତନ ସତ୍ତ୍ୱେ ଏ ସମ୍ବାଦପତ୍ର 'ସମାଜ' ଆଜି ୧୦୦ ବର୍ଷରେ ପଦାର୍ପଣ କରି ଆଜି ମଧ୍ୟ ଗଣତନ୍ତ୍ରର ଜାଗ୍ରତ ଓ ସତର୍କ ପ୍ରହରୀ ସାଜି ନିଜର ସ୍ୱାଭିମାନକୁ ବଜାୟ ରଖି କର୍ଯ୍ୟ ଜାରି ରଖିଛି। ଗୋପବନ୍ଧୁ ଯେଉଁ ଜାତୀୟବାଦୀ ମାନବବାଦର ମଞ୍ଜି ପ୍ରତିଟି ସୁପ୍ତ ଓଡ଼ିଆଙ୍କ ଭିତରେ ବୁଣି ଜାତିକୁ ମାତୃଭାଷାକୁ, ସାହିତ୍ୟକୁ ଭଲପାଇବାର ସ୍ପନ୍ଦନ ସୃଷ୍ଟି କରିଥିଲେ ତାହା ଆଜି ବିରାଟ ପ୍ରତିଧ୍ୱନୀ ସୃଷ୍ଟି କରି ସମଗ୍ର ବିଶ୍ୱରେ ମଧ୍ୟ ବିସ୍ମୟ ସୃଷ୍ଟି କରିଛି।

ସବୁଠୁ ଦୁଃଖ ଏବଂ ଲଜ୍ଜାର କଥା ହେଉଛି ଆଜିବି ପ୍ରତିଟି ଓଡ଼ିଆ ନିଜ ଭିଟାମାଟିକୁ ଛାଡ଼ି ଅନ୍ୟ ରାଜ୍ୟକୁ ଯାଉଛି ଦାଦନ ଶ୍ରମିକ ସାଜି। ସେ ବିକାଶ ମୋହରେ ହେଉ ବା ନିଜର ରୁଗ୍ଣ ମାନସିକତାର ଶୀକାର ହୋଇ ହେଉ। ଓଡ଼ିଆ ସମସ୍ତ ପ୍ରାଚୁର୍ଯ୍ୟ, ଖଣି, ଖାଦାନ, ଜଳ, ମାନବସମ୍ବଳ, ଜମି, ଅରଣ୍ୟ ସମ୍ପଦ ପଶୁସମ୍ପଦ ଥାଇ ମଧ୍ୟ ଅନ୍ୟ ପଡ଼ୋଶୀ ରାଜ୍ୟ ଉପରେ ନିଜର ନିତ୍ୟ ଆବଶ୍ୟକୀୟ ପାଇଁ ନିର୍ଭର କରୁଛି। ନିଜ ଜନମ ମାଟିର କାମଧନ୍ଦା ନ ପାଇ ଲକ୍ଷଲକ୍ଷ ଓଡ଼ିଆ ଶ୍ରମିକ ସାଜି ନାହିଁନଥିବା ଯନ୍ତ୍ରଣା ଭୋଗ କରୁଛି ମୃତ୍ୟୁମୁଖର ମଧ୍ୟ ପଡୁଛି ଗଣତନ୍ତ୍ର ସଫଳ ହୋଇପାରୁନି। ଶ୍ରମିକଟିଏ ନିର୍ଯାତନାର ଶୀକାର ହେଉଛି। କାହିଁକି ଆଜି ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଚାଷୀଟି ଋଣବୋଝ ସହିନପାରି ଆତ୍ମହତ୍ୟା କରୁଛି। କନ୍ୟାଟି ଗଣଦୁଷ୍କର୍ମର ତଥା ଶୋଷଣର ଶୀକାର ହେଉଛି। ସହର ହେଉବା ଗାଁ ସବୁଠି ମଦର ବନ୍ୟା, ରାଜନୀତିର ପରିଭାଷା ଲୋକସେବା ସମ୍ପୂର୍ଣ୍ଣ ବଦଳିଯାଇଛି। ଆମ ଭାଷା, ସଂସ୍କୃତି, ସଭ୍ୟତା ସବୁ ଅବକ୍ଷୟ ପଥରେ। ଦେଶର ମେରୁଦଣ୍ଡ ଯୁବକ ଗୋଷ୍ଠୀ ପ୍ରାୟ ପଙ୍ଗୁ। ଆପେ ବଞ୍ଚିଲେ ବାପର ନା'ର ଉକ୍ତିର ଦ୍ୱାହିଦେଇ ଶିକ୍ଷାବିତ୍, ପ୍ରଶାସନ, ଆଇନଜୀବୀ, ପୁିପତି, ଶିଳ୍ପପତି, ଯନ୍ତ୍ରୀ ପ୍ରାୟତଃ ଆଖି, କାନ, ପାଟି ଥାଇ ନୀରବଦ୍ରଷ୍ଟା ସାଜିଛନ୍ତି। ସ୍ୱାଧୀନତାର ଅନେକ ବର୍ଷପରେ ମଧ୍ୟ ଭାତ, ପାଣି, ବିଜୁଳି, ଔଷଧ, ଶିକ୍ଷା, ଚିକିତ୍ସା ଆଜି ସାତସପନ। ଆଜିବି ଖଟିଆରେ ପାଣି ଭିତରେ ବୁହା ହେଉଛନ୍ତି ରୋଗୀ ଏବଂ ପ୍ରସୂତି। ରାସ୍ତାକଡ଼ରେ ବୁଦାମୂଳେ ଅଥବା ଗଛମୂଳେ ଜନ୍ମ ହୁଅନ୍ତି ଏ ଦେଶର ଭବିଷ୍ୟତ ବିକାଶ ଲାଗି ଏତେ ଯୋଜନା ସତ୍ତ୍ୱେ ସ୍ଥିତି କାହିଁକି ସୁଧୁରିପାରୁନି। ଆତ୍ମସମୀକ୍ଷା ହେବା ଦରକାର। ଭୁଲ ରହୁଛି କେଉଁଠି। ବିକାଶର ପଥ ଆହୁରି ଅନେକ ଦୂର। ବିକାଶ ପାଇଁ ପ୍ରତିଟି ଓଡ଼ିଆଙ୍କୁ ଅଣ୍ଟାଭିଡ଼ି ଉଠିବାକୁ ପଡ଼ିବ। ଆଜିବି ଗୋପବନ୍ଧୁଙ୍କ ପରିତ୍ୟାଗଦୀପ୍ତ ପ୍ରେରଣାର ଉତ୍ସ ବ୍ୟକ୍ତିଙ୍କୁ ଏ ଜାତି ଖୋଜୁଛି ଏହି ୯୨ ତମ ପୁଣ୍ୟତିଥିରେ। ତୁମରି ଆଦର୍ଶରେ ଯଦି ଏ ଜାତି ଆତ୍ମବିଶ୍ୱାସର ସହ ପ୍ରତିକୂଳ ପରିସ୍ଥିତି ସହ ଲଢ଼ି ସଂଘର୍ଷ ଜାରି ରଖି କାର୍ଯ୍ୟ କରିବ ତେବେ ତାହା ହିଁ ହେବ ଶତାବ୍ଦୀର ଶ୍ରେଷ୍ଠ ମଣିଷ। ତୁମ ପ୍ରତି ପ୍ରକୃତ ଗଭୀର ଶ୍ରଦ୍ଧାଳି ଯେଉଁଦିନ ଗୋଟିଏ ବି କୃଷକ ଆତ୍ମହତ୍ୟା ନ କରିବ, ଗୋଟିଏ ବି କନ୍ୟା ଦୁଷ୍କର୍ମର ଶୀକାର ନହେବ, ଗୋଟିଏ ବି ଯୁବକ ରାଜ୍ୟଛାଡ଼ି ଦାଦନ ଶ୍ରମିକ ସାଜି ପ୍ରବାସୀ ନ ଯିବ ସେହିଦିନ ପ୍ରକୃତ କ୍ରାନ୍ତୀ ଆସିବ ଏବଂ ଆମେ ଗର୍ବ କରିବା ଆମେ ସେହି ଶ୍ରେଷ୍ଠ ମାନବଆତ୍ମାଙ୍କୁ ପ୍ରକୃତ ଦାୟାଦ।

+ ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
(ମୋ)୯୮୫୩୩୫୦୩୮୪



## ସତ୍ ଗୁଣର ସୀମାହୀନ ସାଗର : ଗୋପବନ୍ଧୁ



ଭାଗୀରଥି ସାଗର

ବନ୍ୟାର ଗୋଳିଆ ପାଣିରେ ଦେଖା ଯାଉଥିଲା ଯାହାଙ୍କର ମୁହଁ, ବିପନ୍ନ ଜନତାଙ୍କ ଯିଏ ଥିଲେ ସାହାରା, ଅନାହାର ଲୋକଙ୍କ ମୁହଁରେ ଯିଏ ଆହାର ଟିକକ ଦେବାରେ ସକ୍ଷମ ହେଇ ପାରୁଥିଲେ, ବାତ୍ୟା ପ୍ରପୀଡିତଙ୍କ ପାଇଁ ଆଶ୍ରୟ ଟିକକ ଯିଏ ଖୋଜି ଦେଉ ଥିଲେ, ଯିଏ ଦୟା, ମମତା ତଥା ଆଦରର ଭଣ୍ଡାର ଦୁଃଖୀ ଦରିଦ୍ରର ବନ୍ଧୁ ସେ ହେଉଛନ୍ତି ଉତ୍କଳ ମଣି ଗୋପବନ୍ଧୁ ଦାସ। ସାରା ଜୀବନ ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ସେ ହିଁ ଭରି ଦେଇଥିଲେ ପ୍ରତି ଓଡ଼ିଆଙ୍କ ମାନସ ପଟରେ ସ୍ୱ ଜାତିପ୍ରେମ, ଭାଷା ପ୍ରେମ ଓ ଦେଶପ୍ରେମ ଭାବନା। ଦହନୀୟ, କଷଣ ପୂର୍ଣ୍ଣ ମଣିଷର ମଉଡ ମଣି ଥିଲେ ଗୋପବନ୍ଧୁ ଦାସ। ଦୁଃଖିର ସାଥୀ, ଦରିଦ୍ରର ବନ୍ଧୁ, ନିଶ୍ୱର ଚିର ସହୋଦର। ତମାମ ଜୀବନ ପ୍ରତି ନ ଥିଲା ତାଙ୍କରି ମୋହ। ତାଙ୍କ ଜୀବନ ସରଳ ଓ ନିଷ୍କପଟ। ତାଙ୍କରି ଆଭା ପ୍ରବାହିତ କରୁଛି ସମଗ୍ର ବିଶ୍ୱକୁ, ଯାହାକି ଲକ୍ଷ ଲକ୍ଷ ଲୋକ ଅନୁପ୍ରାଣିତ ହେବାରେ ସେବା ଭାବ ବିକଶିତ କରିବାରେ ସାହାଯ୍ୟ କରେ। ଲୋକଙ୍କ ଦୁର୍ଦ୍ଦଶା ସେ ସହ୍ୟ କରି ପାରୁ ନ ଥିଲେ ।

ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ମାତା ସ୍ୱର୍ଣ୍ଣମୟୀ ଦେବୀ ଓ ପିତା ଦୈତାରୀ ଦାସଙ୍କ କୋଳ ମଣ୍ଡନ କରିଥିଲେ ଗୋପବନ୍ଧୁ। ବାଲ୍ୟ ବେଳୁ ତାଙ୍କର ମା' ମରି ଯାଇଥିଲେ ଏଣୁ ସେ ନିଜ ମାଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ବଢିଥିଲେ। ନିଜ ଗାଁରେ ସେ ପ୍ରାଥମିକ ଶିକ୍ଷା ଶେଷ କରିଥିଲେ ଏବଂ ମାତ୍ର ୧୨ ବର୍ଷ ବେଳକୁ ମୋତି ଦେବୀଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇ ଥିଲେ। ପରେ ପରେ ମହାବିଦ୍ୟାଳୟ ପାଠ ଶେଷକରି କଲିକତା ଠାରେ ଓକିଲାତି ଶିକ୍ଷା ସମାପ୍ତ କରିଥିଲେ।

ପୁରୀ ସେବା ସମିତି ନାମକ ଅନୁଷ୍ଠାନ ଗଠନ କରି ଗୋପବନ୍ଧୁ ଦାସ ଛାତ୍ର ବେଳୁ ହି ଲୋକଙ୍କୁ ସେବା ଦେଇ ଆସୁଛନ୍ତି, ଯେପରି ହଇଜା ସମୟରେ ଘର ଘର ବୁଲି ଔଷଧ ବାଣ୍ଟିବା, ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ କରିବା, ଶବ ସଂସ୍କାର କରିବା, ପରିଷ୍କାର ପରିଚ୍ଛନ୍ନ ରଖିବା, ଗଛ ଲଗାଇବା ଆଦି। ବନ୍ୟା, ମରୁଡି, ବାତ୍ୟା ବେଳେ ସେ ଆଗ ଧାଡିରେ ଛିଡ଼ା ହେଉଥିଲେ। ସେ ଜଣେ ନିଃସ୍ୱାର୍ଥ ଓ ତ୍ୟାଗୀ ଥିଲେ। ଥରେ ତାଙ୍କର ଏକମାତ୍ର ଶିଶୁ ପୀଡ଼ିତ ଥିଲେ। ଏପଟେ ଲୋକେ ବନ୍ୟାରେ ବୁଡ଼ି ରହିଛନ୍ତି, ଖାଇବାକୁ କୌଣସି ରିଲିଫ ଆସି ନ ଥାଏ। ଲୋକେ ବହୁ ଦୁର୍ଦ୍ଦଶା ଭୋଗୁଥିଲେ,ଏଣୁ ପୀଡ଼ିତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସେବା କରିବା ପାଇଁ ଆସିଲେ। ବନ୍ୟାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଶୁଖିଲା ଖାଦ୍ୟ ଯଥା ଚୁଡ଼ା, ଗୁଡ, ବିସ୍କୁଟ, ଫଳ ବାଣ୍ଟିଥିଲେ ଓ ପୁରା ଭୁଲିଥିଲେ ତାଙ୍କର ପୀଡ଼ିତ ପୁଅର ସ୍ୱାସ୍ଥ୍ୟର ଅବସ୍ଥାକୁ। ବନ୍ୟା ପାଖକୁ ଆସି ଜଣେ ଲୋକ କହିଲେ ତାଙ୍କର ପୁଅ ଆଉ ଜଗତରେ ନାହାନ୍ତି, ସବୁ ଦିନ ପାଇଁ ଆଖି ବୁଜି ଦେଲେ। ଏ କଥା ଶୁଣି ସେ ତିଳେ ହେଲେ ଦୁଃଖ ପ୍ରକାଶ କରି ନ ଥିଲେ ବରଂ କହିଥିଲେ ମୋ ଗୋଟିଏ ପୁତ୍ର ସିନା ଚାଲିଗଲା ଏପଟେ ବନ୍ୟା ଦାଉରୁ ଅନେକ ପୁତ୍ରକୁ ବଞ୍ଚାଇବାକୁ ସକ୍ଷମ ହେଇ ପାରିଛି। ଏଥିରୁ ଆମେ ଠିକ୍ ଅନୁମେୟ କରିବା ଯେ, ସେ ପ୍ରକୃତରେ ସେ ଥିଲେ ତ୍ୟାଗୀ, ତାଙ୍କର ଜନତାଙ୍କ ପ୍ରତି ଥିଲା ଅନାବିଳ ସ୍ନେହ, ପ୍ରେମର ଭାବ।

ଥରେ ବନ୍ୟା ବେଳେ ସେ ଆଉ ତାଙ୍କ ସହକର୍ମୀ ଓପାସ ଥିଲେ, କାରଣ ତାଙ୍କ ସେବା କରିବା ପାଇଁ ଆସିଥିବା ଚାଉଳ ଶେଷ ହୋଇଥିଲା। ତାଙ୍କ ରହିବା ସ୍ଥାନରେ ପ୍ରପୀଡ଼ିତ ମାନଙ୍କ ପାଇଁ ଆସିଥିବା ଖାଦ୍ୟ ସାମଗ୍ରୀ ଥିଲା, ସେ ପ୍ରପୀଡ଼ିତ ଲୋକଙ୍କ ସାମଗ୍ରୀକୁ ରୋଷେଇ କରି ଖର୍ଚ୍ଚ କରିବାକୁ ଚାହୁ ନ ଥିଲେ, ସେ ସହକର୍ମୀ ମାନକୁ ବୁଝାଇ କହିଲେ ଯେ, ଏ ତାଙ୍କର ଖାଦ୍ୟ ସାମଗ୍ରୀ ନୁହଁ ଆଉ ତାଙ୍କ କଥାରେ ସହକର୍ମୀ ମାନେ ମଧ୍ୟ ଉତ୍ତମ ଭାବରେ ବୁଝି ଯାଇ ଥିଲେ। ନିଃସ୍ୱାର୍ଥର ସେବାର ଅଧିକାରୀ ଥିଲେ ଆମ ପୂଜ୍ୟ ଗୋପବନ୍ଧୁ। ସେ ୧୯୦୯ ମସିହାରେ ସତ୍ୟବାଦୀ ବନବିଦ୍ୟାଳୟ ଗଢି ଥିଲେ, ଯେଉଁ ବିଦ୍ୟାଳୟର ଲକ୍ଷ୍ୟ ଥିଲା ବିଦ୍ୟାଳୟ ଶିକ୍ଷା ସହ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା। ଏ ବିଦ୍ୟାଳୟ ମାତ୍ର ୧୯ ଜଣ ଶିକ୍ଷାର୍ଥୀଙ୍କୁ ନେଇ ଆରମ୍ଭ ହୋଇଥିଲା, ଏଥିରେ ଜଣାଶୁଣା ପାଞ୍ଚ ଜଣ ଶିକ୍ଷକ ଶିକ୍ଷା ଦାନ କାର୍ଯ୍ୟ କରୁଥିଲେ, ସେ ମାନେ ହଲେ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଆଉ ସେ ନିଜେ।ଏ ପାଞ୍ଚ ଜଣ ଶିକ୍ଷକ ପଞ୍ଚ ସଖା ଭାବରେ ବିଖ୍ୟାତ ଅଟନ୍ତି। ସତ୍ୟବାଦୀ ବନବିଦ୍ୟାଳୟର ବକୁଳ ବଣ ବହୁତ ଖ୍ୟାତ ଅଟେ। ପ୍ରାକୃତିକ ସୌନ୍ଦର୍ଯ୍ୟ ପୂର୍ଣ୍ଣ ବୃକ୍ଷରାଜି ପୂର୍ଣ୍ଣ ଥିଲା ସତ୍ୟବାଦୀ ବନ ବିଦ୍ୟାଳୟ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

କବିତା କୋଣାର୍କ

### ତୁମରି ପୂଜାରେ ଆମ ମିନତୀ

ଅଶୋକ କୁମାର ପ୍ରଧାନ



କୁନା କୁନି ରୁନି ରୁଣ୍ଡ ହୋଇଲେଣି
ମାଆ ଆସିଲେଣି ଧରାକୁ ବୋଲି
ସଭିଏଁ ପୂଜିବେ ମାଆଙ୍କ ପୟର
ଅନ୍ତରର ଦୁଃଖ ଦରଜା ଖୋଲି।

ନିରିମଳ ଚିତ୍ତେ ଭକତି ଭାବରେ
ମାଆଙ୍କ ପୟରେ ଯୋଡ଼ିବେ ଭାବ
ମାଆଙ୍କୁ କହିବେ ହୃଦୟର କଥା
ପାର କରିବାକୁ ସଂସାର ନାବ।

ଧୂପ ଦୀପ ଦେବେ ଆତୁରେ ଡାକିବେ
ମାଆଙ୍କୁ ନିଶ୍ଚୟ କରିବେ ତୋଷ
ଏ ବରଷ ଆଉ ସାଙ୍ଗ ସାଥି ମେଳେ
କାହା ସାଥେ ଜମା ହେବେନି ରୋଷ।

ଟିକି ଟିକି ଆମେ ତୁମରି ସନ୍ତାନ
ବଡ ହେବୁ ଦିନେ ତୁମରି ଲାଗି
ଆମରି ହୃଦୟେ ପର ଉପକାର
କରିବା ଭାବନା ଉଠୁ ମା ଜାଗି।

ଦୀନ ଦୁଃଖୀ ଜନେ ସେବା କରିବାକୁ
ଆମରି ଅନ୍ତରେ ଦେବ ହେ ଶକ୍ତି
ଯେତେ ଯାହା କଲେ ପ୍ରତିଟି କ୍ଷଣରେ
ତୁମ ପାଇଁ ମନେ ଭରିବ ଭକ୍ତି।

ଅଳପ ଆୟୁରେ ଭଲ କାମ କରି
ରଖିଯିବୁ ଆମେ ଆମରି ନାଆଁ
ତୁମରି ପୂଜାରେ ଏ ଆଶିଷ କର
ହସୁ ପୁର ପଲ୍ଲୀ ସହର ଗାଆଁ।

+ ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ ,ଗଞ୍ଜାମ
(ମୋ)୮୨୪୯୧୧୯୧୩୦

### ଅର୍ଥ ଓ ସ୍ୱାର୍ଥ

ପ୍ରଦୀପ୍ତ ଆଚାର୍ଯ୍ୟ

ଅର୍ଥ ଆଉ ସ୍ୱାର୍ଥ, ମଣିଷକୁ ଦିନେ,
କରିଦେବ ଅମଣିଷ,
ଏ ଦୁଇ କବଳେ,ପଡିଗଲେ ଆମେ,
ନିଶ୍ଚିତ ହୋଇବା ନାଶ।

ଚଳିବା ପାଇଁକି,ଅର୍ଥ ଆବଶ୍ୟକ,
ଛାଡିତ ପାରିବା ନାହିଁ,
ବଡଲୋକ ହେବା, ନିଶା ଲାଗିଗଲେ,
ଅମଣିଷ ଯିବା ହୋଇ।

ସ୍ୱାର୍ଥତ ରହିବ, ବଂଚିବା ପାଇଁକି,
କେବେ ତେଜି ନପାରିବା,
ମାତ୍ରାଧିକ ସ୍ୱାର୍ଥେ,ସ୍ୱାର୍ଥାନ୍ଧ ହୋଇଲେ,
ସ୍ୱାର୍ଥପର ଆଖ୍ୟା ନେବା।

ଅର୍ଥ ଓ ସ୍ୱାର୍ଥର,ସୀମାରେଖା ଡେଇଁ,
ଆଗକୁ ବଢିବା ନାହିଁ,
କେବେହେଁ ଏଥିରେ,
ବଶ ନହୋଇବା,
ଶାନ୍ତିରେ ବଂଚିବା ପାଇଁ।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

### ସିଏତ ଉତ୍କଳମଣି

ନିରାକାର ଚଇନି

ଆପଣା ସୁତକୁ କାଳ ହାତେ ଟେକି
ବିପନ୍ନ ଉଦ୍ଧାର ପାଇଁ
ଅନ୍ନ ବାସ ଧରି ଦଳ ବଳ ନେଇ
ଯାଉଥିଲେ ଯିଏ ଧାଇଁ,
ସିଏତ ଉତ୍କଳମଣି
ହୃଦୟଟି ତାଙ୍କ ଅଟଇ ସତରେ
ଦୟାର ବିଶାଳ ଖଣି।
ମରଣକୁ ଟିକେ ନକରି ଖାତର
ପାଦେ ବୁଲି ଗାଆଁ ଗାଆଁ
ବନ୍ୟା ବାତ୍ୟା ଆଉ ମରୁଡ଼ି ପୀଡ଼ିତ
ଜନେ ହେଉଥିଲେ ସାହା,
ତାଙ୍କରି ଅମୃତ ଛୁଆଁ
ରୋଗୀର ଜୀବନେ ଆଣି ଦେଉଥିଲା
ବଞ୍ଚିବାର ରାହା ନୂଆ।
'ମିଶୁ ମୋର ଦେହ
ଏ ଦେଶ ମାଟିରେ'
କେଡ଼େଯେ ମହତ ବାଣୀ
ଲେଖନୀ ମୁନଟି ସବୁରି ମନରେ
ଜାଗରଣ ଦିଏ ଆଣି,
ଆହେ ଗୋପବନ୍ଧୁ ଦାସ
ସତ୍ୟବାଦୀ ବନ ବିଦ୍ୟାଳୟ ଡାକେ
ଆଉଥରେ ଫେରିଆସ।

+ କଳିଗାଁ, ହାଟଡିହୀ,
କେନ୍ଦୁଝର-୮୩
(ମୋ)୮୨୪୯୩୮୭୯୭୩

### ଖେଳ

କବିଜ୍ୟୋତି ନିରଞ୍ଜନ ପତି



(୧)

ଲୁଚା ଛପା ଖେଳ ଖେଳୁ ଖେଳୁ
ଲୁଚି ଥିବା ଖେଳାଳୀ ଟି ଏମିତି ଏକ
ସ୍ଥାନରେ ଲୁଚି ଯାଏ ଯେ
ଖୋଜୁଥିବା ମଣିଷଟି ଖୋଜି ଖୋଜି
ନୟାନ୍ତ ହୁଏ ପଛକେ
ତା'ର ଖୋଜ୍ ଖବର ମିଳେନି-
ସେ ପରା ଏମିତି ଏକ ନଦୀ ର
ଆର ପାଖରେ ଯେ ଯେଉଁଠିକି
କେବଳ ଯିବାର ପାଦ ଚିହ୍ନ ପଡ଼ିଛି
ଫେରିବାର ପାଦ ଚିହ୍ନ ନାହିଁ।

(୨)

ଛକ ଶୂନ ଖେଳରେ ମଜି ଯାଉ ଯାଉ
ଜଣାନାହିଁ, କେତେବେଳେ
ପ୍ରତିଯୋଗୀ ତିନୋଟି ଛକ ବା ଶୂନ
ଏକାକାରକରି ସରଳରେଖା
ଟାଣି ଦିଏ,
ବୁଦ୍ଧି ଖେଳାଇ ଜିତିଯାଏ
ଆଉ ଅପର ପକ୍ଷର ଖେଳାଳୀ ଟି
ଉପସ୍ଥିତ ବୁଦ୍ଧିର ଅଭାବରେ
ଜିତୁ ଜିତୁ ହାରିଯାଏ

ଖେଳ ସବୁ ଖେଳୁ ଖେଳୁ
ହାରୁହାରୁ, ଜିତୁ ଜିତୁ
ସଂସାର ର ଖେଳ ଦିନେ ସରିଯିବ,
ହାର୍ ଜିତ୍ ହିସାବ କରିବାକୁ
ସମୟ ଇ ନଥିବ।
କିନ୍ତୁ ଯାହା ହେଲେ ବି
ଆମକୁ ଖେଳିବାକୁ ପଡିବ
କାରଣ ଖେଳ କରିବାକୁ
ଆମେ ସବୁ ଏଠି ଅବତୀର୍ଣ୍ଣ
ପୋଖତ ଖେଳ ଖେଳି ଯିବା
ହେଲେ ମଧ ଜରାଜୀର୍ଣ୍ଣ।

+ ଗାନ୍ଧୀ ମାର୍ଗ, ଅନୁଗୋଳ
(ମୋ) ୯୯୩୮୧୩୩୫୫୯

### ତୁମ ପାଇଁ

ବୈଷ୍ଣବ ମେହେର

ଅଭୁଲା ତୁମ ମୋର ପ୍ରୀତି...
ପ୍ରୀତିରେ ତୁମ ହୁଏ ମଗ୍ନ...
ମଗ୍ନ ହୋଇ ଭୁଲିଯାଏ ସବୁକିଛି...
ସବୁକିଛି ଭୁଲି, ମନେରୁହ ତୁମେ...
ତୁମେ ତ ମୋ ଜୀବନ...
ଜୀବନର ପ୍ରତିକୋଣେ ତୁମ ସ୍ମୃତି...
ସ୍ମୃତି ତୁମ ଅଲିଭା ରଙ୍ଗ...
ରଙ୍ଗ ପ୍ରେମର ବାନ୍ଧିରଖେ ଆମକୁ...
ଆମକୁ ମନେ ରଖିବ ଦୁନିଆଁ,
ଦୁନିଆଁ ଗାଇବ ଆମର ନାଁ ।

ତୁମେ ମୋ ଜୀବନର ନାୟିକା...
ନାୟିକା ତୁମେ ପ୍ରତି ମୁହୂର୍ତ୍ତର...
ମୁହୂର୍ତ୍ତ ମାନର ସମ୍ଭାରେ ବିଶ୍ୱାସ...
ବିଶ୍ୱାସ ତୁମେ, ଆଶ୍ରା ତୁମେ...
ତୁମେ ଥିଲେ ସବୁ ଆଲୋକିତ...
ଆଲୋକିତ ଦୁନିଆରେ ତୁମେ ଚକ୍ଷୁ...
ଚକ୍ଷୁ ଦେଖେ କେତେ ସ୍ୱପ୍ନ...
ସ୍ୱପ୍ନ ଏକ ନୂତନ ଆଶାର...
ଆଶା ସବୁଦିନ ରହିବାକୁ ଖୁସି,
ଖୁସିରେ ଦେଉଥିବ ତୁମେ ହସି ।

+ ଗଣ୍ଡାବାହାଲି
ନୂଆପଡା







କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୧୪)

# ଦଶରଥଙ୍କ ପୁତ୍ର ଲାଭ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିଦୁଷୀ ମିନା ଅପାଙ୍କ ରାମାୟଣ କଥା ଶୁଣି ପିଲାମାନେ ଚମତ୍କୃତ୍ ହେଉଥିଲେ। ଦିନକୁ ଦିନ ମିନା ଅପାଙ୍କ ରାମାୟଣ ଟୁଙ୍ଗିରେ ପିଲାଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। କିଛି ବୁଢ଼ା ବୁଢ଼ୀ ବି ଆଁ ମିନା ଅପାଙ୍କ ରାମାୟଣ କଥା ଶୁଣୁଥିଲେ।

ଋଷ୍ୟଶୃଙ୍ଗ ମୁନି ଯଦିଓ ଅଳ୍ପ ବୟସ୍କ ଥିଲେ, ତାଙ୍କର ତପୋବଳ ଓ ଜ୍ଞାନଲାଗି ସେ ବହୁତ ପ୍ରସିଦ୍ଧ ଥିଲେ। ଅଯୋଧ୍ୟାରେ ଦଶରଥ ରାଜାଙ୍କ ନିମନ୍ତ୍ରଣ ପାଇ ସେ ଅଯୋଧ୍ୟା ଆଗମନ କଲେ। ଅଳ୍ପ ଦିନରେ ଅଯୋଧ୍ୟାରେ ପୁତ୍ରେଷ୍ଟି ଯଜ୍ଞ ଲାଗି ସବୁ ବନ୍ଦୋବସ୍ତ ହୋଇଗଲା। ମହାରାଜ ଦଶରଥ ବହୁତ ଖୁସି ଥିଲେ ଓ କୁଳଗୁରୁ ବଶିଷ୍ଠଙ୍କ ପରାମର୍ଶ ନେଇ ସବୁ କାମ କରୁଥିଲେ।

ଋଷ୍ୟଶୃଙ୍ଗ ମୁନି ପୁତ୍ରେଷ୍ଟି ଯଜ୍ଞ ଆରମ୍ଭ କରିଦେଲେ। ଅଯୋଧ୍ୟା ନଗରୀରେ ଆରମ୍ଭ ହୋଇଗଲା ମହୋତ୍ସବ। ଯଜ୍ଞଶାଳାରେ ମହାଜ୍ଞାନୀ ମୁନି, ଋଷି ଓ ବ୍ରାହ୍ମଣ ମନ୍ତ୍ର ଉଚ୍ଚାରଣ କରି ହୋମରେ ଘୃତ ପକାଇଲେ। ଦେଶର ସାଧାରଣ ଲୋକ ମଧ୍ୟ ସେହି ଯଜ୍ଞରେ ଆସି ଭାଗନେଲେ ଭୁରି ଭୋଜନ କରି ଖୁସିରେ ନିଜ ଘରକୁ ଫେରିଲେ। ସମସ୍ତଙ୍କ ମୁହଁରେ ଦଶରଥ ରାଜାଙ୍କର ଜୟ ଜୟ କାର। କେବଳ ସେତିକି ନୁହେଁ, ସମସ୍ତେ ଦଶରଥ ରାଜାଙ୍କର ଶୁଭ ମନାସୁଥିଲେ ଓ ଅଯୋଧ୍ୟାର ରାଜାଙ୍କର ପୁତ୍ର ପ୍ରାପ୍ତି ହେଉ- ଏ କଥା କାମନା କରୁଥିଲେ।

ପୁତ୍ରେଷ୍ଟି ଯଜ୍ଞ ସରି ଆସୁଥାଏ। ଋଷ୍ୟଶୃଙ୍ଗ ମନୁ ଦଶରଥଙ୍କୁ ଅନ୍ଧମୁନି ଦେଇଥିବା ଶ୍ରୀଫଳ (ନଡ଼ିଆ) ଆଣିବାକୁ କହିଲେ। ସଙ୍ଗେ ସଙ୍ଗେ ଦଶରଥ ସେ ନଡ଼ିଆକୁ ଆଣିଲେ ଓ ଅନ୍ଧମୁନିଙ୍କୁ ନମସ୍କାର କରି ଶ୍ରୀଫଳକୁ ଋଷ୍ୟଶୃଙ୍ଗ ଋଷିଙ୍କୁ ଦେଲେ। ଶ୍ରୀଫଳକୁ ଯଜ୍ଞ ଅଗ୍ନିରେ ରଖି ଚରୁଅନ୍ନ ପ୍ରସ୍ତୁତ କଲେ ଋଷ୍ୟଶୃଙ୍ଗ।

ପିଲାମାନେ, ତୁମମାନଙ୍କ ଘରେ ବେଳେ ହୋମ ହେଉଥିବ ଓ ସେଥିରେ ନଡ଼ିଆ ପୋଡ଼ା ଯାଉଥିବ। ସେହି ନଡ଼ିଆକୁ ବହୁତ ପବିତ୍ର ମନେ କରାଯାଏ ଓ ଏହାକୁ ପ୍ରସାଦ ରୂପେ ଲୋକେ ନିଅନ୍ତି।

ପୁତ୍ରେଷ୍ଟି ଯଜ୍ଞରୁ ଯେଉଁ ଚରୁ ପ୍ରସ୍ତୁତ ହେଲା ଋଷ୍ୟଶୃଙ୍ଗ ତାକୁ ଦଶରଥଙ୍କୁ ଦେଲେ ଓ ରାଣୀମାନଙ୍କୁ ଦେବାକୁ କହିଲେ। ରାଜା ଦଶରଥ ଖୁସିରେ ଚରୁ ନେଇ ରାଣୀ କୌଶଲ୍ୟା ଓ କୈକେୟୀଙ୍କ ମଧ୍ୟରେ ବାଂଟିଦେଲେ। ରାଣୀ ସୁମିତ୍ରାଙ୍କୁ ସେ ଭୁଲି ନଥିଲେ, ମାତ୍ର କିଛି ଶାପ ଲାଗି ସେ ସୁମିତ୍ରାଙ୍କୁ ଦେଖା କରିପାରି ନଥିଲେ।

ରାଣୀ ସୁମିତ୍ରା ଜାଣିଥିଲେ ମହାରାଜା ଦଶରଥ ତାଙ୍କ ପାଖକୁ ଆସିବେନି କି ତାଙ୍କୁ ଚରୁ ପ୍ରଦାନ କରିବେନି। ସୁମିତ୍ରାଙ୍କ ମନ ବ୍ୟାକୁଳ ହୋଇ ଉଠିଲା ଓ ସେ କୌଶଲ୍ୟାଙ୍କ ପାଖରେ ପହଂଚିଲେ। ସୁମିତ୍ରାଙ୍କୁ ଦେଖି କୌଶଲ୍ୟା ଖୁସି ହେଲେ। ମହାରାଣୀ କୌଶଲ୍ୟା ସୁମିତ୍ରାଙ୍କୁ ନିଜ ସାନ ଭଉଣୀ ପରି ଭଲ ପାଉଥିଲେ। ତେଣୁ ସେ ବିନା ଦ୍ୱିଧାରେ ନିଜ ଚରୁକୁ ଦୁଇ ଭାଗ କରି ଗୋଟିଏ ଭାଗ ସୁମିତ୍ରାଙ୍କୁ ଦେଲେ। କୈକେୟୀ ମଧ୍ୟ କୌଶଲ୍ୟାଙ୍କ ଉଦାରତା ଦେଖି ନିଜ ଚରୁକୁ ଦୁଇ ଭାଗ କଲେ ଓ ଗୋଟିଏ ଭାଗ ସୁମିତ୍ରାଙ୍କୁ ଦେଲେ। ଏହିପରି ଭାବମରେ ଚରୁ ଚାରି ଭାଗ ହେଲା ଓ ସୁମିତ୍ରା ସେଥିରୁ ଦୁଇ ଭାଗ ପାଇଲେ।

ପିଲାମାନେ, ରାଣୀମାନେ ପବିତ୍ରତା ସହିତ ଚରୁ ଭକ୍ଷଣ କଲାପରେ ଗର୍ଭବତୀ ହେଲେ ଓ କାର୍ଯ୍ୟକ୍ରମେ ଚାରିପୁତ୍ରଙ୍କୁ ଜନ୍ମ ଦେଲେ। ମହାରାଣୀ କୌଶଲ୍ୟା ପ୍ରଭୁ ଶ୍ରୀରାମଙ୍କୁ ଜନ୍ମ ଦେଲେ।

କୈକେୟୀ ଭରତଙ୍କୁ ଓ ସୁମିତ୍ରା ଲକ୍ଷ୍ମଣ ଓ ଶତୃଘ୍ନଙ୍କୁ ଜନ୍ମ ଦେଲେ। ବିଧିର ବିଚିତ୍ର ବିଧାନ- କୌଶଲ୍ୟା ଦେଇଥିବା ଚରୁ ଦ୍ୱାରା ଲକ୍ଷ୍ମଣ ଜନ୍ମ ହେଲେ ଓ ସେ ରାମ ଭକ୍ତ ହେଲେ। ସେହିପରି କୈକେୟୀ ଦେଇଥିବା ଚରୁ ଦ୍ୱାରା ଶତୃଘ୍ନ ଜନ୍ମ ହେଲେ ଓ ସେ ଭରତଙ୍କର ପ୍ରିୟ ହୋଇ ତାଙ୍କ ସାଂଗରେ ରହିଲେ।

ଏ ଘଟଣା ସବୁ ବିଧି ନିର୍ଦ୍ଧାରିତ। ପୃଥିବୀରେ ଅଧର୍ମର ଭାର ବଢ଼ିଲେ ତାକୁ ବିନାଶ କରି ଧର୍ମର ସଂସ୍ଥାପନା ଲାଗି ଭଗବାନ ଶ୍ରୀବିଷ୍ଣୁ ବୈକୁଣ୍ଠରେ ଛାଡ଼ନ୍ତି ଓ ମର୍ତ୍ତ୍ୟରେ ଜନ୍ମ ଗ୍ରହଣ କରନ୍ତି। ରାବଣର ଅତ୍ୟାଚାର ଓ ଅନ୍ୟାୟରେ ଅତିଷ୍ଠ ହୋଇ ପଡ଼ିଥିଲେ ପୃଥିବୀର ଲୋକ, ମୁନି ଋଷି ଓ ସ୍ୱର୍ଗର ଦେବତାମାନେ। ତେଣୁ ଭଗବାନ ବିଷ୍ଣୁ ରାମ, ଲକ୍ଷ୍ମଣ, ଭରତ ଓ ଶତୃଘ୍ନ ରୂପରେ ଜନ୍ମ ଗ୍ରହଣ କଲେ।

ପୁତ୍ରମାନଙ୍କ ଜନ୍ମଗ୍ରହଣ ପରେ ରାଜା ଦଶରଥ ବହୁତ ଖୁସୀ ହେଲେ। କୁଳଗୁରୁ ବଶିଷ୍ଟ ପିଲାମାନଙ୍କର ନାମକରଣ କଲେ। ବର୍ତ୍ତମାନ ବଶିଷ୍ଠ କିପରି ନାମକରଣ କଲେ ସେ କଥା କହୁଛି।

ଦଶରଥଙ୍କ ଜ୍ୟେଷ୍ଠ ପୁତ୍ରଙ୍କ ଶରୀର ରମଣୀୟ ହୋଇଥିବାରୁ ତାଙ୍କ ନାମ ରଖାଗଲା। ସୁମିତ୍ରାଙ୍କ ପ୍ରଥମ ପୁତ୍ର ସର୍ବ ସୁଲକ୍ଷଣ ଯୁକ୍ତ ଥିବାରୁ ତାଙ୍କ ନାମ ଲକ୍ଷ୍ମଣ ରଖାଗଲା। ଧର୍ମନୀତିରେ ଦୃଢ଼ ଓ ରାଜ୍ୟ ପାଳନ ଲାଗି ସମର୍ଥ ଥିବାରୁ କୈକେୟୀଙ୍କ ପୁତ୍ରର ନାମ ଭରତ ରଖାଗଲା। ଶତ୍ରୁମାନଙ୍କ ଦମନ କରିବେ ସୁମିତ୍ରାଙ୍କ ଦ୍ୱିତୀୟ ପୁତ୍ର। ସେଥିଲାଗି ତାଙ୍କ ନାମ ଶତୃଘ୍ନ ରଖାଗଲା।

ପିଲାମାନେ, କେବଳ ରାଜା ଦଶରଥ ଓ ଅଯୋଧ୍ୟାର ଲୋକ ନୁହନ୍ତି ଦେବତାମାନେ ମଧ୍ୟ ଶ୍ରୀରାମଙ୍କ ଜନ୍ମ ଲାଗି ଉତ୍ସବ ପାଳନ କଲେ। ପୃଥିବୀ ରାଣୀ ଶ୍ରୀରାମଙ୍କ ସ୍ୱାଗତ କରିବାକୁ ସୁନ୍ଦର ଦିଶିଲା।

ଆଜି କଥା ଏଇଠି ରଖିବା ଆସନ୍ତାକାଲି ସୀତା ମା'ଙ୍କ ଜନ୍ମ କଥା ଶୁଣିବା। ଏତିକି କହି ମିନା ଅପା ତାଙ୍କ କଥା ସାରିଲେ।

(କ୍ରମଶଃ)

+ (ମୋ) ୯୯୮୦୩୦୦୭୫୧

## କବିତା
ତୁମ ପାଇଁ



### ॥ ରାତି ହେଲେ ଆସୁନାହିଁ ନୂଆ ନୂଆ ସପନ ॥

ମାନସ ରଞ୍ଜନ ମହାପାତ୍ର

ଦିନଯାକ ପବନଟା ରହିଥାଏ ବାଉଳି
ସଞ୍ଜ ହେଲେ ଶୁଭିଯାଏ ଚଢ଼େଇଙ୍କ କାକଳି
କେତେ ଦୂର ଦୁନିଆଁରୁ ଆସୁଥାଏ ମଇନା
ଖରା ହେଲେ ବୁଲିବାକୁ ଚାଲିଯାଏ ଚାଇନା
କରୋନା ଆସିବା ଦିନୁଁ ସିଏ ଆଉ ଆସୁନି
କେତେ ଲୋକ ଗଲେ ଚାଲି କିଛି ବୁଝି ହେଉନି ।

ଶୀତ ହେଲେ ରୁଷିଆରୁ ଆସୁଥିଲେ ଚଢ଼େଇ
ଏବେ କିଏ ସେମାନଙ୍କୁ ବାଟ ଦେଲା ଭୁଲେଇ
ନୂଆ ନୂଆ କୋଠାବାଡ଼ି ଗାଆଁ ମୋର କାହିଁରେ
ଗୀତ ଆଉ ଶୁଭୁନାହିଁ ଅପନ୍ତରା ସହରେ

ଗାଡ଼ି ମଟର ଶବ୍ଦରେ ହଜିଗଲା ଜୀବନ
ରାତି ହେଲେ ଆସୁନାହିଁ ନୂଆ ନୂଆ ସପନ
ପବନଟା ଗୁମ୍ ସୁମ୍ କାକଳି ବି ଶୁଭୁନି
ଭାରି କଷ୍ଟ ଲାଗେ ଆଜି କିଛି ଭଲ ଲାଗୁନି ॥

+ ଶୀଳାଚିନ୍ମୟ, ମଧୁବନ ଷଷ୍ଠ ଗଳି
ଟିକରପଡା ରୋଡ଼ , ପୁରୀ
(ମୋ) ୯୮୯୧୯୪୬୧୭୮

### ବନ୍ଧନ.....

ଧ୍ରୁବ ଚରଣ ବେହେରା

ସରଳ ସୁନ୍ଦର ଶାନ୍ତ ଦୟାମୟୀ
ସୁନା ଭଉଣୀ ସେ ମୋର
ତା' ମୁଖର ବାଣୀ ଲାଗୁଥାଏ ସତେ
ଝରଣାର ମଧୁଝର ॥

ନରଖି ମନରେ ଛନ୍ଦ କି କପଟ
ଆପଣାର କରି ନେଉ
ଶୀତଳତା ଭରି ହୃଦୟ ତୋହାର
ଆତ୍ମୀୟତା ଗୁଣ ଗାଉ ॥

ସଂପର୍କରେ ଯୋଡି ବୁଝି ତୁ ପାରିଛୁ
ପବିତ୍ରତା ପୁଣ୍ୟ ପ୍ରେମ
ଭାଇ ଭଉଣୀର ସେନେହ ବନ୍ଧନ
ଜୀବନେ ଅତି ଉତ୍ତମ ॥

ବିଧାତା ସୃଷ୍ଟିରେ ଅମୂଲ୍ୟ ସଂପର୍କେ
ବାନ୍ଧିଲୁ ଅତୁଟ ଡୋର
ତୁ ମୋ ଭଉଣୀ ସୁନା ନାକି ସୋନୁ
ମୁଁ ଅଚିହ୍ନା ଭାଇ ତୋର ॥

ଶ୍ରୀ ମନ୍ଦିର ସାକ୍ଷୀ ଧର୍ମ ଦେବ ସାକ୍ଷୀ
ସାକ୍ଷୀ ମାଆ ଭଗବତୀ
ତୋ ଜୀବନ ପଥ ହେଉ କୁସୁମିତ
ଏତିକି କରେ ମିନତି ॥

ତୋପରି ଭଉଣୀ ସେନହର ମୁଣି
ସତ୍ୟ ନ୍ୟାୟ କ୍ଷମା ଦାତ୍ରୀ
ଦେଉଛି ଆଶିଷ କରୁଣାର ଯଶ
ସୁଖେ ଯାଉ ଦିନ ବିତି ॥

ଚଲାପଥ ପରେ କୁସୁମ ବରଷୁ
ସୁଖ ସମୃଦ୍ଧିର ପଥେ
ମାଆ କାଳିଜାଇ ହୁଅନ୍ତୁ ସହାୟ
ଥାଆନ୍ତୁ ତୋ ସାଥେ ସାଥେ ॥

ସେନେହ ସଂପର୍କ ଜୀବନ ଖୋଜଇ
ଭାଇ ଖୋଜେ ଭଉଣିକୁ
ହସ ଖୁସି ନେଇ ଦୀର୍ଘାୟୁ ହୋଇଥା
ମୋ ଆଶିଷ ତୋ ମଥାକୁ

+ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

### ବୋଉ

ଦେବେନ୍ଦ୍ର ନାଥ ମହାଳିକ

ଫୁଲଠୁ କୋମଳ ଜହ୍ନଠୁ ଶୀତଳ
ଓଠରୁ ଝରେ ଯା ମହୁ
ଥନରୁ ଯାହାର ଅମୃତ ଝରଇ
ସେଇ ପରା ମୋର ବଉ ।

କଥାରେ ଯାହାର ଦୁର ହୋଇଯାଏ
ସକଳ ଯାତନା ମୋର
ଅମୃତ ମୟୀସେ କଲ୍ୟାଣ ଦାୟିନୀ
ସାହା ମୋର ନିରନ୍ତର ।

ତାର ପାଦ ଧୂଳି ସ୍ୱର୍ଗଠାରୁ ବଳି
ଶତ ଗଙ୍ଗାଠୁ ପବିତ୍ର
ଶ୍ରୀମନ୍ଦିର ନେତ ହରଇ ପାତକ
ତାର ସେ ଚିରା ପଣତ ।

ସୁଖେ ଦୁଖେ ଅବା ବିପଦେ ଆପଦେ
ସଦା କାଳେ ସେହି ସାହା
ସହି ମୋର ପ୍ରାଣ ହୃଦୟ ସ୍ପନ୍ଦନ
ସେହି ମୋ ଜୀବନ ରାହା ।

ତା ବିନା ଜୀବନ ଅଧୁରା ଲାଗଇ
ସକାଳରୁ ସଂଜ ଯାଏ
ସେହି ମୋର ବଡ ଜନମ ଦାୟିନୀ
ତା ଚରଣେ ମଥା ନୁଏ ।

ସା/ପୋ ମଙ୍ଗଳପୁର
ଥାନା ତିହିଡି, ଜିଲ୍ଲା ଭଦ୍ରକ
ମୋ:- ୬୩୮୦୭୦୬୦୭୯

### ବୋଉ କଥା ଆଜି ଭାବୁଛି ମୁହିଁ

ଜୟନ୍ତ କୁମାର ମଲ୍ଲିକ

କେଡ଼େ ଯତନରେ ଆରିସା ପିଠାକୁ
ତିଆରି କରଇ ବୋଉ
ପିଲା ବେଳେ ତାକୁ ଖାଇବା ପାଇଁକି
ଆମେ ଯେ ପାଗଳ ହଉ

ଖାଇଲେ ସେ ପିଠା ସୁଆଦ ଲାଗଇ
ଲାଗଇ ତ ଭାରି ମିଠା
ସେହି ପିଠା ଆଉ ପାଉନି ଲୋ ବୋଉ
ପାଟି ମାରିଯାଏ ଅଠା

ଆଜି ତୋଓ ପାଇଁ ଅନ୍ତର କାନ୍ଦୁଛି
ଆଖିରୁ ଝରୁଛି ଲୁହ
ଏଇ ଦୁନିଆରେ କେମିତି ବଂଚିବି
ସରଗରେ ଥାଇ କହ

ଆଜି ସିନା ବୋଉ ପର କରି ମତେ
ରହିଗଲୁ କାହିଁ ଦୂରେ
ମୁଉଁ ଆଜି ଏଠି ତୋ କଥା ଭାବୁଛି
ଭାବୁ ଥିବି ନିରନ୍ତରେ ।

ଶୁରଡ଼ିହ , ନନ୍ଦିପୁର , ଯାଜପୁର
(ମୋ)୯୪୩୭୮୬୫୭୨୭

### କାହା ଦୋଷ କୁହ ଧରିବ

ଶିଶିର କୁମାର ପଣ୍ଡା

ଅକଲ ମକଲ ଟକଲ
ଏମିତିକା ତୁମ ଅକଲ
କଦଳୀଟା ଖାଇ ଚୋପା ଫିଙ୍ଗିଦେଇ
କେଡ଼େ ଅପରାଧ ନ କଲ !

ଭିଡ଼ ଅଛି ଆଜି ବଜାରେ
ଲୋକ ଚାଲୁଛନ୍ତି ହଜାରେ
ଚୋପାକୁ ମାଡ଼ିକି ପଡ଼ିବାରୁ କେହି
ତୁମେ ହସୁଅଛ ମଜାରେ !

ଏଣେତେଣେ ଯେବେ ଯାଉଛ
ମନଇଚ୍ଛା କିଣି ଖାଉଛ
ହେଲେ ବାଟଘାଟ ଅସନା କରିକି
କହିଲ କି ଲାଭ ପାଉଛ ?

ଯଦିବା ଏମିତି କରିବ
ନିଜେ ଅସୁବିଧା ବରିବ
ଆଜି ନହେଲେ ବି କାଲି ପଡ଼ିଗଲେ
କାହା ଦୋଷ କୁହ ଧରିବ ?

କୁଆଁସ , ମେରଦା କାଟିଆ , ଯାଜପୁର
(ମୋ) ୮୯୮୧୭୩୭୨୨୮

## ପିଲାଙ୍କ ଉପନ୍ୟାସ : ଭାଗ-୨୨

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାତିରେ ଗବେଷଣା କରିକରି ସେଇଠି ବି ଶୋଇପଡୁଛନ୍ତି ଗବେଷଣା ଟେବୁଲ୍‌ରେ ମୁଣ୍ଡ ରଖି । ଶେଯସୁପାତି ଲୋଡାନାହିଁ ।

ଏମିତି ଏକ ନିଶବ୍ଦ ମୁହୂର୍ତ୍ତ । ନୀଳନାରଙ୍ଗୀ ଆଲୋକରେ ଝଲସି ଉଠିଲା ଗବେଷଣାଗାର । ସେ ଆଲୋକର ଉଜ୍ଜ୍ୱଳତା ଏତେ ତୀବ୍ର ଥିଲା ଯେ ଶୟନରତ ସଂଗ୍ରାମବାବୁ ଓ ଶୈଳେଶ ବାବୁଙ୍କ ଆଖି ଖୋଲିଗଲା ଆପେ ଆପେ । ନିଦରୁ ଉଠି ସେ ଦୁହେଁ ଯାହା ଦେଖିଲେ ସହଜେ ବିଶ୍ୱାସ କରିପାରୁନଥିଲେ । ଟାଇମ୍ ମେସିନ୍ ଉପରୁ ଆପେଆପେ ଉଠିଯାଉଥିଲା ସବୁଜ ଆସ୍ତରଣଟିଏ । ସେ ଆସ୍ତରଣ ଧୀରେଧୀରେ ଅପସରି ଯାଉଥିଲା ଗବେଷଣାଗାରରୁ ।

ମନୀଷ ଓ ସୋମୁ ଓହ୍ଲାଇ ଆସିଲେ ଟାଇମ୍ ମେସିନ୍‌ରୁ । ତାଙ୍କୁ ଦେଖି ସଂଗ୍ରାମବାବୁ ଓ ଶୈଳେଶବାବୁ ଆନନ୍ଦରେ ଆତ୍ମହରା ହୋଇଉଠିଲେ । ସେ ଦୁହେଁ କିନ୍ତୁ ଆଖିଆଗରେ ପାଗଳବାବଙ୍କୁ ଦେଖି ଶଙ୍କିଗଲେ । ସୋମୁ ତ ଭୟରେ କାଠପାଲଟିଗଲା । ମନୀଷ ଲକ୍ଷ୍ୟ କଲା ... ପାଗଳାବାବା ଢେର୍ ବଦଳିଯାଇଛନ୍ତି । ତାଙ୍କ ମୁହଁରେ ପୂର୍ବର ଗମ୍ଭୀରତା ନାହିଁ । ତାଙ୍କ ଟାଇମ୍ ମେସିନ୍ ସେମାନେ ନେଇଯାଇଥିବାର କ୍ରୋଧଭାବ ନାହିଁ । ମନୀଷ ପାଗଳାବାବାଙ୍କ ପାଦଧରିପକାଇ କହିଲା -- ପାଗଳାବାବା ଆମକୁ କ୍ଷମା କରିଦିଅ । ଆପଣଙ୍କ ବିନାନୁମତିରେ ଏ ଗବେଷଣାଗାରରେ ପ୍ରବେଶ କରିଥିଲୁ । ଟାଇମ୍ ମେସିନ୍‌ରେ ଚଢି ତା'ର ବିଭିନ୍ନ ଯନ୍ତ୍ରପଟାରେ ଲାଗିଲୁ ଫଳ ଯାହା ଭୋଗିବାକଥା ଭୋଗିଲୁ ମଧ୍ୟ । ଟିନି ସାହାଯ୍ୟ କରିନଥିଲେ ଆମେ ଆଉ ସମୟ ଯାତ୍ରାରୁ ଫେରିଆସିବା ସମ୍ଭବ ହୋଇ ନଥାଆନ୍ତା ପ୍ଲିଜ୍ ଆମ ଭୁଲ୍ ପାଇଁ ଆମକୁ କ୍ଷମା କରିଦିଅ । ଏପରି ଭୁଲ୍ ଆଉ ଜୀବନ ଥିବାଯାଏ କରିବୁନି ।

ପାଗଳାବାବା ଓ ସଂଗ୍ରମବାବୁ ଦୁଇପିଲାଙ୍କୁ କୋଳାଇନେଲେ । ଶାନ୍ତ୍ୱନାଦେଲେ । ପାଗାଳାବାବା ତ ଖୁସିରେ କାନ୍ଦି ପକାଇଲେ । ମନୀଷକୁ ଆଉଁସି ପକାଇ କହିଲେ - ଆରେ ବାବା... ତୋ ଭୁଲ୍ ପାଇଁ ତ ମୁଁ ଆଜି ମୋ ଟାଇମ୍ ମେସିନ୍ ପାଇଁ ଗର୍ବକରୁଛି । ଗବେଷଣାଲବ୍ଧ ଜିନିଷର ସଠିକ୍ ବ୍ୟବହାର ନ ହେଲା ପର୍ଯ୍ୟ' ତା'ର ଉପୁଯୁକ୍ତ ମୂଲ୍ୟାୟନ ହୋଇପାରେନା । ମୁଁ ସିନା ଟାଇମ୍ ମେସିନ୍‌ର ଜନକ ଥିଲ; ମାତ୍ର ତାକୁ ବ୍ୟବହାର କରିବା ପାଇଁ ଯେଉଁ ମାନସିକ ଶକ୍ତି ଆବଶ୍ୟକ ତାହା ମୋ ପାଖରେ ନଥିଲା । ମୁଁ ସେତିକି ନିର୍ଭୀକ ନୁହେଁ ଏହାକୁ ଚଳାଇବାକୁ । ଭୁଲ୍‌ରେ ହେଉପଛେ ତୁ ମୋ ଉଦ୍ଭାବନର ସଠିକ୍ ପରୀକ୍ଷଣ କରି ମତେ ଗର୍ବିତ କରିଛୁ । ସେଥିପାଇଁ ମୁଁ ଆଜି ତୋ ନିକଟରେ କୃତଜ୍ଞ ।

ସୋମୁର ଭୟ ଦୂରୀଭୂତ ହୋଇଥିଲା । ମନୀଷର ମାମୁ ଦୁହିଁଙ୍କୁ କୋଳେଇ ଧରି କହିଲେ - ମୁଁ ଜାଣେ ତୁମେ କଦାପି ହାରିଯିବନି । ମୋର ବିଶ୍ୱାସଥିଲା ସମୟ ଯାତ୍ରାରୁ ତୁମେ ନିଶ୍ଚୟ ଫେରିଆସିବ; ମାତ୍ର ଏତେ ଶୀଘ୍ର ଫେରିଆସିବ ଏ କଥା ମୁଁ ସ୍ୱପ୍ନରେ ସୁଦ୍ଧା ବିଶ୍ୱାସ କରିପାରୁନି ।

ମନୀଷ କହିଲା - ଏହା ସମ୍ଭବ ହେଲା କେବଳ ୨୦୫୦ ମସିସିହାର ବନ୍ଧୁ ଟିନି ପାଇଁ । ତା' ବୁଦ୍ଧିମତା ଆଉ ଉଦାରତା ହିଁ ଆମକୁ ରକ୍ଷାକଲା । ସକୁଶଳେ ଆମ ସମୟକୁ ପ୍ରତ୍ୟାବର୍ତ୍ତନ କରାଇଲା ।

ମନୀଷ ଓ ସୋମୁ ସମୟ ଯାତ୍ରାର ନିଆରା ଅନୁଭୂତି ବଖାଣୁଥିଲେ । ଶୈଳେଶବାବୁ ଓ ସଂଗ୍ରାମବାବୁ ସମ୍ମୋହିତ ହୋଇ ଶୁଣୁଥିଲେ ତାଙ୍କ କଥା । ଧୀରେଧୀରେ ରାତି ପାହୁଥିଲା । ଉଇଁ ଆସୁଥିଲେ ସୂର୍ଯ୍ୟ ନୂଆ ସକାଳଟେ ନେଇ । ଯାହା ସୋମୁ ଆଉ ମନୀଷର ପ୍ରତ୍ୟାବର୍ତ୍ତନର ଖୁସିନେଇ ଖାଲି ଆସିନଥିଲା ବରଂ ଆସିଥିଲା ଅସଜଡା ଆଗାମୀ କାଲିକୁ ସଜାଡିବାର କିଛି ସମ୍ଭାବନା ନେଇ ।

(ସମାପ୍ତ)

+ ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

# ପରୋପକାରୀ ସାଧୁ



ନଗେନ୍ଦ୍ର ନାଥ ପଟ୍ଟନାୟକ



ଏକଦା ଜଣେ ସାଧୁ ଥିଲେ । ସେ ଖୁବ୍ ପରୋପକାରୀ। ଅଧିକାଂଶ ସମୟରେ ସେ ପର ଦୁଃଖରେ କାତର ହୋଇ ପଡୁଥିଲେ । ଦୁଃଖୀର ଦୁଃଖ ଲାଘବ କରୁଥିଲେ । ପାରୁପଣେ ବିପଦ ଆପଦରେ ସାହାଯ୍ୟ କରୁଥିଲେ । ଏମିତି ଦିନାକେତେ ବିତିଗଲା । ସମୟକ୍ରମେ ସାଧୁ ବୃଦ୍ଧ ହୋଇଗଲେ । ତାଙ୍କର ଅନ୍ତିମ ସମୟ ଉପଗତ। ଚିତ୍ରଗୁପ୍ତ ପାଂଜି ଦେଖି କହିଲେ - ସାଧୁ ଜଣକ ପୂଣ୍ୟବନ୍ତ ସାଙ୍ଗେ ସାଙ୍ଗେ ଯମରାଜା ଦୂତକୁ ଆଦେଶ ଦେଲେ - ଯାଅ ତୁରନ୍ତ ତାଙ୍କୁ ସ୍ୱର୍ଗାଲୋକକୁ ଘେନିଆସ । ଯମଦୂତ ସାଧୁଙ୍କ ନିକଟକୁ ଧାଇଁଆସି କହିଲେ -ଆମ ସାଙ୍ଗରେ ଚାଲ, ଆମେ ଆସିଚୁ ତୁମକୁ ସ୍ୱର୍ଗାଲୋକକୁ ନେବାପାଇଁ । ଏଇଆ କହି ଦେବଦୂତ ତାଙ୍କୁ ଦେବଯାନରେ ବସାଇଦେଲେ। ଆକାଶ ମାର୍ଗରେ ଯାଉ ଯାଉ ନରକରୁ ବିକଳ ଚିତ୍କାର ସାଧୁଙ୍କ କାନରେ ବାଜିଲା ଦୂତ ଆଡକୁ ବୁଲିପଡି ସାଧୁ ତତକ୍ଷଣାତ ପ୍ରତିବାଦ ସ୍ୱରରେ ପଚାରିଲେ -ଆରେ ଏ କଣ ଏମିତି ଯନ୍ତ୍ରଣାଦାୟକ ଆକୁଳ ଚିତ୍କାର କାହାର କେଉଁ ଆଡୁ ଭାସିଆସୁଛି । ସେଠୁ ଯମଦୂତ ଜଣକ ତାଙ୍କୁ ବେଶ୍ ଭଲ ଭାବରେ ବୁଝାଇଲେ -ଯିଏ ପାପ ଓ ଅଧର୍ମ କରେ ସିଏ ନର୍କରେ ଏମିତି ଯନ୍ତ୍ରଣା ଭୋଗକରେ । କିନ୍ତୁ ତୁମେ ତ ପୁଣ୍ୟ ଅର୍ଜନ କରିଛ। ସେମାନଙ୍କ କଥାରେ କାହିଁକି ମୁଣ୍ଡ ପୂରାଉଛ ? ସେମାନଙ୍କ ପ୍ରତି ଏତେ ଦରଦ କାଇଁକି ? ଆମେ ପରା ତୁମକୁ ସ୍ୱର୍ଗ ଆଡେ ନେଇଯାଉଛୁ । ସେଇଠି ତୁମେ ଆମମାନଙ୍କ ଭଳି ସର୍ଗସୁଖ ଉପଭୋଗ କରିବ। ଏ କଥାରେ ସାଧୁଙ୍କ ହୃଦୟ ଏକବାରେ ଦ୍ରବୀଭୂତ ହୋଇଗଲା। ଏକଥା ଶୁଣିବା ମାତ୍ରେ ସାଧୁ ଶିହରି ଉଠିଲେ ଓ କହିଲେ-ମୁଁ ଜମା ସ୍ୱର୍ଗ ଯିବିନି । ଏଥିରୁ କିପରି ମୁକ୍ତି ଲଭିବି ସେ ବାଟ ମତେ ବତାଇଦିଅନ୍ତୁ । ସେଠୁ ଯମଦୂତ ତାଙ୍କୁ ପୁଣିଥରେ ବୁଝାଇବାକୁ ଚେଷ୍ଟାକଲେ । କହିଲେ -ଯଦି କେହି ସ୍ୱଅର୍ଜିତ ପୂଣ୍ୟକୁ କାହାକୁ ଦାନ କରିଦିଏ ତାକୁ ନରକରୁ ମୁକ୍ତି ମିଳିପାରେ। ଏକଥା ଶୁଣି ସାଧୁ ସହସା କହିଲେ-ମୁଁ ଆପଣଙ୍କୁ ସ୍ୱଅର୍ଜିତ ସକଳ ପୂଣ୍ୟ ସେମାନଙ୍କ ମୁକ୍ତିପାଇଁ ଦାନ କରିଦେଉଛି। ମୁଁ ନର୍କ ଯିବାକୁ ଏକବାରେ ତୟାର। ଏତିକିବେଳେ ଯମରାଜା ସ୍ୱୟଂ ଆସି ସାଧୁଙ୍କ ସାମନାରେ ଉଭା ହୋଇଗଲେ। ବଡ ଆଗ୍ରହର ସହିତ ସାଧୁଙ୍କ ଉଦ୍ଦେଶ୍ୟରେ କହିଲେ - ଆପଣଙ୍କ ଏହି ପରଦୁଃଖ କାତରତାଠୁ ବଳି ଏ ଜଗତରେ ଆଉ କୌଣସି ପୂଣ୍ୟ ଧର୍ମ ନାହିଁ। ସୁତରାଂ ଏହା ହେଉଛି ସର୍ବଶ୍ରେଷ୍ଠ ପୂଣ୍ୟ । ଆପଣ ମଧ୍ୟ ଏମାନଙ୍କ ସାଙ୍ଗରେ ସର୍ଗରେ ରହିବେ । ଏଇଆ କହି ସେ ସଙ୍ଗେ ସଙ୍ଗେ ନର୍କରେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିବା ପାପୀମାନଙ୍କୁ ଉଦ୍ଧାର କରିଦେଲେ । ତା'ପରେ ପରୋପକାରୀ ସନ୍ଥ ସେମାନଙ୍କ ସାଙ୍ଗରେ ସ୍ୱର୍ଗାରୋହଣ କଲେ। ଶେଷରେ ସେଠାରେ ପହଁଚି ସ୍ୱର୍ଗରେ ସହାବସ୍ଥାନ କଲେ । ଅମୃତମୟ ଜୀବନ ବିତେଇବାକୁ ଲାଗିଲେ ।

+୯୯୯-ଘ,
ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର,ମୋ-୯୪୩୮୩୩୨୧୩୮

# ଦ୍ୱିତୀୟ ଡୋଜ୍ ଉପରେ ଦିଆଯାଉଛି ଗୁରୁତ୍ୱ

ଭୁବନେଶ୍ୱର,୮/୧୦ (ନି.ପ୍ର): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମୋଟ ୩ କୋଟି ୨୧ ଡୋଜ ଟିକାକରଣ ହୋଇଛି । ୨ କୋଟି ୩୦ ଲକ୍ଷ ପ୍ରଥମ ଡୋଜ ଏବଂ ୯୧ ଲକ୍ଷ ଦ୍ୱିତୀୟ ଡୋଜ ଟିକାକରଣ କରାଯାଇଛି । ଯେଉଁମାନଙ୍କର ଦ୍ୱିତୀୟ ଡୋଜ ଟୀକା ନେବାର ସମୟ ହୋଇଛି ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ନେଇଛନ୍ତି । ଅବଶିଷ୍ଟ ୨୦ ପ୍ରତିଶତ ଲୋକଙ୍କୁ କିପରି ଦିଆଯିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି । ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀଙ୍କ ସହାୟତାରେ ଟିକାକରଣ ପାଇଁ ପ୍ରୟାସ କରାଯାଉଛି । ୧୫ ଦିନ ପୂର୍ବରୁ ୩୩ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ନେବାକୁ ଥିବା ବେଳେ ଏବେ ୨୧ ଲକ୍ଷ ଲୋକ ଅଛନ୍ତି । ବର୍ତ୍ତମାନ ୨୩ ଲକ୍ଷ ଡୋଜ ଟିକା ମହଜୁଦ ଅଛି । ଦୈନିକ ୪ ଲକ୍ଷ ଟିକାକରଣ ପାଇଁ ଲକ୍ଷ୍ୟ ରହିଛି ।' ଡିସେମ୍ବର ଶେଷ ସୁଦ୍ଧା ସମସ୍ତଙ୍କୁ ପ୍ରଥମ ଡୋଜ ଟିକାକରଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଭିନ୍ନକ୍ଷମ, ବୟସ, ଶଯ୍ୟାଶାୟୀ ବ୍ୟକ୍ତିଙ୍କୁ ଘରେ ଟିକା ଦିଆଯିବା ନେଇ ଜିଲ୍ଲା ସ୍ତରରେ ପ୍ରୟାସ ଆରମ୍ଭ ହୋଇଛି । ଜିଲ୍ଲା ସ୍ତରରେ ହେଲ୍ପଲାଇନ ନମ୍ବର କରାଯାଇଛି । ସେମାନେ ପବ୍ଲିସ୍ କରିବେ । ସେହି ନମ୍ବରରେ ଯୋଗାଯୋଗ କଲେ ଘରେ ପହଂଚି ଟିକାକରଣ କରାଯିବ । ଏହି ଯୋଜନା ୩-୪ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି । ପୂର୍ବରୁ ଘର ପାଖରେ ଟିକାକରଣ କେନ୍ଦ୍ର କରାଯାଇଥିଲେ ବି ଅନେକ ଲୋକ ଆସିପାରିଲେନି । ଯେଉଁମାନେ ଟିକାକରଣ କେନ୍ଦ୍ରକୁ ଆସି ପାରୁନାହାନ୍ତି, କେବଳ ସେମାନଙ୍କୁ ଘରେ ଟିକା ଦିଆଯିବ । ଗୋଟିଏ ଡୋଜ ନେଲେ ପୂର୍ଣ୍ଣ ରୂପରେ ସୁରକ୍ଷିତ ନୁହେଁ । ତେଣୁ ଦ୍ୱିତୀୟ ଡୋଜ ନେବା ଜରୁରୀ । ବିଳମ୍ବ ହେଲେ ବି ଦ୍ୱିତୀୟ ଡୋଜ ନେବା ଜରୁରୀ ।

# ହାଓଡ଼ା ଓ ପୁରୀ ମଧ୍ୟରେ ଚାଲିବ ଆଉ ଏକ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର,୮/୧୦ (ନି.ପ୍ର): ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ପ୍ରଦାନ କରାଇବା ସହିତ ହାଓଡ଼ା ଓ ପୁରୀ ମଧ୍ୟରେ ଚଳାଚଳ କରୁଥିବା ଟ୍ରେନ ମାନଙ୍କରେ ଯାତ୍ରୀ ଭିଡ ଏଡ଼ାଇବା ପାଇଁ ଅକ୍ଟୋବର ୯ ତାରିଖରୁ ଆଉ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତି ନିଆଯାଇଛି । ୦୮୧୭୯ ହାଓଡ଼ା-ପୁରୀ ସ୍ପେଶାଲ୍ ୯ ଅକ୍ଟୋବରରୁ ୬ ନଭେମ୍ବର, ୨୦୨୧ ମଧ୍ୟରେ ହାଓଡ଼ାରୁ ପ୍ରତ୍ୟେକ ଶନିବାର ଦିନ ରାତ୍ରି ୮ଘ.୩୫ମି.ରେ ଛାଡି ତା'ପରଦିନ ଭୋର ୪ଘ.୧୫ମି.ରେ ପୁରୀ ଠାରେ ପହଂଚିବ । ପ୍ରତ୍ୟାବର୍ତ୍ତନ ମାର୍ଗରେ, ୦୮୧୮୦ ପୁରୀ-ହାଓଡ଼ା ସ୍ପେଶାଲ୍ ୧୦ ଅକ୍ଟୋବରରୁ ୭ ନଭେମ୍ବର, ୨୦୨୧ ମଧ୍ୟରେ ପୁରୀରୁ ପ୍ରତ୍ୟେକ ରବିବାର ସନ୍ଧ୍ୟା ୭ଘ.୨୦ମି.ରେ ଛାଡି ତା'ପରଦିନ ଭୋର ୩ଘ.୩୦ମି.ରେ ହାଓଡ଼ାରେ ପହଂଚିବ । ଏହି ଟ୍ରେନରେ ୧୪ ଟି ସ୍ଲିପର୍ କ୍ଲାସ୍ କୋଚ୍, ୦୫ ଦ୍ୱିତୀୟ ଶ୍ରେଣୀ ସିଟିଂ କ୍ଲାସ୍ କୋଚ୍ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଥିବାବେଳେ ଏହା ହାଓଡ଼ା ଓ ପୁରୀ ମଧ୍ୟରେ ଉଭୟ ପାର୍ଶ୍ୱରୁ ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ଼, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍ ମଧ୍ୟରେ ଉଭୟ ଉଭୟ ପାର୍ଶ୍ୱରୁ ରହଣି କରିବ ।

# ଲଳିତ କଳା ଏକାଡେମୀ ତରଫରୁ କୋରାପୁଟରେ ଝୋଟି ପ୍ରତିଯୋଗିତା

ଭୁବନେଶ୍ୱର,୮/୧୦ (ନି.ପ୍ର): ଏକଦା ଓଡ଼ିଆ ଘରେ ଝୋଟିର ପ୍ରଚଳନ ଅଧିକ ଲୋକପ୍ରିୟ ଥିଲା । ପର୍ବପର୍ବାଣିରେ ଝୋଟି ଆଙ୍କିବା ପବିତ୍ର ବୋଲି ମନେ କରାଯାଉଥିଲା । କ୍ରମେ ଆଧୁନିକତାର ଦୌଡ଼ରେ ଏହି ଅନନ୍ୟ ପରମ୍ପରା ତା'ର ସତା ହରାଇ ବସିଥିବାବେଳେ ପୁଣିଥରେ ଏହି କଳାକୁ ଉଜ୍ଜୀବିତ କରିବା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଉପାନ୍ତ କୋରାପୁଟ ଜିଲ୍ଲାରେ ପ୍ରୟାସ ଆରମ୍ଭ କରାଯାଇ ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଏହି କ୍ରମରେ ସ୍ଥାନୀୟ ପ୍ରଶାସନର ସହଯୋଗରେ ପଦ୍ମପୁର ଗ୍ରାମରେ ଏକ ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏଥିରେ ଗ୍ରାମର ୧୦୮ ଜଣ ମହିଳା ନିଜ ନିଜ ଗୃହ ସମ୍ମୁଖରେ ସୁଦୃଶ ଝୋଟି ଆଙ୍କିବା ସହିତ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏକ ବିଚାରକ ମଣ୍ଡଳୀ ଦ୍ୱାରା ଏସବୁ ଝୋଟିର ମନୋନୟନ କରାଯାଇ ଶ୍ରେଷ୍ଠ ବିବେଚିତ ତିନି ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ପ୍ରଥମ ମନସ୍ୱିନୀ ବିଶ୍ୱାଳ, ଦ୍ୱିତୀୟ ଶାନ୍ତିଲତା ଖେମୁଣ୍ଡୁ ଓ ତୃତୀୟ ଅନ୍ନପୂର୍ଣ୍ଣା ଖେମୁଣ୍ଡୁ ହୋଇଥିବାବେଳେ ଆରତୀ ମହାନ୍ତି, ଶିବାନୀ ମହାନ୍ତି ଓ ରୀନା ଉପାପାଡ଼ିଆ ଏପରି ତିନିଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଥିବାବେଳେ ଜନସାଧାରଣଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିବା ଦେଖାଯାଇଥିଲା । ଏହି ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ବେଦଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ମାଧମ ପାଙ୍ଗୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେନ୍ଦ୍ର ନାୟକ, ଏକାଡେମୀ ସଚିବ ପଂଚାନନ ସାମଲ ଏବଂ ପଦ୍ମପୁର ସରପଂଚ ଶ୍ରୀମତୀ ଲକ୍ଷ୍ମୀ ହଞ୍ଜାରିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳବାଇ ସୁରକ୍ଷାବଳ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୮/୧୦ (ନି.ପ୍ର): ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱର ଠାରେ ୩୭ତମ ରେଳବାଇ ସୁରକ୍ଷାବଳ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦାନ କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ରେଳବାଇ ସୁରକ୍ଷାବଳ ଦ୍ୱାରା ଆୟୋଜିତ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ । ରେଳବାଇ ସୁରକ୍ଷାବଳ ଯବାନ ମାନଙ୍କୁ ଏହି ଅବସରରେ ସମ୍ବୋଧନ କରି ବିଦ୍ୟାଭୂଷଣ କହିଛନ୍ତି ଯେ ରେଳବାଇ ସୁରକ୍ଷା ବଳ ଯାତ୍ରୀ ମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ପ୍ରତି ବିଶେଷ ଭାବେ ଧ୍ୟାନଦେବା ଦରକାର ଓ ରେଳବାଇ ସମ୍ପତି ଓ ଯାତ୍ରୀ ସୁରକ୍ଷା ପ୍ରତି ରେଳବାଇ ସୁରକ୍ଷାବଳ ଯବାନ ମାନଙ୍କର ନିଷ୍ଠାପର କର୍ତବ୍ୟକୁ ମହାପ୍ରବନ୍ଧକ ଭୂୟସୀ ପ୍ରଶଂସା କରିଥିଲେ । ପୂର୍ବରୁ, ପୂର୍ବତଟ ରେଳପଥ ରେଳବାଇ ସୁରକ୍ଷାବଳ ପ୍ରମୁଖ ସୁରକ୍ଷା ଆୟୁକ୍ତ ତଥା ମହାନିରୀକ୍ଷକ ରାଜା ରାମ ରେଳପଥ ପରିସୀମା ମଧ୍ୟରେ ରେଳବାଇ ସୁରକ୍ଷାବଳ ଯବାନ ମାନଙ୍କର କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ବିଭିନ୍ନ ପ୍ରକାର ପ୍ରତିକୂଳ ପରିସ୍ଥିତି ସହିତ କୋଭିଡ୍୨୯ ମହାମାରୀ ସମୟରେ ଅତିରିକ୍ତ ବୋଝକୁ ରେଳବାଇ ସୁରକ୍ଷାବଳ ରେଳଯାତ୍ରୀ ମାନଙ୍କର ବହୁମୂଲ୍ୟ ଜୀବନର ସୁରକ୍ଷା ସହିତ ରେଳବାଇ ସମ୍ପତି ରସୁରକ୍ଷା ଦିଗରେ ନିଷ୍ଠାପର ସେବା ପ୍ରଦାନ କରିଆସୁଛନ୍ତି । ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସହିତ ଭୁବନେଶ୍ୱର କଟକ ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ସିଆରପିଏଫ ଡ଼ିଆଇଜି ପୋଖରାଜ ଜଇପାଲ, ଆଭିଏସନ କୋଷ୍ଟ ଗାର୍ଡ ଡ଼ିଆଇଜି ସତୀଶ ବିଷ୍ଟ, ଏନଡିଆରଏଫ ସିନିୟର କମାଣ୍ଡାଂଟ ଜ୍ୟାକବ କିସପୋଟା, ସିଆଇଏସଏଫ ସିନିୟର କମାଣ୍ଡାଂଟ ସୁଧୀର କୁମାର, ପୂର୍ବତଟ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀ ଓ ବରିଷ୍ଠ ଅଧିକାରୀ ମାନେ ଏହି ଅବସରରେ ଉପସ୍ଥିତ ଥିଲେ । କର୍ତବ୍ୟ ପରାୟଣ, ନିଷ୍ଠାପର ଓ ସାହାସିକତା ପାଇଁ ରେଳବାଇ ସୁରକ୍ଷାବଳ ଯବାନ ମାନଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରାଯାଇଥିଲା ।

# ଶେଷ ହେଲା ବିଜେପିର ସେବା ଓ ସମର୍ପଣ ଅଭିଯାନ

ଭୁବନେଶ୍ୱର,୮/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଗତ ସେପ୍ଟେମ୍ବର ୭ ତାରିଖରୁ ଆଜି ଆକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ 'ସେବା ଓ ସମର୍ପଣ ଅଭିଯାନ' କାର୍ଯ୍ୟକ୍ରମ ଦେଶବ୍ୟାପୀ ପାଳନ କରାଯାଇଛି । 'ସେବା ଓ ସମର୍ପଣ ଅଭିଯାନ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଜେପି କାର୍ଯ୍ୟକର୍ତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର, ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ନଦୀ ଓ ପୋଖରୀ ସ୍ୱଚ୍ଛତା ଅଭିଯାନ, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ, ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ, ବୃକ୍ଷରୋପଣ, ଡାକ୍ତରଖାନା-ବାଲ୍ୟାଶ୍ରମ-ଅନାଥାଶ୍ରମ-ବୃଦ୍ଧାଶ୍ରମରେ ଫଳ ଓ ବସ୍ତ୍ର ବିତରଣ, ଭୋକାଲ ଫର୍ ଲୋକାଲ ପ୍ରୋତ୍ସାହନ କାର୍ଯ୍ୟକ୍ରମ, ଫଟୋ ପ୍ରଦର୍ଶନୀ, ଇ-ସେମିନାର, ଭର୍ଚୁଆଲ ପ୍ରଦର୍ଶନୀ, ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ମନ୍ଦିରରେ ଦୀପ ପ୍ରଜ୍ୱଳନ, କୃଷକ ଓ ଯବାନ ସମ୍ମାନ ଆଦି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଓ ଗରୀବକଲ୍ୟାଣ ଯୋଜନାରେ ଲାଭାନ୍ୱିତ ହୋଇଥିବା ହିତାଧିକାରୀମାନେ ପୋଷ୍ଟ କାର୍ଡ ଜରିଆରେ ପତ୍ର ଲେଖି ମୋଦିଜୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ରାଜ୍ୟ ସଭାପତି ସମୀର ମହାନ୍ତି ଆଜି କଟକ ଜିଲ୍ଲା ବଡମ୍ବା-ନରସିଂହପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଙ୍କଡାଝୋଡିଠାରେ ଅନୁଷ୍ଠିତ 'ପୋଷ୍ଟ କାର୍ଡ' ଏବଂ 'ଭୋକାଲ ଫର୍ ଲୋକାଲ' ଅଭିଯାନରେ ସାମିଲ ହୋଇଛନ୍ତି । କରୋନା ସଂକଟ ସମୟରେ ଦେଶବାସୀଙ୍କ ଜୀବନ ଓ ଜୀବିକାକୁ ସମତୁଲ ଭାବରେ ରକ୍ଷା କରିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସବୁଠୁ ଶ୍ରେଷ୍ଠ ଓ ମହତ୍ କାର୍ଯ୍ୟ । ସେହିପରି ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ରକୁ ମାଗଣା କୋଭିଡ୍ ଟୀକା ପ୍ରଦାନ କରି ବିଶ୍ୱରେ ସମଗ୍ର ଭାରତୀୟଙ୍କୁ ଗୌରାବନ୍ୱିତ କରିଛନ୍ତି । 'ସବ୍କା ସାଥ୍-ସବ୍କା ବିକାଶ-ସବ୍କା ବିଶ୍ୱାସ-ସବ୍କା ପ୍ରୟାସ'କୁ ଆଧାର କରି ନିରବିଚ୍ଛନ ଭାବେ ଦେଶ ସେବା କାର୍ଯ୍ୟ କରୁଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ଓ ଗରୀବକଲ୍ୟାଣ ଯୋଜନାକୁ ସାଧାରଣ ଜନତାଙ୍କ ନିକଟରେ ପହଂଚାଇବାକୁ ଶ୍ରୀ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଓ ଅମର ନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତା ସାମିଲ ହୋଇଥିଲେ । ସେହିପରି ଭୁବନେଶ୍ୱର ପିଏମଜିଠାରେ ଅନୁଷ୍ଠିତ ପୋଷ୍ଟକାର୍ଡ ଅଭିଯାନରେ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଓ ଗରୀବକଲ୍ୟାଣ ଯୋଜନାରେ ଲାଭାନ୍ୱିତ ହୋଇଥିବା ହିତାଧିକାରୀମାନଙ୍କ ସମେତ ବିଜେପି କାର୍ଯ୍ୟକର୍ତାମାନେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଦୀର୍ଘାୟୁ କାମନା କରିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ ଓ ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ଡା.କୈଳାସ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିରରେ ଅନେକ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଥିଲା ।

# ଲକ୍ଷ୍ମୀପୁରରେ କୃଷକଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ

ଭୁବନେଶ୍ୱର,୮/୧୦ (ନି.ପ୍ର): ମୋଦୀ ସରକାରଙ୍କର ବିମୁଦ୍ରୀକରଣ ଯୋଜନାକୁ ବାତିଲ ଓ ଲକ୍ଷ୍ମୀପୁରରେ କୃଷକଙ୍କ ହତ୍ୟାକାରୀଙ୍କୁ ଗରିଫ ଦାବୀ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି ଓ ସେଓ୍ୱା ପକ୍ଷରୁ ପ୍ରଦିବାଦ ବିକ୍ଷୋଭ କରାଯାଇଛି । ମୋଦୀ ସରକାର ମୁଦ୍ରୀକରଣ ଯୋଜନା ନାମରେ ଦେଶକୁ ବିକିବାର ଚେଷ୍ଟା କରୁଛନ୍ତି ତାହାକୁ ଶ୍ରମିକ ଶ୍ରେଣୀ ରକ୍ଷା କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଆସନ୍ତା ୪ ବର୍ଷ ମଧ୍ୟରେ ୬ ଲକ୍ଷ କୋଟି ଟଙ୍କା ଆୟ କରିବା ଲାଗି ମୋଦୀ ସରକାର ଦେଶର ରେଳ, ବିମାନବନ୍ଦର, ବନ୍ଦର, କୋଇଲା ଖଣି, ବିଏସ୍‌ଏନ୍‌ଏଲ ଓ ଏମ୍‌ଟିଏଲଏନ, ଦୁଇଟି ଖେଳ ଷ୍ଟାଡ଼ିୟମ୍., ଭାରତୀୟ ତୈଳ ନିଗମ କୁ ବିକ୍ରି କରିବା ମସୁଧାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବୀ କରାଯାଇଛି । ଏତଦ୍‌ବ୍ୟତିତ ମୋଦୀ ସରକାର କୃଷକ-ଶ୍ରମକ ମାନଙ୍କ ଉପରେ ଦମନ ନୀତି ବନ୍ଦ କରିବା ଓ ଉତର ପ୍ରଦେଶର ଲକ୍ଷ୍ମୀପୁରର ଖେରୀ ଠାରେ କୃଷକମାନଙ୍କୁ ହତ୍ୟା କରିଥିବା ବିଜେପି ଗୁଣ୍ଡାମାନଙ୍କୁ ତୁରନ୍ତ ଗିରଫ କରିବାକୁ ଏହି ବିକ୍ଷୋଭରେ ଦାବୀ କରାଯାଇଅଛି । ଏହି ରାଷ୍ଟ୍ରୀୟ ସଂପତି ଦେଶର ସଂପତି ଭାବେ ରଖିବାକୁ ସମସ୍ତ ଶ୍ରମିକ ଶ୍ରେଣୀ ଆଗେଇ ଆସିବା ଉଚିତ୍ ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ନେତାମାନେ ଦୃଢ଼ ଦାବୀ କରିଛନ୍ତି । ଏହି ପ୍ରତିବାଦ ବିକ୍ଷୋଭରେ ଆଇ.ଏନ୍‌ଟିୟୁସିର କିଶୋର ଜେନା, ଶ୍ୟାମ ସୁନ୍ଦର ମହାପାତ୍ର, ଏଆଇଟିୟୁସିର ନେତା ରାମକୃଷ୍ଣ ପଣ୍ଡା, ସୁର ଜେନା, ବିଜୟ ଜେନା, ସିଆଇଟିୟୁର ନେତା ରମେଶ ଜେନା ଓ ପୂର୍ଣ୍ଣ ପାତ୍ର, ଏଆଇୟୁଟିୟୁସିର ନେତା ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ନେତା ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା, ଟିୟୁସିସିର ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ସେଓ୍ୱାର ନେତ୍ରୀ ପରିଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପ୍ରଣତି ମିଶ୍ର, ସତ୍ୟବ୍ରତ ନାୟକ, ଧରଣୀଧର ସ୍ୱାଇ, ସିଲି ସେଠୀ, ଏଆଇସିସିଟିୟୁର ବଂଶୀଧର ପରିଡ଼ା, ମାନସ ରଞ୍ଜନ ପ୍ରଧାନ, ସିଆଇଟିୟୁର ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ ।

# ସମନ୍ୱିତ କୃଷି ପଦ୍ଧତିକୁ ବହୁଳ ଭାବରେ ଆପଣାଇଲେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିବ : କୃଷି ମନ୍ତ୍ରୀ

ଭୁବନେଶ୍ୱର, ୦୭ ଅକ୍ଟୋବର - ସମନ୍ୱିତ କୃଷି ପଦ୍ଧତିକୁ ବହୁଳ ଭାବରେ ଆପଣାଇଲେ କୃଷି ଉତ୍ପାଦନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ରାଜ୍ୟ କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓ୍ୱାନ୍ ମାଧ୍ୟମରେ ଅନୁଷ୍ଠିତ ରବି କାର୍ଯ୍ୟକ୍ରମ ଅଭିଯାନ ୨୦୨୧-୨୨ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଛନ୍ତି ଯେ ସମନ୍ୱିତ କୃଷି ପଦ୍ଧତି ମାଧ୍ୟମରେ ହିଁ କୃଷିର ବିବିଧିକରଣ ସମ୍ଭବ ହୋଇପାରିବ । ସମନ୍ୱିତ କୃଷିର ମୂଳଦୁଆ ଭାବେ ରବି ଫସଲକୁ ମନ୍ତ୍ରୀ ଅଭିହିତ କରିଛନ୍ତି । ଧାନ ଉତ୍ପାଦନରେ ଓଡ଼ିଶା ଦେଶର ଚତୁର୍ଥ ବୃହତ୍ ଓ ଧାନ ବଳକା ରାଜ୍ୟ ଭାବେ ମାନ୍ୟତାପ୍ରାପ୍ତ ହୋଇଥିଲେ ମଧ୍ୟ ଧାନଚାଷରେ ଚାଷୀ ବିଶେଷ ଲାଭବାନ ହୋଇପାରୁନାହିଁ । ତେଣୁ କୃଷିର ବିବିଧିକରଣ, ବିଶେଷ କରି ରବି ଫସଲ ମାଧ୍ୟମରେ କୃଷକମାନେ ଲାଭଜନକ ହୋଇପାରିବେ ବୋଲି ମନ୍ତ୍ରୀ ଡ. ସାହୁ କହିଛନ୍ତି । ପ୍ରକାଶ ଥାଉ କି ୨୦୨୧-୨୨ ରବି ଋତୁରେ ୨.୭୦ ଲକ୍ଷ ହେକ୍ଟର ଜମିରେ ଧାନଚାଷ କରି ୯.୫୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିବାବେଳେ ଧାନର ଉତ୍ପାଦକତା ହେକ୍ଟର ପ୍ରତି ୩୫.୩ କ୍ୱିଂଟାଲକୁ ବୃଦ୍ଧି କରାଯିବାକୁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲକୁ ଆମେ ଡିପ ଜମି, ଧାନ ପରବର୍ତୀ ଖାଲି ଜମି ଏବଂ ଜମି ହୁଡ଼ାରେ ଚାଷ କରିପାରିବା । କଦଳୀ ଚାହିଦାକୁ ମେଂଟାଇବାକୁ ହେଲେ ଆମକୁ ବୌଦ୍ଧ, ଫୁଲବାଣୀ ପରି ଜିଲ୍ଲାରେ ଏହାକୁ ଅଧିକ ଚାଷ କରିବାକୁ ପଡ଼ିବ । ଚାଷୀର ଲାଭକୁ ଦ୍ୱିଗୁଣିତ ଏବଂ ବହୁଗୁଣିତ କରିବାକୁ ହେଲେ ବ୍ୟବସାୟଭିତିକ କୃଷି କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଡ. ସାହୁ ମତବ୍ୟକ୍ତ କରିଥିଲେ । ରବି କାର୍ଯ୍ୟକ୍ରମ ଅଭିଯାନ ୨୦୨୧-୨୨ର ପ୍ରାରମ୍ଭିକ ଅଭିଭାଷଣ ଦେଇ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଅଭିଯାନର ଉଦ୍ଦେଶ୍ୟ ଓ ଧାର୍ଯ୍ୟ ଲକ୍ଷ୍ୟ ପୂରଣର ପନ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ୨୦୨୧-୨୨ ରବି ଋତୁରେ ୪.୨୬ ଲକ୍ଷ ହେକ୍ଟର ଜମିରୁ ୪.୯୮ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ ଫସଲ, ୩୦ ହଜାର ହେକ୍ଟର ଜମିରୁ ୨୨.୬୫ ଲକ୍ଷ ମେଟ୍ରିକ୍ ଟନ ଆଖୁ ଅମଳ ଲକ୍ଷ୍ୟ ରଖା ଯାଇଥିବାବେଳେ ଉଦ୍ୟାନ କୃଷି ମିଶନ ମାଧ୍ୟମରେ ଶଙ୍କର ଜାତୀୟ ପନିପରିବା ଚାଷ ୭୫୦୦ ହେକ୍ଟରରେ, ଟିସ୍ୟୁ କଲଚର କଦଳୀ ଚାଷ ୨୦୦ ହେକ୍ଟରରେ, ଅମୃତଭଣ୍ଡା ଚାଷ ୧୦୦ ହେକ୍ଟରରେ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏଥି ନିମନ୍ତେ ଆବଶ୍ୟକ ସମସ୍ତ ପ୍ରକାରର ପ୍ରୋତ୍ସାହନ, ବୈଷୟିକ ତଥା ଅନ୍ୟାନ୍ୟ ସହଯୋଗ ସରକାର ଯୋଗାଇ ଦେଉଛନ୍ତି । ଏହି ଅଭିଯାନରେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ କମିଶନର ତଥା ଶାସନ ସଚିବ ଆର. ରଘୁପ୍ରସାଦ କୃଷି ପୋଖରୀର ଉନ୍ନତିକରଣ, ବ୍ୟବସାୟିକ ମତ୍ସ୍ୟଚାଷ, ମତ୍ସ୍ୟ ପୋଖରୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପଓ୍ୱନ୍ କୁମାର ଅଗ୍ରଓ୍ୱାଲ ଯୋଗଦେଇ ଉତ୍ପାଦନର ବଜାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଇ ନିବେଶ ଯୋଗାଣ ଯଥା-ବିହନ, ସାର ତଥା କୀଟନାଶକ ଆଦିର ସମୟଭିତିକ ଯୋଗାଣ ଉପରେ ଜିଲ୍ଲାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉଦ୍ୟାନ କୃଷି ନିର୍ଦ୍ଦେଶକ ଆଳୁ, ପିଆଜ, ଫୁଲକୋବି, ବନ୍ଧାକୋବି, ଟମାଟୋ ଆଦି ୫ଟି ପରିବା ଚାଷରେ ସ୍ୱାବଲମ୍ବୀ ହେବାର ସୂତ୍ର ବତାଇବାବେଳେ ମତ୍ସ୍ୟ ବିଭାଗ ନିର୍ଦ୍ଦେଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ରବି କାର୍ଯ୍ୟକ୍ରମ ଅଭିଯାନ ୨୦୨୧- ୨୨ରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଓ୍ୱାନ୍ ମାଧ୍ୟମରେ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।

# ବିଜେବି କଲେଜରେ ଯୁବ ରେଡ଼କ୍ରସର କ୍ଲଷ୍ଟରସ୍ତରୀୟ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୦୭ ଅକ୍ଟୋବର - ସ୍ଥାନୀୟ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁବ ରେଡ଼କ୍ରସର କ୍ଲଷ୍ଟରସ୍ତରୀୟ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଶିବିରଟି ୩ଦିନ ଧରି ଚାଲୁ ରହିବ । ଏହି ଶିବିର ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ, ଏଚ୍‌ଆଇଭି, ଏଡ୍‌ସ, ପ୍ରାଥମିକ ଚିକିତ୍ସା ଓ ରେଡ଼କ୍ରସ କାର୍ଯ୍ୟର ଚିନ୍ତାଧାରା ଉପରେ ଅବଗତ କରାଯିବ । ଶିବିରଟିକୁ ବିଜେବି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିରଞ୍ଜନ ମିଶ୍ର, ଯୁବ ରେଡ଼କ୍ରସ ଅଫିସର ଡ. ଅଜୟ କୁମାର ତ୍ରିପାଠୀ, ଚନ୍ଦକା ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ପରାମର୍ଶଦାତା ସୁରେଶ କୁମାର ମହାନ୍ତି ଏବଂ ସୃଷ୍ଟି ଏକାଡ଼େମୀର ଅଧାପକ ଜିତେନ ନନ୍ଦ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ସେଂଟ୍ରାଲ ରେଡ଼କ୍ରସ ରକ୍ତଭଣ୍ଡାର କଟକର ନିର୍ଦ୍ଦେଶକ ଡଃ ଚନ୍ଦ୍ରିକା ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନ କରିବା ଏବଂ ରକ୍ତ ଦେବା ଦ୍ୱାରା ନିଜର ଲାଭ କଣ ହୋଇଥାଏ ସେ ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ । ଶିବିରଟିକୁ ବିଜେବି କଲେଜ ଯୁବ ରେଡ଼କ୍ରସର ପରାମର୍ଶଦାତ୍ରୀ ଡ. ସାଧନା ଶତପଥୀ ପରିଚାଳନା କରିଥିଲେ ।

# ସାମ୍ବାଦିକ ବିବେକାନନ୍ଦ ଦାସଙ୍କ ବିୟୋଗରେ ପ୍ରେସ୍ ଏକାଡ଼େମୀର ଶୋକ

ଭୁବନେଶ୍ୱର,୮/୧୦ (ନି.ପ୍ର): ରାଜ୍ୟର ଅନ୍ୟତମ ବରିଷ୍ଠ ସାମ୍ବାଦିକ, ପ୍ରାଚୀନ ଓଡ଼ିଆ ସାହିତ୍ୟର ସଂଗ୍ରାହକ ତଥା 'ଜନତନ୍ତ୍ର'ର ସମ୍ପାଦକ ବିବେକାନନ୍ଦ ଦାସଙ୍କର ମହାମାରୀ କରୋନାରେ ପରଲୋକରେ ଓଡ଼ିଶା ପ୍ରେସ୍ ଏକାଡ଼େମୀ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯାଇଛି । ଅଧକ୍ଷ ସଞ୍ଜୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ରାଜଧାନୀର ବହୁ ସାମ୍ବାଦିକଙ୍କ ସମେତ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ସମସ୍ତେ ସ୍ୱର୍ଗତଃ ଦାସଙ୍କ ସ୍ମୃତିଚାରଣ, ବ୍ୟକ୍ତିଗତ ସମ୍ପର୍କ ଏବଂ ସାମ୍ବାଦିକତା ଉପରେ ଆଲୋକପାତ କରିଥିଲେ । ଏଥିରେ ପ୍ରସନ୍ନ କୁମାର ନାୟକ, ବିବେକାନନ୍ଦ ଜେନା, ବିଜୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ସ୍ୱାଇଁ, ବୈଷ୍ଣବ ଜେନା ଏବଂ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଯୋଗଦାନ କରିଥିଲେ ।

# ଓଡ଼ିଶାର ଚୌଦ୍ୱାରଠାରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ଦାବି

ଭୁବନେଶ୍ୱର,୮/୧୦ (ନି.ପ୍ର): ଗତକାଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ୭ଟି ମେଗା ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନୁମୋଦିତ ହୋଇଛି । ଏହି ପ୍ରକଳ୍ପରେ ୪,୪୪୫ କୋଟି ଟଙ୍କା ଆସନ୍ତା ୫ ବର୍ଷରେ ଖର୍ଚ୍ଚ କରାଯିବ । ଏହାଦ୍ୱାରା ପ୍ରତ୍ୟେକ ଭାବରେ ୧ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ୨ଲକ୍ଷରୁ ଅଧିକ ନିଯୁକ୍ତି ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି କ୍ୟାବିନେଟ୍ ପକ୍ଷରୁ ଆଶା ପ୍ରକାଶ କରାଯାଇଛି । ଏହି ୭ଟି ମେଗା ପ୍ରକଳ୍ପ ପ୍ରତିଷ୍ଠା ହେଲେ ଆନ୍ତର୍ଜାତିକ ପୋଷାକପତ୍ର ବଜାରରେ ଭାରତ ଏକ ପ୍ରମୁଖ ଅଂଶୀଦାର ହୋଇପାରିବ ବୋଲି ବୟନଶିଳ୍ପ ଓ ବାଣିଜ୍ୟ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଦେଶର ବିଭିନ୍ନ ପ୍ରାନ୍ତରେ ଏହି ପ୍ରକଳ୍ପ ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଛି । ଅତୀତରେ ଓଡ଼ିଶାର ଚୌଦ୍ୱାର ଶିଳ୍ପାଂଚଳ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଟେକ୍ସଟାଇଲ୍ ବଜାରରେ ବେସ୍ ସୁନାମ ଅର୍ଜନ କରିଥିଲା । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସେତେବେଳେର ବିଶିଷ୍ଟ ଶିଳ୍ପପତି ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ.ଟି.ଏମ୍. ଯୋଗୁଁ ଓଡ଼ିଶାର ବସ୍ତ୍ର ଓ ପୋଷାକପତ୍ର ଚାହିଦା ପୂରଣ ହେବା ସହିତ ହଜାର ହଜାର ଲୋକ ଓ.ଟି.ଏମ୍.ରେ ପ୍ରତ୍ୟେକ୍ଷ ନିଯୁକ୍ତି ପାଇଥିଲେ ଏବଂ ବହୁ ଲୋକ ପରୋକ୍ଷ ଭାବରେ ନିଯୁକ୍ତି ପାଇ ବେପାର ବଣିଜ କରି ଚୌଦ୍ୱାର ଅଂଚଳରେ ବସବାସ କରି ଜୀବିକା ନିର୍ବାହ କରୁଥିଲେ । ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଓ.ଟି.ଏମ୍. ତଥା ଚୌଦ୍ୱାର ଶିଳ୍ପାଳ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲା । କିନ୍ତୁ ଦୁଃଖର ବିଷୟ ବିଗତ ୨୦ ବର୍ଷ ହେଲା ଓ.ଟି.ଏମ୍. ବନ୍ଦ ହୋଇପଡ଼ିଛି । ଏହାର ଶ୍ରମିକମାନେ କିଏ କୁଆଡ଼େ ମରିହଜି ଗଲେଣି । ପାଖାପାଖି ୫୦୦ ରୁ ଅଧି ଶ୍ରମିକ କାମ ଧନ୍ଦା ନପାଇ ଦୁଃଖ କଷ୍ଟରେ ଜୀବନ ଯନ୍ତ୍ରଣାକୁ ସହିନପାରି ମୃତ୍ୟୁବରଣ କଲେଣି । ଶହ ଶହ ଏକର ଓ.ଟି.ଏମ୍.ର ଜମି ଓ କଳକାରଖାନା ପଡ଼ିରହିଛି । ବର୍ତମାନ ଏହ ଓଡ଼ିଶା ପାଇଁ ଏକ ସୁଯୋଗ ଆଣିଦେବାର ସମ୍ଭାବନା ରହିଛି । ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ପାଖରେ ଦାବି କରିବା ଦରକାର ଓଡ଼ିଶାରେ ଏକ ମେଗା ଟେକ୍ସଟାଇଲ୍ ପାର୍କ ଚୌଦ୍ୱାରଠାରେ ପ୍ରତିଷ୍ଠା କରିବା ପାଇଁ । ଆଜି ଏ ସଂକ୍ରାନ୍ତରେ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଏହି ଦାବି ଚୌଦ୍ୱାରଠାରେ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ରାଜ୍ୟର ସାଂସଦମାନେ ମଧ୍ୟ ରାଜନୈତିକ ମତାଦର୍ଶର ଊର୍ଦ୍ଧ୍ୱକୁ ଉଠି ଚୌଦ୍ୱାରଠାରେ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ଦାବି ଉପସ୍ଥାପିତ କରିବା ପାଇଁ ଶ୍ରୀ ବେହେରା ସାଂସଦମାନଙ୍କୁ ଅନୁରୋଧ କରିଛନ୍ତି । ଚୌଦ୍ୱାରଠାରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ଓଡ଼ିଆ ପୁଅକୁ ଆଉ ଦାଦନ ଶ୍ରମିକ ହେବାପାଇଁ ସୁରଟର ସୂତାକଳରେ ଯାଇ କାମ କରିବାକୁ ପଡ଼ିବ ନାହିଁ କି, ବମ୍ବେ, ଦିଲ୍ଲି, କୋଲକାତା, ବାଙ୍ଗାଲୋର, ଚେନ୍ନାଇରେ ଆଉ ପାଣି ପାଇପ୍ ମିସ୍ତ୍ରୀ ହେବାକୁ ଯିବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ବେହେରା ମତପ୍ରକାଶ କରିଛନ୍ତି । ତେଣୁ ଓଡ଼ିଶାର ବେକାର ଯୁବକ ଯୁବତୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପର ଆବଶ୍ୟକତା ରହିଛି । ଚୌଦ୍ୱାର ଠାରେ ଏହା ପ୍ରତିଷ୍ଠା ହେଲେ ଓ.ଟି.ଏମ୍.ର ଅବ୍ୟବହୃତ ଜମି ଏହି ପ୍ରକଳ୍ପରେ ଲାଗିପାରିବ, ବହୁ ବେକାର କାମ ପାଇବେ । ଓଡ଼ିଶାର ଶିଳ୍ପ ମାନଚିତ୍ରରେ ଚୌଦ୍ୱାର ପୁଣି ଥରେ ତା'ର ହୃତ ଗୌରବ ଫେରି ପାଇବ ବୋଲି ଶ୍ରୀ ବେହେରା ଆଶା ପ୍ରକାଶ କରିଛନ୍ତି ।

# ତକତପୁର ଟିଟିଆଇରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର

ଭୁବନେଶ୍ୱର,୮/୧୦ (ନି.ପ୍ର): ମୟୂରଭଞ୍ଜ ତକତପୁର ଟିଟିଆଇରେ ଅତ୍ୟାଧୁନିକ ଓ୍ୱେଲ୍ଡିଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଓଡିଶା ଖଣିଜ ଅଂଚଳ ଉନ୍ନୟନ ନିଗମ ପାଣ୍ଠିରୁ ୫.୨୯ କୋଟି ଟଙ୍କା ବ୍ୟୟରେ ଏହି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ । ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ କେମ୍ପି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଆଜି ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏଥିରେ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି ଏବଂ କେମ୍ପି ଇଣ୍ଡିଆ ପ୍ରା ଲିଃର ପରିଚାଳନା ନିର୍ଦ୍ଦେଶକ ଅଜୟ ତ୍ରିଖା ସ୍ୱାକ୍ଷର କରିଛନ୍ତି । ଏହି ଉତ୍କର୍ଷ କେନ୍ଦ୍ରରେ ରୋବୋଟ୍ ଓ୍ୱେଲ୍ଡିଂ, ଲେସର ଓ୍ୱେଲ୍ଡିଂ, ପାଇପ୍ ଓ୍ୱେଲ୍ଡିଂ ଏବଂ ହେବି ଫେବ୍ରିକେସନ୍ ଓ୍ୱେଲ୍ଡିଂ ଭଳି ଅତ୍ୟାଧୁନିକ ଓ୍ୱେଲ୍ଡିଂ ଉପକରଣ ରହିବ ।

# ସଭାପତି ଥିଲା ଯାଏଁ କଂଗ୍ରେସକୁ ଦୁର୍ବଳ ହେବାକୁ ଦେବିନି : ନିରଂଜନ ପଟ୍ଟନାୟକ

ଭୁବନେଶ୍ୱର,୮/୧୦ (ନି.ପ୍ର): ଏଆଇସିସି କିଛି ନିଷ୍ପତି ନ ନେଲା ଯାଏଁ ମୁଁ ସଭାପତି ପଦରେ ରହି କାମ କରିବି । ଯେଉଁ ପର୍ଯ୍ୟନ୍ତ ସଭାପତି ଅଛି, ସେଯାଏଁ ନେତୃତ୍ୱ ନେଉଥିବି ବୋଲି କହିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ନିରଂଜନଙ୍କ ଇସ୍ତଫା ନେଇ ଚର୍ଚ୍ଚା ହେଉଥିବା ବେଳେ ଏହା ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ବହୁ ଦିନ ହେବ ସଭାପତି ରହିଲିଣି । ପରିବର୍ତନ ହେଇପାରେ । ସଭାପତି ହେବା ପାଇଁ ମଧ୍ୟ ବହୁ ଯୋଗ୍ୟ ବ୍ୟକ୍ତି ଦଳରେ ଅଛନ୍ତି । ଏନେଇ ମତେ ଏଆଇସିସି ପଚାରିଲେ ସେନେଇ ମତାମତ ଦେବି । କର୍ମୀ ହତାଶ ହେବାର କିଛି କାରଣ ନାହିଁ । ମୁଁ ସଭାପତି ଥିଲା ଯାଏଁ କଂଗ୍ରେସକୁ ଦୁର୍ବଳ ହେବାକୁ ଦେବି ନାହିଁ ବୋଲି ନିରଞ୍ଜନ ପଟ୍ଟନାୟକ ସ୍ପଷ୍ଟୋକ୍ତି କରିଛନ୍ତି । ସେ ଆହୁରି କହିଛନ୍ତି, ବିଜେଡି ଦଳ ଭଳି ପିସିସି ସଭାପତି ପଦ ଚିରସ୍ଥାୟୀ ନୁହେଁ । ମୁଁ ପଦରେ ରହିବି ନା ନାହିଁ, ଏହା ମୋ ପାର୍ଟିର ଅଭ୍ୟନ୍ତରୀଣ କଥା । ମୁଁ ହାଇକମାଣ୍ଡଙ୍କୁ ପିପିଲି ଉପନିର୍ବାଚନ ଫଳ ଆସିବା ପୂର୍ବରୁ ଚିଠି ଲେଖିଛି । କିନ୍ତୁ ଚିଠିରେ କଣ ଲେଖିଛି ସେକଥା ଗଣମାଧ୍ୟମକୁ କହିବି ନାହିଁ । ସୂଚନାଯୋଗ୍ୟ, ପିପିଲିରେ କଂଗ୍ରେସ ପ୍ରାର୍ଥୀ ହାରିବା ପରେ କଂଗ୍ରେସ ଭବନରେ ପ୍ରତିବାଦ ହୋଇଥିଲା ।

## ସାତ୍ ଗୁଣାର ସୀମାହୀନ....

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପିଲାଏ ମୁକ୍ତ ଆକାଶ ତଳେ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରୁଥିଲେ। ଛାତ୍ରମାନେ ଜାତୀୟ ଚେତନାରେ ଅନୁପ୍ରାଣିତ ହେଉଥିଲେ।

ଦୈନିକ ଖବରକାଗଜ ସମାଜର ଜନକ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ। ସେ ସାପ୍ତାହିକ ସମାଜ ୧୯୧୯ ମସିହା ଅକ୍ଟୋବର ୪ ତାରିଖରେ ଆରମ୍ଭ କରିଥିଲେ। ଇଂରେଜ ମାନଙ୍କ ବିରୋଧରେ ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରି ୧୯୨୨ ମସିହାରେ ଜେଲ ଯାଇଥିଲେ। ଔପନ୍ୟାସିକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଭାଷାରେ ଗୋପବନ୍ଧୁ ଦାସ ବନ୍ଦୀର ଆତ୍ମ କଥା ଲେଖି ନ ଥିଲେ ବି ଓଡ଼ିଆ ସାହିତ୍ୟରେ ସେମିତି କିଛି କ୍ଷତି ଘଟି ନ ଥାନ୍ତା, ସେ ଯଦି ସମାଜ ଖବର କାଗଜ ବାହାର କରି ନ ଥାନ୍ତେ ତେବେ ଓଡ଼ିଶାବାସୀ ସୁରଭି ଭାଷା ଓ ପ୍ରାଙ୍ଗଣ ଖବର ପ୍ରଦାନ କରୁଥିବା ଖବର କାଗଜ ପାଇବାରୁ ବଞ୍ଚିତ ହୋଇ ଯାଇଥାନ୍ତେ।ସମାଜରେ ଓଡ଼ିଶାର ଦୁଃଖ ଆଉ ଦୁର୍ଦ୍ଦଶାକୁ ପ୍ରକାଶ କରାଯାଉଥିଲା।ଏକଦା ସମାଜ ଥିଲା ଓଡ଼ିଶା ଜାତିର ମୁଖପତ୍ର। ୧୯୨୪ ମସିହାରେ ଜେଲରୁ ଫେରିବା ପରେବିଶିଷ୍ଟ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ ଉତ୍କଳ ମଣି ନାମରେ ନାମିତ କଲେ।ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ, ଗୋପବନ୍ଧୁଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ ଭାରତରେ ୧୦ ଜଣ ଥିଲେ ଭାରତ ଗୋଟିଏ ଦିନରେ ସ୍ୱାଧୀନ ହୋଇ ପାରନ୍ତା।

ଥରେ ଅନନ୍ତ ଦାସ ନାମକ ସାଥୀ ଗୋପବନ୍ଧୁଙ୍କ ଠାରୁ କିଛି ଟଙ୍କା ଧାର ନେଇଥିଲେ ଓ ଠିକ୍ ସମୟରେ ଫେରାଇ ପାରି ନ ଥିଲେ।ଏଣୁ ଗୋପବନ୍ଧୁ ତାଙ୍କୁ ପଇସା ଫେରାଇ ଦେବାକୁ କହିବାରୁ ସେ ସାଇକେଲ ଟିଏ କିଣିବାକୁ ମନସ୍ଥ କରିଛି ଏଣୁ ଟଙ୍କା ଫେରାଉ ନାହିଁ ବୋଲି ଉତ୍ତର ଦେଲେ।ପରେ ତମେ ସାଇକେଲ କିଣିଲେ ଦୁର୍ବିପାକ ଲୋକଙ୍କୁ ଠିକ୍ ଢଙ୍ଗରେ ଦେଖି ପାରିବ ନାହିଁ ବୋଲି ଗୋପବନ୍ଧୁ ଦାସ ମହାଶୟ କହିଥିଲେ। ସାଇକେଲ ଦ୍ୱାରା ତୁମେ ଶୀଘ୍ର ଯାଇ ଲୋକଙ୍କ ଦୁର୍ଦ୍ଦଶା ନ ବୁଝି ଫେରି ଆସିବ ବୋଲି ଅନନ୍ତଙ୍କୁ ବୁଝାଇଲେ।ଏଥିରୁ ବୁଝାପଡେ ଲୋକଙ୍କ ପ୍ରତି ଗୋପବନ୍ଧୁଙ୍କ ଦରଦ ଖୁବ୍ ଯଥେଷ୍ଟ ଥିଲା।

ଗୋପବନ୍ଧୁ ଥିଲେ ଉଜ୍ଜ୍ୱଳ ଜ୍ୟୋତିଷ୍କ।ସେବା ଓ ତ୍ୟାଗର ପ୍ରତିମୂର୍ତ୍ତି। ଓଡ଼ିଶା ପାଇଁ କରି ଯାଇଛନ୍ତି ଅନେକ ଅପସୋରା କର୍ମ।ତାଙ୍କର ଋଣ ଏ ଜାତି କେବେ ବି ସୁଝି ପାରିବ ନାହିଁ।ତାଙ୍କ ଅମ୍ଳାନ ଆତ୍ମା ସବୁଦିନ ପାଇଁ ପ୍ରତିଟି ଓଡ଼ିଆଙ୍କ ସମ୍ମୁଖରେ ଦପ ଦପ ହୋଇ ଜଳୁଥିବ। ଏ ମହାନ ଆତ୍ମା ଗୋପବନ୍ଧୁ ଦାସ ୧୯୨୮ ମସିହା ଜୁନ ମାସ ୧୭ତାରିଖରେ ପ୍ରାଣ ତ୍ୟାଗ କରିଥିଲେ ।ଏବେ ବି ଓଡ଼ିଆ ଝୁରୁଛି, ତାଙ୍କର ଓକିଲାତି, ସାହିତ୍ୟକୃତି ଓ ସେବାର ଅମୃତ କାର୍ଯ୍ୟ ସମୂହକୁ।

+ ଡାଲଗୁମା,କୋକସରା,କଳାହାଣ୍ଡି
ମୋ -୯୩୩୭୬୨୪୮୯୯

## ଜଗାଇ କୃଷ୍ଣ ଚନ୍ଦ୍ର ପିପିଲି କଲେଜରେ ଦକ୍ଷତା ବିକାଶ କର୍ମଶାଳା

ବାଲିଆପାଳ,୦୮/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଜଗାଇ ସ୍ଥିତ କୃଷ୍ଣ ଚନ୍ଦ୍ର ପିପିଲି କଲେଜରେ ଗୁରୁବାର ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶାଳ ଟେକ୍ନୋଲଜିର ନିର୍ଦ୍ଦେଶକ ଦିଲିପ ମଙ୍ଗରାଜ ଯୋଗ ଦେଇ କଲେଜକୁ ନାକ ପରିସରଭୁକ୍ତ କରିବା ପାଇଁ ସମସ୍ତ ଶିକ୍ଷକ କର୍ମଚାରୀଙ୍କ ଦକ୍ଷତା ବିକାଶ ଜରୁରୀ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ଦକ୍ଷତା ବିକାଶର ବିଭିନ୍ନ ଦିଗ ଉପରେ ସେ ମଧ୍ୟ ଆଲୋଚନା କରିଥିଲେ । କଲେଜ ଅଧ୍ୟକ୍ଷା ହରପ୍ରିୟା ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାରେ ନାକ କୋଡିନେଟର ପ୍ରାଧ୍ୟାପକ ଶଙ୍କର ମଣ୍ଡଳ,ଅଧ୍ୟାପକ ପ୍ରଭାତ କୁମାର ଜେନା,ବିଶ୍ୱମ୍ଭର ଜେନା ପ୍ରମୁଖ ଯୋଗ ଦେଇ କର୍ମଶାଳାରେ ଆଲୋଚନା କରିଥିଲେ। ନାକ୍ ପରିପ୍ରେକ୍ଷୀରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

## ଘରର ତାଲା ଭାଙ୍ଗି ଚୋରି

ବାଲିଆପାଳ,୦୮/୦୯ (ନି.ପ୍ର): ବାଲିଆପାଳ ଥାନା ବଡକସବା ଗ୍ରାମର ମନୋରଞ୍ଜନ ପାଠୀଙ୍କ ଘାରର ତାଲା ଭାଙ୍ଗି ଗୁରୁବାର ରାତିରେ ଚୋରି ହୋଇଯାଇଛି । ଗୃହ ସ୍ୱାମୀଙ୍କ ଅନୁପସ୍ଥିତର ସୁଯୋଗ ନେଇ ଖଗଡାପାଳ ଗ୍ରାମର ଜଣେ ପେଶାଦାର ଚୋର ବାପି କୁହ୍ଲାରୀ ଶ୍ରୀ ପାଠୀଙ୍କ ଘରୁ କସା ଓ ପିତଳ ବାସନକୁସନ ଏକ ଅଖାରେ ପୁରାଇ ଚମ୍ପଟ ମାରିଥିଲା। ପଡୋଶୀ ଚୋରି ଘଟଣା ଜାଣିପାରି ବାଲିଆପାଳ ଥାନାକୁ ଜଣାଇଥିଲେ। ବାଲିଆପାଳ ବ୍ଲକ ଛକଠାରେ ଡିଉଟିରେ ଥିବା ହୋମଗାର୍ଡମାନେ ବାପିକୁ ଧରିଥିଲେ। ଏନେଇ ଥାନାରେ ୧୮୦/୨୧ ମୂଳେ ଏକ ମାମଲା ରୁଜୁ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆଜିଠୁ ସ୍କୁଲରେ....

ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ଅକ୍ଟୋବର ୨୧ ତାରିଖରୁ ପୁନର୍ବାର ପୂର୍ବ ନିର୍ଦ୍ଧାରିତ ସମୟସାରଣୀ ଏବଂ କୋଭିଡ୍-୧୯ ମହାମାରୀ ପାଇଁ ଅନୁସୃତ କଟକଣା ଅନୁପାଳନପୂର୍ବକ ଖୋଲିବ। ଏହି ମର୍ମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସମସ୍ତ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଜଣାଇ ଦେବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ୬୮ ବର୍ଷ ପରେ ଏୟାର....

ତେଣୁ ବାକି ୪୬,୨୬୨ କୋଟି ଟଙ୍କାର ଋଣ ଏୟାର ଇଣ୍ଡିଆ ଆସେଟ୍ସ ହୋଲ୍ଡିଂ ଲିଃ(ଏଆଇଏଏଚଏଲ)କୁ ଟ୍ରାନ୍ସଫର କରାଯିବ। ଏଆଇଏଏଚ୍ଏଲ ହେଉଛି ସରକାରଙ୍କ ଦ୍ୱାରା ଗଠିତ ଏସିଭି। ଏହା ଅର୍ଥନୀତି ବ୍ୟାପର ସମ୍ପର୍କରେ ତଦାରଖ କରିଥାଏ। ଟାଟା ସନ୍ସ ଏୟାର, ଏୟାର ଇଣ୍ଡିଆ ସାଟ୍ସ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସର ୫୦% ଶେୟାର ହାସଲ କରିଛି। ଏୟାର ଇଣ୍ଡିଆ ବିକ୍ରି କରି ସରକାର ୨,୭୦୦ କୋଟି ଟଙ୍କା ପାଇବେ। ବାକି ସବୁ ସରକାରଙ୍କ ଋଣ ଯାହାକୁ ଏୟାର ଇଣ୍ଡିଆ ଟେକ ଓଭର କରିବ। ଟାଟା ସନ୍ସ ଏୟାର ଇଣ୍ଡିଆକୁ କିଣିବା ପରେ ରତନ ଟାଟା ଟ୍ୱିଟ କରି ଏୟାର ଇଣ୍ଡିଆକୁ ଘର ବାହୁଡ଼ା ପାଇଁ ସ୍ୱାଗତ କରିଛନ୍ତି। ପୂର୍ବରୁ ଅକ୍ଟୋବର ୧ରେ ଏୟାର ଇଣ୍ଡିଆକୁ ବିକ୍ରି କରିବାକୁ କେନ୍ଦ୍ର ସରକାର ଯେଉଁ ନିଲାମ ଡାକିଥିଲେ, ସେଥିରେ ଟାଟା ଗ୍ରୁପ୍ ବାଜିମାତ କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏହାକୁ କେନ୍ଦ୍ର ସରକାର ଭୁଲ ବୋଲି କହିବା ନିଲାମ ପ୍ରକ୍ରିୟାକୁ ଯାଞ୍ଚ କରାଯାଉଛି ଓ ଏଯାଏ ବିଡ୍ ବିଜେତାଙ୍କ ଉପରେ କୌଣସି ପ୍ରକାରର ନିଷ୍ପତ୍ତି ହୋଇନି। ଏୟାର ଇଣ୍ଡିଆକୁ ଅଧିଗ୍ରହଣ କରିବା ପାଇଁ ଟାଟା ଗ୍ରୁପ୍ ଓ ସ୍ପାଇସ ଜେଟ୍ ଦ୍ୱାରା ବିଡ୍ ଦାଖଲ କରାଯାଇଥିଲା। ଏୟାର ଇଣ୍ଡିଆରୁ ସରକାର ପୁଞ୍ଜି ପ୍ରତ୍ୟାହାର କରିବାକୁ ଚାହୁଁଥିବା ଡିସେମ୍ବର ୨୦୨୦ରେ ଘୋଷଣା କରିଥିଲେ। ଏହାପରେ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେବଳ ଟାଟା ସନ୍ସ ଓ ସ୍ପାଇସ ଜେଟ୍? ହିଁ ଏୟାର ଇଣ୍ଡିଆକୁ ନେବାକୁ ଚାହିଁଥିଲେ। ଏବେ ଟାଟା ସନ୍ସ ହିଁ ଏୟାର ଇଣ୍ଡିଆର ପରିଚାଳନା ଦାୟିତ୍ୱ ସମ୍ପାଦନ କରିବ। ସୂଚନାଯୋଗ୍ୟ, ୧୯୩୨ ମସିହାରେ ଟାଟା ପକ୍ଷରୁ ଟାଟା ଏୟାରଲାଇନ ସ୍ଥାପନ କରାଯାଇଥିଲା। ଟାଟା ଗ୍ରୁପ୍ର ପୂର୍ବତନ ଅଧ୍ୟକ୍ଷ ଜେଆରଡି ଟାଟା ନିଜେ ଜଣେ ଦକ୍ଷ ପାଇଲଟ ଥିବା ବେଳେ ସେ ଏହାର ଆରମ୍ଭ କରିଥିଲେ। ୧୯୪୬ରେ ଏହାର ନାମ ବଦଳାଇ ଏୟାର ଇଣ୍ଡିଆ ରଖାଯାଇଥିଲା। ୧୯୫୩ ମସିହାରେ ଏୟାର ଇଣ୍ଡିଆର ମାଲିକାନା ସରକାରଙ୍କ ନିୟନ୍ତ୍ରଣକୁ ଚାଲି ଯାଇଥିଲା। ଏବେ ପ୍ରାୟ ୬୮ ବର୍ଷ ପରେ ଟାଟା ପୁଣି ଏୟାର ଇଣ୍ଡିଆର ମାଲିକାନା ହାସଲ କରିଛି। କେନ୍ଦ୍ର ସରକାର ଏୟାର ଇଣ୍ଡିଆକୁ ଘରୋଇକରଣ କରିବାକୁ ଦୀର୍ଘ ବର୍ଷ ହେବ ଚେଷ୍ଟା ଚଳାଇଥିଲେ। ୨୦୧୮ ମସିହାରେ କେନ୍ଦ୍ର ସରକାର ଏହି ସଂସ୍ଥାର ୭୬ ପ୍ରତିଶତ ବିକ୍ରି କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେତେବେଳେ ଏହାକୁ କିଣିବାକୁ କେହି ଆଗ୍ରହ ପ୍ରକାଶ କରି ନ ଥିଲେ। ଏୟାର ଇଣ୍ଡିଆ ଏୟାର ଲାଇନ୍ସ ଉପରେ ୨୦୧୯ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୬୦,୦୭୪ କୋଟି ବାକି ପଡ଼ିଥିଲା। ନୂଆ କ୍ରେତାଙ୍କୁ ୨୩,୨୮୬.୫ କୋଟିର କରଜ ବୋଝ ମୁଣ୍ଡାଇବାକୁ ପଡ଼ିବ। ଅବଶିଷ୍ଟ କରଜକୁ ଏୟାର ଇଣ୍ଡିଆ ଆସେଟ ହୋଲଡିଂ ଲିମିଟେଡକୁ ଟ୍ରାନ୍ସଫର କରି ଦିଆଯିବ।

### ନୋବେଲ ଶାନ୍ତି ପୁରସ୍କାର....

ସେହି ଭଳି ମୁରାଟୋଭ ୧୯୯୩ ରେ, ନୋଭାୟା ଗଜେଟା ନାମକ ଖବରକାଗଜର ପ୍ରତିଷ୍ଠା କରିଥିଲେ। ନିଜ ଖବରକାଗଜ ଜରିଆରେ ସେ ବାକ୍ ସ୍ୱାଧୀନତାକୁ ସୁରକ୍ଷା ଦେଇଥିବା ସହ ୧୯୯୫ମସିହାରୁ ଏହାର ମୁଖ୍ୟ ସମ୍ପାଦକ ଭାବରେ କାର୍ଯ୍ୟ କରିଆସୁଛନ୍ତି। ମୋଟ ୩୨୯ଜଣଙ୍କ ମଧ୍ୟରୁ ମାରିଆ ରେସା ଏବଂ ଦିମିତ୍ରି ମୁରାଟୋଭ ନୋବେଲ ଶାନ୍ତି ପୁରସ୍କାର ୨୦୨୧ପାଇଁ ମନୋନୀତ ହୋଇଛନ୍ତି। ନୋବେଲ ଶାନ୍ତି ପୁରସ୍କାର ବିଜେତାଙ୍କୁ ୧.୧ ମିଲିୟନ ଡଲାରର ପୁରସ୍କାର ରାଶି ପ୍ରଦାନ କରାଯିବ।

## କୃଷକ ନେତା ଅରୁଣ ଜେନା ସଡକ ଦୁର୍ଘଟଣାରେ ଆହତ

ବାଲିଆପାଳ,୦୮/୦୯ (ନି.ପ୍ର): କୃଷକ ନେତା ତଥା ବିଶିଷ୍ଟ ସମାଜସେବୀ ଅରୁଣ ଜେନା ବୁଧବାର ଭୁବନେଶ୍ୱରଠାରେ ଏକ ସଡକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଶ୍ରୀ ଜେନା ଜୟଦେବ ବିହାରରୁ ଏକ ଗୁରୁତ୍ୱପୂର୍ଣ୍ଣ କାମରେ ବିଦ୍ୟୁତ ମାର୍ଗ ରାସ୍ତାରେ ବାଇକ ଚଳାଇ ଯାଉଥିବା ବେଳେ ପଛପଟୁ ଅନ୍ୟ ଏକ ବାଇକରେ ଦୁଇ ଜଣ ନିଶାଗ୍ରସ୍ତ ଯୁବକ ଜୋରରେ ତାଙ୍କୁ ଆଘାତ ଦେଇଥିଲେ । ଶ୍ରୀ ଜେନା ସେମାନଙ୍କ ଆଘାତରେ ୮/୧୦ଫୁଟ ଆଗକୁ ଘୋଷାଡି ହୋଇ ବାଇକରୁ ରାସ୍ତାକୁ ଛିଟିକି ପଡିଥିଲେ। ଧକ୍କା ଦେଇଥିବା ଦୁଇ ବାଇକ ଆରୋହୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଶ୍ରୀ ଜେନାଙ୍କଠୁ ଖବର ପାଇଁ ତାଙ୍କର ବନ୍ଧୁ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ତାଙ୍କୁ ୬ ନମ୍ବର ମେଡିକାଲରେ ଭର୍ତି କରିଥିଲେ। ଶ୍ରୀ ଜେନାଙ୍କର ବାମ ପାଦ ଓ ଛାତିରେ ଆଘାତ ଲାଗିଛି । ଖବର ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ,ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଂପାଦକ ପ୍ରଭାସ କୁମାର ଆଚାର୍ଯ୍ୟ,ସମ୍ବାଦର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ,ସାମ୍ବାଦିକ ରବି ଦାସ,ପ୍ରଫୁଲ ସାନ୍ତରା,ଜୟନ୍ତ ଦାସ,ଗୌରାଙ୍ଗ ପାଣିଗ୍ରାହୀ, ସିପିଏମ ନେତା ଶିଶିର ହୁଇ ପ୍ରମୁଖ ଶ୍ରୀ ଜେନାଙ୍କ ଶୈଳଶ୍ରୀ ବିହାର ବାସଭବନକୁ ଯାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଶିକ୍ଷା ଉଦ୍ଦେଶ୍ୟରେ ଦାନ ହୋଇଥିବା ଜମି ଅନୁଷ୍ଠାନ ନାମରେ ରେକର୍ଡ ପାଇଁ ଦାବି



ବାରିପଦା,୦୮/୦୯ (ନି.ପ୍ର): ଜେଏମଏମ ମୟୂରଭଞ୍ଜ ଯୁବସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କୁ ରାଜ୍ୟସ୍ୱ ମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୨୮ ଜୁନ ୧୯୪୮ ମସିହାରେ ତତ୍କାଳିନ ମହାରାଣୀ ତକତ କୁମାରୀ ଉଚ୍ଚ ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାରିପଦା ତହସିଲ, ତକତପୁର ମୌଜାରେ ୨୬୮ ଏକର ୫୩ ଡେସିମିଲ ଜମି ଦାନ କରିଥିଲେ । ଏବଂ ଏହି ଜମୀର ଦାନପତ୍ର କବଲା ମଧ୍ୟ ସମ୍ପାଦନ କରିଦେଇ ଥିଲେ । ସେହି ଜମି ଉପରେ ମହାରଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୟୂରଭଞ୍ଜ ଆଇନ କଲେଜ, ସରକାରୀ ଆଇ.ଟି.ଆଇ. ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । କିନ୍ତୁ ସେହି ଜମି ବର୍ତ୍ତମାନ ସୁଦ୍ଧା କୌଣସି ଅନୁଷ୍ଠାନ ନାମରେ ରେକର୍ଡ କରାଯାଇ ନାହିଁ । ତେଣୁ ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ସେହି ଜମିକୁ ସଂପୃକ୍ତ ଅନୁଷ୍ଠାନ ନାମରେ ରେକର୍ଡ଼ କରାଯିବାପାଇଁ ଦୃଢ ଦାବୀ କରା ଉପସ୍ଥାପନ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ ସମୟରେ ମୟୂରଭଞ୍ଜ ଜେଏମଏମ ଯୁବ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଉପସଭାପତି ବିନ୍ଦୁ ଚନ୍ଦନ ହାଁସଦାଃ, ସାଧାରଣ ସମ୍ପାଦକ ଚୈତନ ସୋରେନ ଏବଂ ଶିବାନ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୫୨୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୮/୦୯(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୨୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୯୯୯୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୭ ହଜାର ୩୫୮ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୧୧୧ ରହିଛି । ଆଜି ଚିହ୍ନଟ ହୋଇଥିବା ୫୨୪ ଜଣଙ୍କ ମଧ୍ୟରୁ ୩୦୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୧୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୫୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬, ବାଲେଶ୍ୱରରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୭୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ, ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୮୨୩୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ, କନ୍ଧମାଳ, ନୟାଗଡ ଓ ସୁନ୍ଦରଗଡ ଜିଲ୍ଲାରୁ ୧-୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

## ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର ଅମାବାସ୍ୟା ଆସର ଭିତ୍ତି ପ୍ରବନ୍ଧ ଉପସ୍ଥାପିତ




ଭଦ୍ରକ,୦୮/୦୯ (ନି.ପ୍ର): ସ୍ଥାନୀୟ କେଶବ ନଗ ପ୍ରଜ୍ଞାପୀଠ ଠାରେ ଭଦ୍ରକର ଅନ୍ୟତମ ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର ୨୭ତମ ଅମାବାସ୍ୟା ଆସର ଅନୁଷ୍ଠିତ ହୋଇ ଯାଇଛି। ସଂଗଠନର ସଭାପତି ନାଟ୍ୟକାର ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ 'ଦିଶାହୀନ ଅର୍ଥନୀତି ଓ ଭବିଷ୍ୟତ ଭାରତ' ଶୀର୍ଷକ ଭିତ୍ତି ପ୍ରବନ୍ଧର ଆଷଲାଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଗାନ୍ଧୀବାଦୀ, ଅର୍ଥନୀତି ଗବେଷକ ପ୍ରଫେସର ଡ. ସୁଧୀର ଜେନା ଯୋଗ ଦେଇ ଭାରତ ବର୍ଷରେ ସରାକରରୀ ଆମେରିକା ପ୍ରଯୋଜିତ ବଜାର ଅର୍ଥନୀତି ପଦ୍ଧତିକୁ ଅନୁସରଣ କରୁଥିବାରୁ ଏହା ଆଜି ଦିଶାହୀନ ହୋଇଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ କବି ଡ. ଅବନୀ ପ୍ରଧାନ ଏବଂ ଅଧିବକ୍ତା ଗିରିଧାରୀ ନାଥ ଯୋଗ ଦେଇ ଭିତ୍ତି ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ। ସଂଗଠନ ପ୍ରତିଷ୍ଠାତା ସମ୍ପାଦକ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅଟଳ ବିହାରୀ ନାୟକ ଆସରରେ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ଭାନୁମତୀ ମାଟିଆ, ଅର୍ଜୁନ ଚରଣ ବାରିକ, ଅଧ୍ୟାପକ ନୀହାର ରଂଜନ କର, ଆଇନଜୀବୀ ହେମନ୍ତ କୁମାର ନାୟକ, ସମାଜସେବୀ ଅଶୋକ ମହାନ୍ତି, କାଳନ୍ଦୀ ମଲ୍ଲିକ, ଡ. ଲକ୍ଷ୍ମୀକାନ୍ତ ନାୟକ, ହରମୋହନ କୁଅଁର, ରଜତ ସାହୁ, ଅରୂପାନନ୍ଦ ନାୟକ, ସଂଜୟ ଚକ୍ରବର୍ତ୍ତୀ, ଅଧ୍ୟାପକ ଅମିତ ନାୟକ, ସ୍ୱାଗତିକା ସାହୁ ପ୍ରମୁଖ ଯୋଗ ଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ।

## ଦାଦାବଟି ଆଦାୟ ଅଭିଯୋଗରେ ଗିରଫ

ପୁରୀ, ୦୮/୦୯ (ନି.ପ୍ର): ବସ୍ଷ୍ଟାଣ୍ଡ ଅଞ୍ଚଳରେ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ନବକଳେବରରୋଡ଼୍ ଗଙ୍ଗାମଠ ବଗିଚାର ଜିତୁ ଓରଫ ଜିତେନ୍ଦ୍ର କୁମାର ସାହୁ(୩୦)କୁ କୁମ୍ଭାରପଡ଼ାଥାନା ପୁଲିସ ଗିରଫ କରିଛି। ଗତକାଲି ସନ୍ଧ୍ୟାରେ ଏଏସ୍ଆଇ ପ୍ରମୋଦ କୁମାର ଦଳାଇ ଥାନାର ଅନ୍ୟ କର୍ମଚାରୀମାନଙ୍କ ସହିତ ପାଟ୍ରୋଲିଂ କରୁଥିବା ସମୟରେ ବସ୍ଷ୍ଟାଣ୍ଡ ଅଞ୍ଚଳରେ ଜଣେ ବ୍ୟକ୍ତି ଦୋକାନୀମାନଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ଦାଦାବଟି ଆଦାୟ କରୁଥିବା ଖବର ପାଇଥିଲେ। ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରିବାକୁ ଉଦ୍ୟମ କରୁଥିବାବେଳେ ପୁଲିସକୁ ଧମକ ଦେଇ ସେ ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲା। ତେବେ ପୁଲିସ ତାକୁ କୌଶଳ କ୍ରମେ କାବୁ କରିନେଇଥିଲା। ପଚରା ଉଚରା ପରେ ଅଭିଯୁକ୍ତ ଦୋକାନୀମାନଙ୍କୁ ଧମକ ଦେଇ ଦାଦାବଟି ଆଦାୟ କୁରୁଥିବା ସ୍ୱୀକାର କରିଥିଲା । ଏସମ୍ପର୍କରେ ଗତକାଲି ଥାନାରେ ଅଭିଯୁକ୍ତ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍ର ୨୯୪,୩୫୩,୩୮୬ ଓ ୫୦୬ ଧାରାରେ ୩୬୭/୨୧ମାମଲା ରୁଜୁ କରି ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରା ନନ୍ଦ ସେଠୀ କହିଛନ୍ତି।

## ଜିଲ୍ଲାସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବ୍ୟାଙ୍କ ଅନ୍ତର୍ଭୁକ୍ତୀକରଣ ସଂପର୍କିତ କର୍ମଶାଳା




ବାରିପଦା,୦୮/୦୯ (ନି.ପ୍ର): ଓଡିଶା ଜୀବିକା ମିଶନ ତରଫରୁ ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତ୍ୱାବଧାନରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବ୍ୟାଙ୍କ ଅନ୍ତର୍ଭୁକ୍ତୀକରଣ ସମ୍ପର୍କୀତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ପ୍ରୟାସ ସମ୍ମିଳନୀ କକ୍ଷ ବାରିପଦାଠାରେ ତା.୦୭.୧୦.୨୦୨୧ ତାରିଖ ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କର୍ମଶାଳାରେ ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ.ର ପି.ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମମାଳା ମିଶ୍ର, ଡି.ଡି.ଏ.ମ୍ ନାବାର୍ଡ ଶ୍ରୀ ସ୍ମୃତିରଞ୍ଜନ ପଟ୍ଟନାୟକ, ଏଲ୍ଡିଏମ୍, ବ୍ୟାଙ୍କ ଅଫ ଇଣ୍ଡିଆ, ଦୁଲାରାମ ମାଝୀ ପ୍ରମୁଖ ସମେତ ସଂପୃକ୍ତ ବିଭାଗ ଜିଲ୍ଲାସ୍ତରୀୟ ସରକାରୀ ଅଧିକାରୀ, ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବ୍ଲକ୍ର ବିଡିଓ, ମିଶନ ଶକ୍ତି ଅଧିକାରୀ, ବ୍ୟାଙ୍କ ମିତ୍ରମାନେ ଓ ଜିଲ୍ଲାର ସମସ୍ତ ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ବିଭିନ୍ନ ପ୍ରକାର ଜୀବନ ଜୀବିକା କାର୍ଯ୍ୟ ହାତକୁ ନେଇ ସେମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ପରମର୍ଶ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାର ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ୧୯ ହଜାର ୪୫୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଋଣ ଯୋଗାଇଦେବା ପାଇଁ ବ୍ୟାଙ୍କ ଅଧିକାରୀ ଓ ମିଶନ ଶକ୍ତିର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ମଶାଳାରେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପି. ଅନ୍ୱେଷା ରେଡ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପରାମର୍ଶ ଦେବା ସହିତ ବିଭିନ୍ନ ଆୟ ଭିକ କାର୍ଯ୍ୟକ୍ରମ/ ଯୋଜନାରେ ଋଣ ସହାୟତା ପ୍ରଦାନ ସମ୍ବନ୍ଧୀୟ ସମସ୍ତ ସମସ୍ୟାକୁ ସମାଧାନ କରି ମହିଳାମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଋଣ ରାଶି ସର୍ବନିମ୍ନ ତିନି ଲକ୍ଷପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉପସ୍ଥିତ ବ୍ୟାଙ୍କ ଅଧିକାରୀମାନଙ୍କୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କର୍ମଶାଳାରେ ଉପସ୍ଥିତ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଗ୍ରାମାଳର ବିଭିନ୍ନ ଜୀବନ ଜୀବିକା କ୍ଷେତ୍ରରେ ସଫଳତା ହାସଲ କରିଥିବା ସେମାନଙ୍କର ସଫଳତାର କାହାଣୀ କର୍ମଶାଳାରେ ଉପସ୍ଥାପନ କରିଥିଲେ। ବିଭିନ୍ନ ବ୍ୟାଙ୍କର ଅଧିକାରୀ ଓ ବ୍ଲକ୍ର ଅଧିକାରୀମାନେ ଏସ୍ଏଚ୍ଜିମାନଙ୍କୁ କିପରି ସୁବିଧାରେ ଋଣ ଓ ବୀମା ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ କର୍ମଶାଳରେ ୧୪୪ଟି ଏସ୍ଏଚ୍ଜିଙ୍କୁ ବିଭିନ୍ନ ବ୍ୟାଙ୍କ ତରଫରୁ ୪ କୋଟି ୫୦ ଲକ୍ଷ ଟଙ୍କାର ଋଣ ରାଣି ପ୍ରଦାନ କରାଯାଇଥିଲା। ଗତ ଆର୍ଥିକ ବର୍ଷରେ ଜିଲ୍ଲାରେ ଏସ୍ଏଚ୍ଜି ବ୍ୟାଙ୍କ ଲିଂକେଜ୍ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଖୁଣ୍ଟା ବ୍ଲକକୁ ପ୍ରଥମ ପୁରସ୍କାର, ମୋରଡା ବ୍ଲକ୍କୁ ଦ୍ୱିତୀୟ ଓ କରଞ୍ଜିଆ ବ୍ଲକ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପରସ୍କୃତ କରାଯାଇଥିଲା। ସ୍ୱୟଂ ସହାୟକା ଗୋଷ୍ଠୀମାନଙ୍କ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ତରଫରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଉଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ୭୪୨୨ଟି ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ୧୪୯ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଚଳିତ ବର୍ଷ ସମୁଦାୟ ଜିଲ୍ଲାରେ୧୯ ହଜାର ୪୫୧ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୪୭୨ କୋଟି ଟଙ୍କାର ଋଣ ରାଶି ପ୍ରଦାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରାରମ୍ଭରେ ଓଡିଶା ଜୀବିକା ମିଶନ ତରଫରୁ ଡି.ପି.ଏମ୍. ଶ୍ରୀ ଅଜୟ ନାୟକ ସ୍ୱାଗତ ପରିଚୟ ପ୍ରଦାନ ପୂର୍ବକ କର୍ମଶାଳାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସର୍ବଶେଷରେ ମିଶନ ଶକ୍ତିର ଡିପିସି ଭାରତୀ ବେଶ୍ରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଦୀପକ କୁମାର ଷଡଙ୍ଗୀଙ୍କ ଅକାଳ ବିୟୋଗରେ ଶୋକ ସଭା



ବାରିପଦା,୦୮/୦୯ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ସଭା କକ୍ଷରେ ବାରିପଦାର ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଦୀପକ କୁମାର ଷଡଙ୍ଗୀଙ୍କ ଅକାଳ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏହି ଶୋକ ସଭାରେ ଉପସ୍ଥିତ ରହି ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଏହି ଶୋଭ ସଭାରେ ପୌରହିତ୍ୟ କରି କହିଥିଲେ ଯେ ମୟୂରଭଞ୍ଜ ଜିଲ୍ଲା ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଚେୟାରମେନ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସିଣ୍ଡିକେଟ ସଦସ୍ୟ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପୂବତନ ଅଧ୍ୟକ୍ଷ ପ୍ରଫେସର ଦୀପକ କୁମାର ଷଡଙ୍ଗୀକୁ ହରାଇଲା । ପ୍ରଫେସର ଦୀପକ କୁମାର ଷଡଙ୍ଗୀ ଶିକ୍ଷା କ୍ଷେତ୍ରରେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କ ଉଦ୍ୟମରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ପି.ଜି. ଶ୍ରେଣୀ ଖୋଲିବା ସହିତ ତାଙ୍କ ପ୍ରଚେଷ୍ଟାରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର ଏମ.ପି.ସି. ମହାବିଦ୍ୟାଳୟରେ ଖୋଲାଯାଇ ପାରିଥିଲା । ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ପ୍ରଫେସର ଦୀପକ କୁମାର ଷଡଙ୍ଗୀଙ୍କ ବିୟୋଗ ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଦୁଃଖଦ ଖବର । ଏଭଳି ଏକ ଦୁଃଖଦ ସମୟରେ ପ୍ରଭୁଶ୍ରୀ ଜଗନ୍ନାଥ ତାଙ୍କ ପରିବାରକୁ ସହାୟ ହୁଅନ୍ତୁ ଏବଂ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଦୀପକ କୁମାର ଷଡଙ୍ଗୀଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ବୋଲି ଶ୍ରୀମତୀ ହେମ୍ବ୍ରମ ତାଙ୍କ ଶୋକ ବାର୍ତ୍ତାରେ କହିଥିଲେ । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ ପି.ଜି. କାଉନସିଲ ଚେୟାରମେନ ପ୍ରଫେସର ଜଗନ୍ନାଥ ଲେଙ୍କା ତାଙ୍କ ଶୋକ ବାର୍ତ୍ତାରେ କହିଥିଲେ ଯେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଉନ୍ନତିକରଣରେ ପ୍ରଫେସର ଷଡଙ୍ଗୀଙ୍କ ଅବଦାନ ଅତୁଳନୀୟ ।

# ସୁନାମୀ ମୁକାବିଲା ପ୍ରସ୍ତୁତି ସଚେତନତା କର୍ମଶାଳା

ପୁରୀ,୦୮/୦୯ (ନି.ପ୍ର): ଭାରତ ମହାସାଗର ସୁନାମୀ ପ୍ରସ୍ତୁତି କାର୍ଯ୍ୟକ୍ରମ ଅଧିନରେ ନିଳାଦ୍ରୀ ବେଳାଭୂମୀରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏହି କର୍ମଶାଳାରେ ହୋଟେଲ ବ୍ୟବସାୟୀ, ସରକାରୀକର୍ମଚାରୀ, ସମୁଦ୍ର କୂଳ ଉଠା ଦୋକାନୀ ଓ ମତ୍ସ୍ୟଜୀବୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଉପସ୍ଥିତଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବିଶେଷଜ୍ଞ ଡକ୍ଟର ଭୋଳାନାଥ ମିଶ୍ର ଏଥିରେ ଯୋଗଦେଇ ସୁନାମୀ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଉପ କୂଳର ଗଞ୍ଜାମ, ଗୋପାଳପୁର, ପୁରୀ, କୋଣାର୍କ ଓ ପାରଦ୍ୱୀପ ଭଳି ୫ଟି ସହର ଓ ୩୩୦ଟି ଗ୍ରାମ୍ ସୁନାମୀ ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ସେହିପରି ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପୁରୀସଦର, ଗୋପ, କାକଟପୁର, ଅସ୍ତରଙ୍ଗ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ଓ ପୁରୀପୌରସଂସ୍ଥାର ୮୮ଟି ଗ୍ରାମ ସୁନାମୀ ପ୍ରଭାବିତ ଅଞ୍ଚଳ ଭାବେ ପରିଚିତ। ଆଗୁଆ ସୂଚନା ପାଇଁ ହାତରେ ଖୁବ୍‌କମ୍ ସମୟ ରହୁଥିବାରୁ ସୁନାମୀ ଦେଖାଦେଲେ ନିରାପଦ ରାସ୍ତାଦେଇ ଉପକୂଳରୁ ଦୁଇ କିଲୋମିଟର ଦୂରରେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ। ଆଗୁଆ ସୂଚନା ପାଇଁ ରାଜ୍ୟର ୧୨୨ ସ୍ଥାନରେ ସାଇରନ୍ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ପୁରୀ ପେଣ୍ଠକଟା ଆଶ୍ରୟ ସ୍ଥଳ,ସମୁଦ୍ରକୂଳ ଓ ବଳିଆପଣ୍ଡା ଥାନାର ୩ ଗୋଟି ସ୍ଥାନ ସହିତ ଜିଲ୍ଲାର ୨୬ ଟି ସ୍ଥାନରେ ଏହି ଉଚ୍ଚ ଶବ୍ଦ ସମ୍ପନ୍ନ ସାଇରନ୍ ବ୍ୟବସ୍ଥା କରାଯାଇଛି। ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏଥିରେ ଯୋଗଦେଇ ପୌର ପରିଷଦ ଅଧିନରେ ସୁନାମୀ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ଏ ସଂକ୍ରାନ୍ତିୟ ଯୋଜନା ପ୍ରସ୍ତୁତ କରି ପ୍ରଶାସନକୁ ଅବଗତ କରାଇବାକୁ ସେ ହୋଟେଲ ମାଲିକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ବ୍ୟକ୍ତି ବିଶେଷ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟଅଧିକାରୀ ଡ଼ାକ୍ତର ବିରଜା ଶଙ୍କର ରଥ,ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର,ଓସଡ଼ମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ କୁମାର ଦାଶ,ଫିଡ଼ ବ୍ୟାକ୍ ଫାଉଣ୍ଡେସନ୍‌ର ଜ୍ୟୋତି ପ୍ରକାଶ ଓ ସ୍ୱତନ୍ତ୍ର ଅଧିକାରୀ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ।

# ବାଲେଶ୍ୱରରେ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ

## ୧୩୩୨ଜଣଙ୍କୁ ୫୯.୨୩ କୋଟିର ଋଣ ମଞ୍ଜୁର

ବାଲେଶ୍ୱର,୦୮/୦୯ (ନି.ପ୍ର): ବାଲେଶ୍ୱର ଜିଲା ଅଗ୍ରଣୀ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କ ସମୂହଙ୍କ ପକ୍ଷରୁ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ସହରର ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୩୩୨ଜଣ ହିତାଧିକାରୀଙ୍କୁ ବିଭିନ୍ନ ବ୍ୟାଙ୍କ ତରଫରୁ ୫୯.୨୩ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଭାରତ ସରକାରଙ୍କ ଅର୍ଥନୈତିକ ସେବା ବିଭାଗ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଋଣ ପ୍ରଦାନ ଶିବିରକୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଉଦଘାଟନ ସହ ସମ୍ପ୍ରତି ବ୍ୟାଙ୍କ ସେବାରେ ଉଲେଖନୀୟ ଅଗ୍ରଗତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ବ୍ୟାଙ୍କମାନଙ୍କ ସହଯୋଗରୁ ଋଣ ପାଇବା ସହଜ ହୋଇପାରିଛି ବୋଲି ସେ କହିଥିଲେ। ତେବେ ଋଣ ପାଇବା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ କାଗଜପତ୍ର ଏବଂ ଏହାର ଆବେଦନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ବ୍ୟାଙ୍କମାନେ ସଚେତନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତେବେ ସରକାରୀ ସ୍କିମରେ କମ ସୁଧ ବା ରିଆତିରେ ଜନସାଧାରଣ କିପରି ଋଣ ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବା ସହ ବାଲେଶ୍ୱର ଜିଲାର ଜନସାଧରଣଙ୍କ ଆବଶ୍ୟକତା ଅନୁଯାୟୀ ବ୍ୟାଙ୍କମାନେ ଋଣ ପ୍ରଦାନ ଲାଗି ଆଗେଇ ଆସିବାକୁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଆହ୍ୱାନ ଦେଇଥିଲେ। ୟୁକୋ ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ଲଲାଟେନ୍ଦୁ ବେହେରା, ନାବାର୍ଡ଼ ଜିଲା ଉନ୍ନୟନ ଅଧିକାରୀ ତାପସ ରଞ୍ଜନ ପ୍ରଧାନ, ୟୁନିଅନ ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ଶଙ୍କର ହେମ୍ବ୍ରମ, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ସୁଦୀପ ଡାକୁଆ, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭାଶିଷ ମହାପାତ୍ର, ମତ୍ସ୍ୟ ବିଭାଗ ଉପ-ନିର୍ଦ୍ଦେଶକ ସନ୍ତୋଷ ଦଳେଇ ପ୍ରମୁଖ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ସରକାରୀ ଯୋଜନାରେ ମିଳୁଥିବା ଋଣ ଏବଂ ସବସିଡି ଉପରେ ଅତିଥିମାନେ ଆଲୋଚନା କରିଥିଲେ। କରୋନା ମହାମାରୀ ସମୟରେ ଅର୍ଥନୀତି ନିମ୍ନଗାମୀ ହୋଇଥିବା ବେଳେ ସରକାରୀ ଘୋଷିତ ପ୍ରୋତ୍ସାହନ ସ୍କିମକୁ କାର୍ଯ୍ୟକାରୀ କରିବା ଓ ସର୍ବସାଧାରଣଙ୍କୁ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବ୍ୟାଙ୍କ ଅଧିକାରୀମାନେ କହିଥିଲେ। ଆଜିର ଏହି ଶିବିରରେ ପିଏମଇଜିପି, ମୁଦ୍ରା ଋଣ, ପିଏମ ଷ୍ଟ୍ରିଟ୍ ଭେଣ୍ଡର, ପିଏମ ଖାଦ୍ୟ ପ୍ରକ୍ରିୟାକରଣ, ପିଏମ କିଶାନ ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆବେଦନକାରୀଙ୍କୁ ଋଣ ମଞ୍ଜୁରି କରାଯାଇଥିଲା। ଏଥି ସହିତ ବିଭିନ୍ନ ସାମାଜିକ ସୁରକ୍ଷା ସ୍କିମ ଯଥା- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଜୀବନଜ୍ୟୋତି ବୀମା ଯୋଜନା, ଅଟଳ ପେନସନ୍ ଯୋଜନାରେ ଗ୍ରାହକଙ୍କୁ ଅନୁବନ୍ଧିତ କରିବା, ଡିଜିଟାଲ ଦେଣନେଣକୁ ପ୍ରୋତ୍ସାହନ ଦେବା ଏବଂ ନିରାପତା ସତର୍କତା ଅବଲମ୍ବନ କରିବା, ଆର୍ଥିକ ଅନୁଶାସନ ପାଳନ କରିବା ଇତ୍ୟାଦି ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଯାଇଥିଲା। ଏହି ଶିବିରରେ ଜିଲାରେ କାର୍ଯ୍ୟରତ ପ୍ରାୟ ୨୫ଟି ସରକାରୀ, ବେସରକାରୀ ବ୍ୟାଙ୍କ ଅଂଶଗ୍ରହଣ କରି ନିଜ ନିଜ ଷ୍ଟଲ ମାଧ୍ୟମରେ ବ୍ୟାଙ୍କ ସ୍କିମଗୁଡିକର ପ୍ରଦର୍ଶନ କରିଥିଲେ। ଆସନ୍ତା ଅକ୍ଟୋବର ୨୭ତାରିଖ ଦିନ ଏଭଳି ଆଉ ଏକ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ବ୍ରିଟ୍ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହେବ ବୋଲି ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଶ୍ରୀ ଡାକୁଆ ସୂଚନା ଦେଇଥିଲେ।

# ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ବାଲେଶ୍ୱର,୦୮/୦୯ (ନି.ପ୍ର): ବାଲେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ପଞ୍ଚୁପାଲି ବ୍ୟତ୍ୟାଶ୍ରୟ ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚୁପାଲି ସମେତ ଆଖପାଖ ଅଞ୍ଚଳରୁ ୧୭୦ ଜଣ ରୋଗୀ ଏଥିରେ ଡାକ୍ତରଙ୍କ ଦ୍ୱାରା ଆଖି ପରୀକ୍ଷା କରାଇ ପରାମର୍ଶ ଓ ଔଷଧ ନେଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୬୫ ଜଣଙ୍କର ମୋତିଆବିନ୍ଦୁ ଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ତନ୍ମଧ୍ୟରୁ ୩୫ଜଣଙ୍କର ଅସ୍ତ୍ରୋପଚାର ରୋଟାରୀ ଚକ୍ଷୁ ଚିକିତ୍ସାଳୟରେ କରାଇବା ପାଇଁ ସ୍ଥିର କରାଯାଇଛି। ପଞ୍ଚୁପାଲିର ଚକ୍ଷୁ ଚିକିତ୍ସା ଶିବିରକୁ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଅଧ୍ୟକ୍ଷ ଡା. ମାତୃଦତ୍ତ ଦାସ, ଉପାଧ୍ୟକ୍ଷ ସୁଖମୟ ଦାସ, ପଦାରବିନ୍ଦ ମହାପାତ୍ର, ସିପ୍ରାରେଖା ମହାପାତ୍ର, ସ୍ଥାନୀୟ ସରପଞ୍ଚ ଦିଲୀପ ଗିରି, ବିଶ୍ୱନାଥ ପ୍ରଧାନ, ଅଧ୍ୟାପକ ଚିତ୍ତରଞ୍ଜନ ପ୍ରଧାନ, ରାଧାମାଧବ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ଚୋରା କେନ୍ଦୁପତ୍ର ପିକ୍‌ଅପ୍ ଜବତ୍ : ୧ ଅଟକ

ଜଳେଶ୍ୱର, ୮/୧୦(ନି.ପ୍ର) : ଆଜି ଶୁକ୍ରବାର ଦ୍ୱିପ୍ରହରରେ ସମ୍ବଲପୁର ଜିଲାର ରେଡାଖୋଲରୁ ପଶ୍ଚିମବଂଗ ଅଭିମୁଖେ ଯାଉଥିବା ଏକ ଚୋରା କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ବନବିଭାଗ କର୍ମଚାରୀମାନେ ବାଲେଶ୍ୱର ଜିଲାର ଜଳେଶ୍ୱର ଠାରେ ଜବତ୍ କରିଛନ୍ତି। ଏଥିରେ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଚୋରାରେ ଚାଲାଣ ହେଉଥିବା ବନବିଭାଗ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଓଡି୧୪ୟୁ୩୮୮୫ ପିକ୍‌ଅପ୍‌ଟି ଦ୍ରୁତ ଗତିରେ ଖସି ପଳାଇଯାଉଥିବା ବେଳେ ରାଜଘାଟଠାରୁ ବନବିଭାଗ କର୍ମଚାରୀମାନେ ଗୋଡାଇଥିଲେ। ଓଡିଶା-ପଶ୍ଚିମବଂଗ ସୀମାଠାରୁ ଉକ୍ତ ପିକ୍‌ଅପ୍‌କୁ ଜବତ୍ କରିବା ସହିତ ଡ୍ରାଇଭରକୁ ଅଟକ ରଖି ପଚାରାଉଚରା କରାଯାଉଥିବା ଜଣାଯାଇଛି। ପ୍ରକାଶଯୋଗ୍ୟ ଓଡିଶାରୁ ପଶ୍ଚିମବଂଗକୁ ଏହି ରାସ୍ତାରେ ଚୋରା କେନ୍ଦୁ ପତ୍ର, ଚନ୍ଦନକାଠ, ହାତୀଦାନ୍ତ, ବନ୍ୟଜାତ ଦ୍ରବ୍ୟ ଚୋରାରେ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ବନ୍ୟକର୍ମଚାରୀମାନେ ଏହାକୁ ଜବତ୍ କରୁଥିବା ବହୁ ନଜିର ରହିଛି।

# ଅପହରଣ ଓ ଦୁଷ୍କର୍ମ ମାମଲାରେ ନିର୍ଦ୍ଦୋଷରେ ଖଲାସ

ଜୟପୁର,୦୮/୦୯ (ନି.ପ୍ର): ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା ଜୟପୁର ସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ କୋର୍ଟ ରେ ରାୟ ପ୍ରକାଶ ପାଇଛି। ଜଜ ପ୍ରଦିପ କୁମାର ସାସମଲ ରାୟର ଶୁଣାଣି କରିଛନ୍ତି। ଅଭିଯୁକ୍ତ ଡମ୍ବୁଧର ଭତ୍ରାକୁ ନିର୍ଦୋଷରେ ଖଲାସ କରିଛନ୍ତି। ମାମଲା ବିବରଣି ରୁ ପ୍ରକାଶ ଯେ କୋଟପାଡ ଥାନା ଅଂଚଳରେ ଜଣେ ନାବାଳିକାକ ଶୌଚ ପାଇ ଯାଇଥିବା ବେଳେ ଅଭିଯୁକ୍ତ ନାବାଳିକାକୁ ଅପରହଣ କରି ଦୁର୍ଷମ କରିଥିବା ନେଇ କୋଟପାଡ ଥାନାରେ ଗତ ୧.୯.୧୫ ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୋଲିସ ଅଭିଯୁକ୍ତ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୪ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ କୁ ନିର୍ଦ୍ଦେଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ତରଫରୁ ଆଇନଜୀବି ମୁନା ସିଂ ଲାଲ,ମଣି ପ୍ରସାଦ ପଟ୍ଟନାୟକ, ଘନ ସ୍ୟାମ ବିଷୋୟି ଲଢୁଥିବା ଜଣାଯାଇଛି।

# ବାଲେଶ୍ୱରରେ 'ରିଏଲ ମି' ସ୍ମାର୍ଟ ଷ୍ଟୋର ଉଦ୍‌ଘାଟିତ

ବାଲେଶ୍ୱର,୦୮/୦୯ (ନି.ପ୍ର): ଦେଶର ଅନ୍ୟତମ ନିତ୍ୟ ବ୍ୟବହାର୍ଯ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯୋଗାଣକାରୀ ସଂସ୍ଥା 'ରିଏଲ ମି'ର ନୂତନ ସ୍ମାର୍ଟ ଷ୍ଟୋର ବାଲେଶ୍ୱର ସହରର ପୁଲିସ ଲାଇନ ଛକଠାରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଗୁଣବତା ବିଶିଷ୍ଟ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଯୋଗାଣରେ ଖାତି ଅର୍ଜନ କରିଥିବା 'ରିଏଲ ମି'ର ଏହି



ସ୍ମାର୍ଟ ଷ୍ଟୋର ସହର ସମେତ ଜିଲାବାସୀଙ୍କ ଚାହିଦା ପୂରଣରେ ବିଶେଷ ସହାୟକ ହେବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ। ରିଏଲ ମି ପ୍ରତିଷ୍ଠାନର ରାଜ୍ୟ ମୁଖ୍ୟ ନିଃଶ୍ଵଳଙ୍କ ମହାନ୍ତି, ଡିଷ୍ଟ୍ରିବ୍ୟୁଟର ସଞ୍ଜୀବ ପାଣିଗ୍ରାହୀ ଏଥିରେ ଯୋଗଦେଇ ବିଭିନ୍ନ ସାମଗ୍ରୀର ଗୁଣବତା ଓ ଗ୍ରାହକଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ରିଏଲ ମି ପକ୍ଷରୁ ଅଦ୍ୟାବଧି ଦେଶରେ ଶହେ ଗୋଟି ସ୍ମାର୍ଟ ଷ୍ଟୋର ଖୋଲିଥିବା ବେଳେ ଓଡ଼ିଶାର ରାଉରକେଲା ଓ ବାଲେଶ୍ୱରରେ ଏହାକୁ ମିଶାଇ ୨ ଗୋଟି ଷ୍ଟୋର ସ୍ଥାପନ କରାଯାଇଛି ବୋଲି ପ୍ରତିଷ୍ଠାନର ଦୁଇ ଅଧିକାରୀ କହିଛନ୍ତି। ବାଲେଶ୍ୱର ରିଏଲ ମି ସ୍ମାର୍ଟ ଷ୍ଟୋରର ସତ୍ତ୍ୱାଧିକାରୀ ପ୍ରିୟତୋଷ ପ୍ରଧାନ ଏହି ଉଦଘାଟନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ।

# ୬୦ ନଂ ଜାତୀୟ ରାଜପଥରେ ମାଛଟ୍ରକ୍ ବାଇକ୍ ମୁହାଁମୁହିଁ ଧକ୍କା : ୧ ମୃତ

ଜଳେଶ୍ୱର ୮/୧୦(ନି.ପ୍ର) : ଆଜି ଶୁକ୍ରବାର ମଧ୍ୟାହ୍ନରେ ୬୦ନଂ ଜାତୀୟ ରାଜପଥ ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟ ନନ୍ଦିକା ବାଇପାସ୍‌ଠାରେ ଏକ ମାଛଟ୍ରକ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଥିଲା। ତାକୁ ଜିକେଭଟ୍ଟର ହସ୍ପିଟାଲକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିବା ବେଳେ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇଥିଲେ। ବାଟରେ ମୃତ୍ୟୁ ହେବାରୁ ତାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀମାନେ ମୃତ ଶରୀରକୁ ଜିକେଭଟ୍ଟର ହସ୍ପିଟାଲକୁ ସଂଧ୍ୟା ୬ଟାରେ ଆଣି ପହଞ୍ଚିଥିଲେ। କିନ୍ତୁ ଡାକ୍ତର ବ୍ୟବଚ୍ଛେଦ କରିବେ ନାହିଁ ବୋଲି ରୋକଠୋକ୍ ମନାକଲାପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଜଳେଶ୍ୱର ଆଇଆଇସି ପ୍ରଜ୍ଞା ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଆସୁ ସମାଧାନ କରିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି। ପ୍ରକାଶଯୋଗ୍ୟ ୬୦ନଂ ଜାତୀୟ ରାଜପଥର ମରାମତି କାର୍ଯ୍ୟ ଚାଲୁଥିବାରୁ ଦୁର୍ଘଟଣାସ୍ଥାନ ବେରିକେଟ କରାଯାଇ ଏକପାଖିଆ ରାସ୍ତାରେ ଯାନ ଚଳାଚଳ କରୁଥିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ। ମୃତ ବ୍ୟକ୍ତିର ନାମ ରାୟାଁରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ କୈଳାଶ ଗିରିଙ୍କ ପୁତ୍ର ବରେନ୍ଦ୍ର ଗିରି (୩୮) ବୋଲି ଜଣା ପଡିଛି। ଦୁର୍ଘଟଣା ଘଟାଇଥିବା ମାଛଟ୍ରକର ନଂମ୍ବର ଏପି୦୭-ଟଏ-୨୧୩୩। ତାଙ୍କର ଅସହାୟ ବିଧବା ପତ୍ନୀ ଓ ନାବାଳକ ପୁତ୍ରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ବୁବୁ ଦାସ, ପ୍ରବିର ଦାସ, ମଧୁସୂଦନ ସେନାପତି, କୁଂଜବିହାରୀ ଦାସ ପ୍ରମୁଖ ବହୁ ବ୍ୟକ୍ତି ଦାବି ଜଣାଇଛନ୍ତି।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ବସ୍ତା,୮।୧୦(ନିପ୍ର): ରୂପସା ଗାଁର ଲକ୍ଷ୍ମୀଧର ପ୍ରଧାନଙ୍କ ପୁଅ ଚନ୍ଦନ(୨୮ବର୍ଷ) ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି ।ଘରୋଇ କଳିକୁ କେନ୍ଦ୍ରକରି ଚନ୍ଦନ ଗୁରୁବାର ବିଷ ଖାଇଦେଇଥିଲା ।ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା । ମାତ୍ର ସେଠାରେ ତାଙ୍କର ଶୁକ୍ରବାର ମୃତ୍ୟୁ ଘଟିଥିଲା ।ଏ ନେଇ ରୂପସା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଭେଷଜ ମହାବିଦ୍ୟାଳୟରେ ପିଜିଡିପ୍ଲମା ବିଭାଗ ଖୋଲିବା ପାଇଁ ପ୍ରସ୍ତୁତି

ବାଲେଶ୍ୱର,୦୮/୦୯ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ଭେଷଜ ମହାବିଦ୍ୟାଳରେ ପିଜିଡିପ୍ଲୋମା ବିଭାଗ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଦିଲୀ 'ଡିପ୍ଲମେଟ ଅଫ ନ୍ୟାସନାଲ ବୋର୍ଡ଼'(ଡିଏନବି)ର ଜଣକିଆ ଟିମ ଶୁକ୍ରବାର ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଡିଏନବି ଟିମର ମୁଖ୍ୟ ପ୍ରଫେସର ଡାକ୍ତର ସୁରେଇ ମୁର୍ମୁ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ଼ ବୁଲିବା ସହିତ ଏଠାକାର ଭିତ୍ତିଭୂମି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସବୁକିଛି ଠିକାଠାକ ଥିବା ବେଳେ ନୂଆ



ବିଭାଗ ଖୋଲିବା ଓ ପ୍ରାକ୍ଟିକାଲ କ୍ଲାସ କରିବାରେ ଏଠି କୌଣସି ସମସ୍ୟା ହେବ ନାହିଁ ବୋଲି ଡିଏନବି ପ୍ରତିନିଧି ସୂଚନା ଦେଇଛନ୍ତି। ପରିଦର୍ଶନ ବେଳେ ଇଏନଟି ବିଭାଗ ମୁଖ୍ୟ ଡାକ୍ତର ଅନୀଲ କୁମାର ଦାଶଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ।

# ଉପାନ୍ତ ଅଂଚଳ ଯାଇ ବାସ୍ତବ ସ୍ଥିତି ପରଖିବ ଗୃହ କମିଟି

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଓଡ଼ିଆ ଭାଷା ଗୃହ କମିଟି ବୈଠକ ଶୁକ୍ରବାର କମିଟି ଅଧକ୍ଷ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ସଚିବାଳୟରେ ୫୪ ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ଉକ୍ତ ବୈଠକରେ ସୀମାନ୍ତ ଅଂଚଳରେ ଓଡ଼ିଆ ଭାଷାର ବାସ୍ତବ ସ୍ଥିତି ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟରେ ଓଡ଼ିଆ ଭାଷାକୁ ଅଣଦେଖା କରାଯାଉଥିବା କମିଟି ହୃଦ୍‌ବୋଧ କରିଛି। ସେହିପରି ଅନ୍ୟ କେତେକ ସୀମାନ୍ତ ରାଜ୍ୟରେ ମଧ ଓଡ଼ିଆ ଭାଷାକୁ ଦ୍ୱିତୀୟ ଭାଷାରୁ ବାଦ୍ ଦିଆଯାଇଥିବାରୁ ଘୋର ଉଦ୍‌ବେଗ ପ୍ରକାଶ କରିଛି। ଓଡ଼ିଆ ଭାଷାର ପାଠ୍ୟପୁସ୍ତକ ଓଡ଼ିଶା ସରକାର ନିୟମିତ ଭାବରେ ଯୋଗାଇ ଦେଉଥିବା ଗୃହ କମିଟିକୁ ଅବଗତ କରାଯାଇଥିଲା। ତେବେ ସେଠାରେ କାର୍ଯ୍ୟରତ ଓଡ଼ିଆ ଶିକ୍ଷକଙ୍କ ଦରମା କମ୍ ହେଉଥିବା ଯୋଗୁଁ ସେମାନଙ୍କ ଦରମା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ଖାଲିଥିବା ଓଡ଼ିଆ ଶିକ୍ଷକ ପଦବୀ ତୁରନ୍ତ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଉପାନ୍ତ ଅଂଚଳରେ ଥିବା ବିଭିନ୍ନ ବିଦ୍ୟାଳୟର ବାସ୍ତବ ସ୍ଥିତି ପରଖିବା ପାଇଁ ଗୃହ କମିଟି ଉକ୍ତ ଅଂଚଳକୁ ଗସ୍ତରେ ଯିବେ ଏବଂ ସରକାରକୁ ରିପୋର୍ଟ ଦେବେ।

# ଭଞ୍ଜସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଗଣ ବିକ୍ଷୋଭ

ବାରିପଦା,୦୮/୦୯ (ନି.ପ୍ର): ପର୍ଯ୍ୟଟନ ଶିଳ୍ପ ମାଧମରେ ମୟୂରଭଞ୍ଜ ଜିଲ୍ଲାର ଲକ୍ଷାଧିକ ବେକାର ଯୁବକ ଯୁବତୀ ଆତ୍ମନିର୍ଭରଶୀଳ କରାଇବା ଦାବି ନେଇ ପୂର୍ବ ନିର୍ଦ୍ଧାରିତ ଘୋଷଣା ଅନୁସାରେ ଆଜି ଭଂଜସେନା ପକ୍ଷରୁ 'ସରକାର ମୋତେ ରୋଜଗାର ଦିଅ' ନାରା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣଧାରଣା ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଧାରଣାରେ ଜିଲ୍ଲାର କୋଣ ଅନୁକୋଣରୁ ହଜାର ହଜାର ଯୁବକ ଯୁବତୀ ସାମିଲ ହୋଇଥିଲେ। ଭଂଜସେନାର ପ୍ରତିଷ୍ଠାତା ଶ୍ରୀଯୁକ୍ତ କଳିଙ୍ଗ କେଶରୀ ଜେନାଙ୍କ ଅଧକ୍ଷତାରେ ଏବଂ ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଆଜିର ଏହି ଗଣବିକ୍ଷୋଭ ଶାନ୍ତିପୂର୍ଣ ଭାବେ ଅନୁଷ୍ଠିତ ହୋଇଥିବା ବେଳେ ଭଂଜସେନାର ଜିଲ୍ଲା କର୍ମକର୍ତ୍ତା ନେତୃମଣ୍ଡଳୀ ଓ ଆଗଧାଡ଼ିର ଯୁବଛାତ୍ର ନେତା ମାନେ ନିଜ




ଅଭିଭାଷଣରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୁରନ୍ତ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ପାଇଁ କୋହଭରା ନିବେଦନ କରିବା ସହିତ ଯଦି ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ମୟୁରଭଞ୍ଜର ଏହି ମୌଳିକ ସ୍ୱାର୍ଥ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନଯାଏ ତେବେ କେନ୍ଦ୍ର ରାଜ୍ୟରେ ସାଶନ କ୍ଷମତାରେ ଥିବା ବିଜେପି ଓ ବିଜେଡି ଦଳର ପ୍ରତ୍ୟେକ ନେତା ମନ୍ତ୍ରୀଙ୍କୁ ଗାଁଗାଁରେ ଅଣ୍ଡାମାଡ଼ ହେବ ବଲି ଚେତାବନୀ ଦିଆଯାଇଛି। ସରଳିଆ ମୟୁରଭଞ୍ଜିଆଙ୍କୁ ଭୁଆଁ ବୁଲାଇ ଆଉ ସସ୍ତା ରାଜନୀତି ଚାଲିବ ନାହିଁ ବୋଲି କୁହା ଯାଇଛି। ଆଜିର ଗଣବିକ୍ଷୋଭରେ ଭଂଜସେନା ପକ୍ଷରୁ ଏକ ବିରାଟ ବ୍ୟାନର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଡ଼ିଂ ହୋଇଥିଲା। ଯେଉଁ ବ୍ୟାନର ଜିଲ୍ଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀଗୁଡିକ ଚିତ୍ରିତ ହୋଇଥିଲା ଏବଂ ମୟୁରଭଞ୍ଜର ଐତିହମାନ ମଧ ଚିତ୍ରିତ ହୋଇଥିଲା। ତା ସହିତ ଆଜିର ସଭାରେ ମୟୁରଭଞ୍ଜ ଜିଲ୍ଲାର ଜଣେ ଜଣାଶୁଣା ଯୁବ କ୍ରୀଡ଼ାବିତ ଶ୍ରୀ ଅମିତ ପରିଡା ଭଂଜସେନା ସଂଗଠନ ସହ ସାମିଲ ହୋଇଥିଲେ ଏବଂ ତାଙ୍କୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପୁଷ୍ପ ଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଆଜିର ଏହି ବିଶାଳ ଗଣ ବିକ୍ଷୋଭ ସଭାକୁ ଭଂଜସେନା ଓ.ବି.ସି ସେଲ ସଭାପତି ରାକେଶ ବେହେରା ପରିଚାଳନା କରିଥିବା ବେଳେ, ଭଂଜସେନା ପୂର୍ବତନ ଅଧକ୍ଷ ସତ୍ୟସ୍ୱରୂପ ଦାଶ, ପୂର୍ବତନ କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ,ପୂର୍ବତନ ଉପାଦକ୍ଷ ନିମାଇଁ ତ୍ରିପାଠୀ, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ମହିଳା ଶାଖା ସଭାନେତ୍ରୀ ଚନ୍ଦନା ଦାସ, ଯୁବଶାଖା ସଭାପତି ମାନସ ବେହେରା, ଛାତ୍ର ଶାଖା ସଭାପତି ସୌମ୍ୟରଂଜନ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ.କେ.ରାଜାଖାନ, ବାରିପଦା ଉପଖଣ୍ଡ ସଭାପତି ତଥା ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ବାମନଘାଟି ଉପଖଣ୍ଡ ସଭାପତି ସୌମିତ କୁମାର ବଳ, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ହେମ୍ବ୍ରମ, ଜିଲ୍ଲା ସାଧାରଣ ସମ୍ପାଦକ ମୋହିତ ବିଶୋଇ, ଜିଲ୍ଲା ସାଂଗଠନିକ ସମ୍ପାଦକ ଧନଞ୍ଜୟ ସାହୁ, ପୂର୍ବତନ ଜିଲ୍ଲା ଉପସଭାପତି ଜିତୁ ଶିବାନନ୍ଦ, ଆଦିବାସୀ ସେଲ କାର୍ଯ୍ୟକାରୀ ସଭାପତି ଲକ୍ଷମଣ ଟୁଡୁ, ଆଦିବାସୀ ସେଲ କାର୍ଯ୍ୟକାରୀ ସଭାପତି ଶିବ ଶଙ୍କର ସିଂ, ବାରିପଦା ସହର ସଭାପତି ପ୍ରୀତମ ପଣ୍ଡା, ରାଇରଙ୍ଗପୁର ଟାଉନ ସଭାପତି ମୃତ୍ୟୁଞ୍ଜୟ ସାନ ଡାଙ୍ଗୁଆ, ଯୁବ ସଂଗଠକ ରାକେଶ ମହାନ୍ତି ପ୍ରମୁଖ ବହୁ କର୍ମୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ବିଶିଷ୍ଟ ଶିକ୍ଷାବିତ୍ ଓ ବ୍ୟଙ୍ଗ କବି ବିଷ୍ଣୁ ମୋହନ ବେହେରାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଉଦଳା,୦୮/୦୯ (ନି.ପ୍ର): କପ୍ତିପଦା ନିକଟ ବଡ଼ଖଲାଡ଼ି ଗ୍ରାମରେ ଜନ୍ମିତ ତଥା ଗତ ପବିତ୍ର ଗାନ୍ଧି ଜୟନ୍ତୀ ଦିନ ବାଲେଶ୍ୱର ଠାରେ ହୃଦଘାତ୍‌ରେ ସ୍ୱର୍ଗାରୋହଣ କରିଥିବା ବିଶିଷ୍ଟ ଶିକ୍ଷାବିତ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ୰ ବିଷ୍ଣୁ ମୋହନ ବେହେରାଙ୍କ ପାଇଁ ଉଦଳା ସାରସ୍ୱତ ମଞ୍ଚ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ପୂଜ୍ୟ ପୂଜାର ସଂପାଦକ ସର୍ବେଶ୍ୱର ମହାପାତ୍ରଙ୍କ ଆହ୍ୱାନ କ୍ରମେ ଆହୂତ ଏହି ସଭାରେ ବରିଷ୍ଠ ଆଇନଜିବୀ ତଥା ଉଦଳା ବାର ଆସୋସିଏସନର ସଂପାଦକ ବସନ୍ତ କୁମାର ପରିଡ଼ା ଅଧକ୍ଷତା କରିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ରବିକାନ୍ତ ମହାପାତ୍ର ସଭାର ଉଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭରେ ୰ ବେହେରାଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ, ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ ସହ ୨ ମିନିଟ



ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ଏହି କାର୍ଯ୍ୟରେ ଶିଳ୍ପୀ ରାଜାରାମ ବେହେରା ସହାୟତା କରିଥିଲେ। ଏହି ସ୍ମୃତି ସଭାରେ ବିଶିଷ୍ଟ କବି ତଥା ଅବସର ପ୍ରାପ୍ତ ଅଧକ୍ଷ ଦିଲୀପ କୁମାର ଦୀକ୍ଷିତ, ବରିଷ୍ଠ ଶିକ୍ଷାବିତ ତଥା ସାରସ୍ୱତ ସାଧକ ଲକ୍ଷ୍ମୀଧର ପୁଥାଳ, ରାମଚନ୍ଦ୍ର ସାହୁ, ପ୍ରଫୁଲ ଚନ୍ଦ୍ର ଖିଲାର, କିଶୋର ଚନ୍ଦ୍ର ଦାସବାବୁ, ଶତ୍ରୁଘ୍ନ ସାମଲ, ଏଡ଼ଭୋକେଟ ସତ୍ୟବ୍ରତ ମିଶ୍ର, ଗ୍ରନ୍ଥାଗାରିକ ମନୋରଂଜନ ମଲ୍ଲିକ, ସମାଜସେବୀ ପ୍ରମିଳା ପଣ୍ଡା, ନମିତା ରାଉତ, ରବିନ୍ଦ୍ର ଆଚାର୍ଯ୍ୟ ଓ ଆଶିଷ କୁମାର ମଲ୍ଲିକ ପ୍ରମୁଖ ୰ ବେହେରା ଜଣେ ଅତ୍ୟନ୍ତ ସରଳ, ନିରୀହ, ମେଳାପୀ, ମଜାଳିଆ ଓ ନିରହଂକାରୀ ବ୍ୟକ୍ତି ଥିଲେ ବୋଲି ବର୍ଣ୍ଣନା କରିବା ସହ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ଶେଷରେ ସାମ୍ବାଦିକ ସୁବ୍ରତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo